ସ୍ୱାଗତଂ ଓଡ଼ିଶା
# ଡୁମାଣୀ ଖବର
Dumani Khabar (Odia Daily)
R.N.I. Regd. No. ODIODI/2020/78914
P.O. Regd. No. : BN/290/23-25
Visit us: www.dumanikhabar.in • e-paper.dumanikhabar.in
DUMANI TV — Follow us:
ବର୍ଷ-୬ | ସଂଖ୍ୟା-୯୭ | ରବିବାର | ୨୯ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-97 | Sunday | 29 June 2025 | Bhubaneswar | Pages-8 | Rs. 2.00

# ଶରଧା ବାଲିରେ ତିନି ରଥ



## ଆଜି ଆଡ଼ପ ମଣ୍ଡପ ବିଜେ

ପୁରୀ, ୨୮।୬ (ଡିକେ ନ୍ୟୁଜ): ନବଦିନ ଯାତ୍ରାରେ ବାହାରିଥିବା ରଥାରୁଢ଼ ଦାରୁ ବିଗ୍ରହମାନଙ୍କ ତିନି ରଥ ଶରଧାବାଲିରେ ପହଞ୍ଚିଛି । ରବିବାର ଆଡ଼ପ ମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି । ଶୁକ୍ରବାର ରଥାରୁଢ଼ ଶ୍ରୀଜିଉମାନଙ୍କର ସର୍ବାଙ୍ଗ, ବେଶ ଓ ମଧ୍ୟାହ୍ନ ଧୂପ ଆଦି ନୀତି ଶେଷ ହେବାବେଳକୁ ରାତି ୪ଟା ୧୫ ହୋଇଥିଲା । ଫଳରେ ରଥାରୁଢ଼ ଶ୍ରୀଜିଉମାନଙ୍କ ରାତ୍ର ପହୁଡ଼ ହୋଇପାରି ନଥିଲା । ମହାପ୍ରଭୁଙ୍କ ନବଦିନ ଯାତ୍ରାର ଦ୍ୱିତୀୟ ଦିନରେ ଅର୍ଥାତ ଶନିବାର ସକାଳ ୭ଟା୧୦ରୁ ରଥାରୁଢ଼ ଶ୍ରୀଜିଉମାନଙ୍କର ମଙ୍ଗଳ ଆଳତି ଆରମ୍ଭ ହୋଇ ସକାଳ ୮ଟା ୪୫ରେ ଶେଷ ହୋଇଥିଲା । ପରେ ପରେ ତଡପଲାଗି, ମାଇଲମ, ଅବକାଶ ଓ ବେଶ ଆଦି ନୀତିପରେ ପୂର୍ବାହ୍ନ ସାଢେ ୯ଟାରେ ଆରମ୍ଭ ହୋଇଥିଲା ରଥ ଟଣା । ପ୍ରଥମେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ମଧ୍ୟାହ୍ନ ଗୋଟାଏ ୫ ମିନିଟ ସୁଦ୍ଧା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦଘୋଷ ରଥ ଶରଧାବାଲିରେ ପହଞ୍ଚିଥିଲା । ଅନୁକୂଳ ପାଗ ଯୋଗୁଁ ଶୁକ୍ରବାର ଭଳି ଶନିବାର ମଧ ଜନ ସମୁଦ୍ରରେ ପରିଣତ ହୋଇଥିଲା ଶ୍ରୀକ୍ଷେତ୍ର । ଶୁକ୍ରବାର ଠାରୁ ଶ୍ରୀଜଗନ୍ନାଥଙ୍କ ରଥ ଟାଣିବାକୁ ଅପେକ୍ଷାରତ ରାଜ୍ୟ ତଥା ରାଜ୍ୟ ବାହାରର ଲକ୍ଷାଧିକ ଶ୍ରଦ୍ଧାଳୁ ରବିବାର ନନ୍ଦିଘୋଷ ରଥ ଟାଣି ନିଜକୁ କୃତାର୍ଥମନେ କରିଥିଲେ । ଭକ୍ତଙ୍କ ହରିବୋଲ ହୁଳହୁଳି ସାଙ୍ଗକୁ ଜଗନ୍ନାଥ ଧ୍ୱନିରେ ଉଚ୍ଛୁଳି ପଡିଥିଲା ବଡଦାଣ୍ଡ । ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପଡିଥିଲା ମୁରୁଜର ଚିତା । ତେବେ ସିଂହଦ୍ୱାର ପରିବର୍ତ୍ତେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼ । ଶନିବାର ରଥ ଉପରେ ସମ୍ପନ୍ନ ହୋଇଥିଲା ମହାପ୍ରଭୁଙ୍କ ନୀତି କାନ୍ତି । ଶନିବାର ୪ଟା ୩୫ ସୁଦ୍ଧା ରଥ ଉପରେ ଗୋପାଳ ବଲ୍ଲଭ ଓ ଅପରାହ୍ନ ୫ଟା ୪୫ ସୁଦ୍ଧା ସକାଳ ଧୂପ ଶେଷ ହୋଇଥିଲା । ମଇଲାମ ପରେ ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ତିନି ରଥରେ ମହାସ୍ନାନ କରାଯାଇଥିଲା । ଶୁକ୍ରବାର ଭଳି ଆମ୍ବୁଲାନ୍ସ ପାଇଁ ସ୍ୱତନ୍ତ୍ର କରିଡ଼ର କରାଯାଇଥିଲା । ଯେକୌଣସି ଅଘଟଣକୁ ଏଡ଼ାଇବା ପାଇଁ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖାଯାଇଥିଲା । ଜନ ଗହଳି ମଧ୍ୟରେ ଥିବା ଲୋକମାନଙ୍କ ଉପରେ ଜଳ ସିଞ୍ଚନ କରାଯାଇଥିଲା । ସେଣ୍ଟ ଜନ ଆମ୍ବୁଲାନ୍ସ, ରେଡକ୍ରସ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଭଳି ବିଭିନ୍ନ ସ୍ୱେଚ୍ଛସେବୀ ଅନୁଷ୍ଠାନ ପକ୍ଷରୁ ଦର୍ଶନାର୍ଥୀମାନଙ୍କୁ ସେବା ଯୋଗାଇ ଦିଆଯାଇଥିଲା । ସେହିପରି ଶୁକ୍ରବାର ଭଳି ତିନି ରଥର କର୍ଡନ ତଥା ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ ଓ ଯୋଗାଯୋଗ ପାଇଁ ପୃଥକ ବ୍ୟବସ୍ଥା ହୋଇଥିଲା । ଜନସମାଗମକୁ ଦୃଷ୍ଟିରେ ରଖି ଶୁକ୍ରବାର ଭଳି ଯାନବାହାନ ଚଳାଚଳ ଏବଂ ପାର୍କିଂ ପାଇଁ ଟ୍ରାଫିକ କଟକଣା କଡାକଡି କରାଯାଇଥିଲା । ଆଣ୍ଟି ଡ୍ରୋନ୍, ଆଣ୍ଟି ସାବୋଟେଜ ଓ ଡଗସ୍କାଡ ସମେତ ୨୦୫ ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ । ସେମାନଙ୍କ ସହିତ ବିଏସଏଫ୍ ଓ ସିଆରପିଏଫ୍, ଆରପିଏଫ ଭଳି ୮ କମ୍ପାନୀ କେନ୍ଦ୍ରୀୟ ଫୋର୍ସଙ୍କୁ ଶନିବାର ମଧ ନିୟୋଜିତ କରାଯାଇଥିଲା । ସମୁଦ୍ରକୂଳ ସୁରକ୍ଷା ପାଇଁ ମେରାଇନ, କୋଷ୍ଟ ଗାର୍ଡ ଓ ନୌସେନା ପକ୍ଷରୁ ସତର୍କ ଦୃଷ୍ଟି ରଖାଯାଇଥିଲା । ଏଆଇ ସର୍ଭେ ସାଙ୍ଗକୁ ଆକାଶ ମାର୍ଗରୁ ତୀକ୍ଷ୍ଣ ନଜର ରଖାଯାଇଥିଲା । ରେଳ ଷ୍ଟେସନ, ବସଷ୍ଟାଣ୍ଡ, ସମୁଦ୍ରକୂଳ ଭଳି ଜନଗହଳି ପୂର୍ଣ୍ଣ ସ୍ଥାନରେ ସାଧା ପୋଷକଧାରୀ ପୋଲିସଙ୍କୁ ମୁତୟନ କରଯାଇଥିଲା । ସମୁଦ୍ର ବେଳାଭୂମୀ ଅଞ୍ଚଳରେ ନିୟୋଜିତ ହୋଇଥିଲେ ଲାଇଫ୍ ଗାର୍ଡ । ଭିଡ଼ ନିୟନ୍ତ୍ରଣ ଓ ଦର୍ଶନାର୍ଥିଙ୍କ ସୁରକ୍ଷା ପାଇଁ ଫୋର୍ସମାନଙ୍କ ସହିତ ପ୍ରାୟ ୧୦ ହଜାର ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା । ୨୧ଜଣ ଏସପି ପାହ୍ୟା ଅଧିକାରୀ, ୪୧ ଜଣ ଅତିରିକ୍ତ ଏସପି ପାହ୍ୟା ଅଧିକାରୀ, ୯୬ଜଣ ଡିଏସପି ପାହ୍ୟା ଅଧିକାରୀ ଏବଂ ୧୭୧ଜଣ ଇନ୍ସପେକ୍ଟର ସମଗ୍ର ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ ।

## ଆଚାର୍ଯ୍ୟ ଶ୍ରୀ ବିଦ୍ୟାନନ୍ଦଜୀ ମହାରାଜଙ୍କ ଶତବାର୍ଷିକୀ ସମାରୋହରେ ଉଦବୋଧନ ଦେଲେ ପ୍ରଧାନମନ୍ତ୍ରୀ

# ଭାରତ ବିଶ୍ୱର ସର୍ବପ୍ରାଚୀନ ଜୀବନ୍ତ ସଭ୍ୟତା: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୮।୬ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆଚାର୍ଯ୍ୟ ଶ୍ରୀ ବିଦ୍ୟାନନ୍ଦ ଜୀ ମହାରାଜଙ୍କ ଶତବାର୍ଷିକୀ ସମାରୋହରେ ଉଦବୋଧନ ଦେଇଥିଲେ । ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶ ଭାରତର ଆଧ୍ୟାତ୍ମିକ ପରମ୍ପରାରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଦେଖୁଛି ଏବଂ ଆଚାର୍ଯ୍ୟ ଶ୍ରୀ ବିଦ୍ୟାନନ୍ଦ ଜୀ ମୁନିରାଜଙ୍କ ଶତବାର୍ଷିକୀ ସମାରୋହର ପବିତ୍ରତା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ପୂଜ୍ୟ ଆଚାର୍ଯ୍ୟଙ୍କ ଅମର ପ୍ରେରଣାରେ ପରିପୂର୍ଣ୍ଣ ଏହି କାର୍ଯ୍ୟକ୍ରମ ଏକ ଅସାଧାରଣ ଏବଂ ଉତ୍ସାହଜନକ ପରିବେଶ ସୃଷ୍ଟି କରୁଛି । ପ୍ରଧାନମନ୍ତ୍ରୀ ଉପସ୍ଥିତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ହେବାର ସୁଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ । ଆଜିର ଦିନଟି ଅନ୍ୟ ଏକ କାରଣ ପାଇଁ ମଧ ବିଶେଷ ଗୁରୁତ୍ୱ ରଖେ ବୋଲି ଉଲ୍ଲେଖ କରି ଶ୍ରୀ ମୋଦି ମନେ ପକାଇଥିଲେ ଯେ ୨୮ ଜୁନ୍ ୧୯୮୭ରେ ଆଚାର୍ଯ୍ୟ ଶ୍ରୀ ବିଦ୍ୟାନନ୍ଦ ଜୀ ମୁନିରାଜଙ୍କୁ ଆନୁଷ୍ଠାନିକ ଭାବରେ 'ଆଚାର୍ଯ୍ୟ' ଉପାଧିରେ ସମ୍ମାନିତ କରାଯାଇଥିଲା । ସେ ଗୁରୁତ୍ୱାରୋପ କରିଥିଲେ ଯେ ଏହା କେବଳ ଏକ ଉପାଧି ନଥିଲା ବରଂ ଏକ ପବିତ୍ର ଧାରାର ଆରମ୍ଭ ଥିଲା ଯାହା ଜୈନ ପରମ୍ପରାକୁ ଚିନ୍ତନ, ଶୃଙ୍ଖଳା ଏବଂ କରୁଣାର ଆତ୍ମା ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଯେତେବେଳେ ସମଗ୍ର ଦେଶ ଆଚାର୍ଯ୍ୟ ବିଦ୍ୟାନନ୍ଦ ଜୀ ମୁନିରାଜଙ୍କ ଶତବାର୍ଷିକୀ ପାଳନ କରୁଛି, ଏହି ତାରିଖ ଆମକୁ ସେହି ଐତିହାସିକ ମୁହୂର୍ତ୍ତର ମନେ ପକାଇ ଦେଉଛି । ଆଚାର୍ଯ୍ୟ ଶ୍ରୀ ବିଦ୍ୟାନନ୍ଦ ଜୀ ମୁନିରାଜଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସମସ୍ତେ ଆଚାର୍ଯ୍ୟଙ୍କ ଆଶୀର୍ବାଦ ପାଆନ୍ତୁ ଶ୍ରୀ ମୋଦି କାମନା କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଶ୍ରୀ ବିଦ୍ୟାନନ୍ଦ ଜୀ ମୁନିରାଜଙ୍କ ଶତବାର୍ଷିକୀ ପାଳନ କୌଣସି ସାଧାରଣ ଘଟଣା ନୁହେଁ, ଏହା ଏକ ଯୁଗ ଏବଂ ଜଣେ ମହାନ ତପସ୍ୱୀଙ୍କ ଜୀବନର ସ୍ମରଣ କରାଏ । ଏହି ଐତିହାସିକ ଅବସରକୁ ପାଳନ କରିବା ପାଇଁ ସ୍ୱତନ୍ତ୍ର ସ୍ମାରକୀ ମୁଦ୍ରା ଏବଂ ଡାକ ଟିକେଟ୍ ପ୍ରକାଶ କରାଯାଇଛି ବୋଲି ସେ ଆଲୋକପାତ କରିଥିଲେ । ଶ୍ରୀ ମୋଦୀ ଆଚାର୍ଯ୍ୟ ଶ୍ରୀ ପ୍ରଜ୍ଞାସାଗର ଜୀଙ୍କୁ ବିଶେଷ ଭାବରେ ଧନ୍ୟବାଦ ଜଣାଇଥିଲେ ଏବଂ କହିଥିଲେ ଯେ ତାଙ୍କ ମାର୍ଗଦର୍ଶନରେ ଲକ୍ଷ ଲକ୍ଷ ଅନୁଗାମୀ ପୂଜ୍ୟ ଗୁରୁଙ୍କ ଦ୍ୱାରା ପ୍ରଦର୍ଶିତ ପଥ ଅନୁସରଣ କରୁଛନ୍ତି । ଶ୍ରୀ ମୋଦି କହିଥିଲେ ଯେ ଏହି ଅବସରରେ ତାଙ୍କୁ 'ଧର୍ମ ଚକ୍ରବର୍ତ୍ତୀ' ଉପାଧିରେ ସମ୍ମାନିତ କରାଯାଇଛି ଏବଂ ବିନମ୍ରତା ସହିତ ପ୍ରକାଶ କରିଥିଲେ ଯେ ଭାରତୀୟ ପରମ୍ପରା ସନ୍ଥମାନଙ୍କଠାରୁ ଯାହା କିଛି ପ୍ରାପ୍ତ ହୁଏ ତାହାକୁ ଆଶୀର୍ବାଦ ଭାବରେ ଗ୍ରହଣ କରିବାକୁ ଶିକ୍ଷା ଦିଏ । ତେଣୁ, ସେ ବିନମ୍ରତା ସହିତ ଏହି ଉପାଧି ଗ୍ରହଣ କରି ଭାରତ ମାତାଙ୍କ ପାଦରେ ଏହାକୁ ଉତ୍ସର୍ଗ କରିଥିଲେ । ତାଙ୍କ ଜୀବନସାରା ମାର୍ଗଦର୍ଶକଭାବରେ କାର୍ଯ୍ୟ କରିଥିବା ଏହି ଦିବ୍ୟ ଆତ୍ମାଙ୍କ ସହିତ ତାଙ୍କର ଗଭୀର ଭାବପ୍ରବଣ ସମ୍ପର୍କକୁ ପ୍ରକାଶ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏପରି ଜଣେ ପୂଜ୍ୟ ବ୍ୟକ୍ତିତ୍ୱଙ୍କ ବିଷୟରେ କଥା ହେବା ସ୍ୱାଭାବିକ ଭାବରେ ଗଭୀର ଭାବନାକୁ ଉନ୍ମୋଚନ କରେ । ସେ କହିଥିଲେ ଯେ ଶ୍ରୀ ବିଦ୍ୟାନନ୍ଦ ଜୀ ମୁନିରାଜଙ୍କ ବିଷୟରେ କହିବା ପରିବର୍ତ୍ତେ, ସେ ତାଙ୍କୁ ପୁଣି ଥରେ ଶୁଣିବାର ସୌଭାଗ୍ୟ ପାଇବାକୁ ଇଚ୍ଛା କରୁଥିଲେ । ସେ କହିଥିଲେ ଯେ ଏପରି ଜଣେ ମହାନ ବ୍ୟକ୍ତିତ୍ୱଙ୍କ ଯାତ୍ରାକୁ ଶବ୍ଦରେ ପ୍ରକାଶ କରିବା ଏକ ସହଜ କାମ ନୁହେଁ । ସେ କହିଥିଲେ ଯେ ଆଚାର୍ଯ୍ୟ ବିଦ୍ୟାନନ୍ଦ ଜୀ ମୁନିରାଜ ୨୨ ଏପ୍ରିଲ ୧୯୨୫ରେ କର୍ଣ୍ଣାଟକର ପବିତ୍ର ଭୂମିରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କୁ 'ବିଦ୍ୟାନନ୍ଦ' ଆଧ୍ୟାତ୍ମିକ ନାମ ଦିଆଯାଇଥିଲା । ସେ ଆଲୋକପାତ କରିଥିଲେ ଯେ ଆଚାର୍ଯ୍ୟଙ୍କ ଜୀବନ ଜ୍ଞାନ ଏବଂ ଆନନ୍ଦର ଏକ ଅନନ୍ୟ ମିଶ୍ରଣ ଥିଲା । ତାଙ୍କର ଭାଷଣ ଗଭୀର ଜ୍ଞାନରେ ପରିପୂର୍ଣ୍ଣ ଥିଲା, ତଥାପି ତାଙ୍କ ବାଣୀ ଏତେ ସରଳ ଥିଲା ଯେ ଯେକୌଣସି ବ୍ୟକ୍ତି ସେଗୁଡ଼ିକୁ ବୁଝିପାରିବେ । ପ୍ରଧାନମନ୍ତ୍ରୀ ଆଚାର୍ଯ୍ୟ ଶ୍ରୀ ବିଦ୍ୟାନନ୍ଦ ଜୀ ମୁନିରାଜଙ୍କୁ 'ଯୁଗ ଦ୍ରଷ୍ଟା' ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ସେ ୧୫୦ରୁ ଅଧିକ ଧର୍ମଗ୍ରନ୍ଥ ରଚନା କରିଥିଲେ, ହଜାର ହଜାର କିଲୋମିଟର ଖାଲି ପାଦରେ ଯାତ୍ରା କରିଥିଲେ ଏବଂ ତାଙ୍କ ଅକ୍ଳାନ୍ତ ପ୍ରୟାସ ଦ୍ୱାରା ଲକ୍ଷ ଲକ୍ଷ ଯୁବକଙ୍କୁ ଧର୍ମଗ୍ରନ୍ଥ ଏବଂ ସାଂସ୍କୃତିକ ମୂଲ୍ୟବୋଧ ସହିତ ଯୋଡ଼ିଥିଲେ । ସେ କହିଥିଲେ ଯେ ଏହା ତାଙ୍କର ସୌଭାଗ୍ୟ ଯେ ତାଙ୍କୁ ଆଚାର୍ଯ୍ୟଙ୍କ ଆଧ୍ୟାତ୍ମିକ ଆଭାକୁ ବ୍ୟକ୍ତିଗତ ଭାବରେ • ପୃଷ୍ଠା ୭ ଦେଖନ୍ତୁ...

# ଆଜିଠୁ ରତ୍ନଭଣ୍ଡାର ମରାମତି କାମ

## ସୁନା ଛାଉଣିହେବ ରତ୍ନଭଣ୍ଡାର କବାଟ



ପୁରୀ, ୨୮।୬ (ଡିକେ ନ୍ୟୁଜ୍): ରବିବାରଠାରୁ ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି କାମ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବରୁ ଏଥିପାଇଁ ସୂଚନା ଦିଆଯାଇଥିଲା । ଏହି ସମୟ ଅବଧି ମଧ୍ୟରେ ବାହାର ରତ୍ନଭଣ୍ଡାର କବାଟକୁ ସୁନା ଛାଉଣି କରିବାକୁ ଯୋଜନା ରହିଥିବାବେଳେ ଏଥିପାଇଁ ବର୍ମାଟିକ୍ କାଠର ବ୍ୟବହାର କରାଯିବ ବୋଲି ସୂଚନା ମିଳିଛି । ବିଶ୍ୱ ପ୍ରସିଦ୍ଧ ରଥ ଯାତ୍ରାରେ ରତ୍ନସିଂହାସନ ଛାଡ଼ି ମହାପ୍ରଭୁ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ଧରି ନବଦିନାତ୍ମକ ଯାତ୍ରାରେ ଶ୍ରୀଗୁଣ୍ଡିଚାମନ୍ଦିର ଜନ୍ମବେଦୀ ଅଭିମୁଖେ ବାହାରି ସାରିଛନ୍ତି । ମହାପ୍ରଭୁ ଜନ୍ମ ବେଦୀରେ ଅବସ୍ଥାନ କରୁଥିବା ଅବଧି ମଧ୍ୟରେ ପୁଣି ଆରମ୍ଭ ହେବାକୁ ଯାଉଛି ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ । ୮ ଦିନ ମଧ୍ୟରେ କାମ ଶେଷ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିବାବେଳେ ଶୃଙ୍ଖଳିତ ଓ ବ୍ୟବସ୍ଥିତ ମରାମତି କାର୍ଯ୍ୟ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ମରାମତି ସମୟରେ ପ୍ରାୟ ୯୦ଟି ପଥର ବଦଳାଯିବାର ସମ୍ଭାବନା ରହିଛି । ପ୍ରତିଦିନ ଦୁଇଟି ସିଫ୍ଟରେ ମରାମତି କାମହେବ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଏନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଏଏସ୍ଆଇ ଅଧିକାରୀଙ୍କ ଆଲୋଚନା ଚାଲିଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ଗତ ଡିସେମ୍ବର ୧୭ ତାରିଖ ଠାରୁ ରତ୍ନଭଣ୍ଡାର ସଂରକ୍ଷଣ ଓ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା । ୩ମାସ ମଧ୍ୟରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ ହେବ ବୋଲି ଏଏସଆଇ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିଲା । ତେବେ ବିଭିନ୍ନ ପର୍ବପର୍ବାଣୀ ସାଙ୍ଗକୁ ନିର୍ଦ୍ଦିଷ୍ଟ କେତେକ ଛୁଟି ଦିବସରେ ଦର୍ଶନାର୍ଥୀଙ୍କ ଭିଡକୁ ଦୃଷ୍ଟିରେ ରଖି ମହାପ୍ରଭୁଙ୍କ ଶୃଙ୍ଖଳିତ ନୀତି ସମ୍ପାଦନ ଲାଗି ରତ୍ନଭଣ୍ଡାର ମରାମତି କାମ ବାରମ୍ବାର ବାଧାପ୍ରାପ୍ତ ହେଉଥିବାରୁ ଏହି ଅବଧି ବୃଦ୍ଧି କରିବାକୁ ଏଏସଆଇ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ଏଏସଆଇର ପ୍ରସ୍ତାବକୁ ବିଚାରକୁ ନିଆଯାଇ ସ୍ନାନପୂର୍ଣ୍ଣିମା ପୂର୍ବରୁ ରତ୍ନଭଣ୍ଡାର ମରାମତି ଶେଷ କରିବାକୁ କୁହାଯାଇଥିଲା । ତେବେ ମାରମତି କାମ ଶେଷ ହେବାରେ ବିଳମ୍ବ ଯୋଗୁଁ ରଥଯାତ୍ରା ସମୟରେ ଏହି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିଲା ।

# ଜୁଲାଇ ୨ରୁ ପ୍ରଧାନମନ୍ତ୍ରୀଙ୍କ ଘାନା, ତ୍ରିନିଦାଦ ଏବଂ ଟୋବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ ଏବଂ ନାମିବିୟା ଗସ୍ତ



ନୂଆଦିଲ୍ଲୀ, ୨୮।୬ (ହି.ସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁଲାଇ ୨ ଓ ୩ ତାରିଖରେ ଘାନା ଗସ୍ତରେ ଯିବେ । ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଦ୍ୱିପକ୍ଷୀୟ ଘାନା ଗସ୍ତ । ତିନି ଦଶନ୍ଧି ପରେ ଭାରତର କୌଣସି ପ୍ରଧାନମନ୍ତ୍ରୀ ଘାନା ଗସ୍ତରେ ଯାଉଛନ୍ତି । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଘାନାର ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବେ । ଦୃଢ ଦ୍ୱିପାକ୍ଷିକ ସହଯୋଗର ସେ ସମୀକ୍ଷା କରିବା ସହ ଆର୍ଥିକ, ଶକ୍ତି, ପ୍ରତିରକ୍ଷା କ୍ଷେତ୍ରରେ ସମ୍ପର୍କ ଏବଂ ସହଭାଗିତା ସହଯୋଗ ବୃଦ୍ଧିର ସୁଯୋଗ ବାବଦରେ ଆଲୋଚନା କରିବେ । ଏହି ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ବୃଦ୍ଧି କରିବା ଦିଗରେ ଦୁଇ ଦେଶର ପ୍ରତିବଦ୍ଧତାକୁ ନିଶ୍ଚିତ କରିବା ସହ ଇକୋୱାସ (ଇକୋନୋମିକ କମ୍ୟୁନିଟି ଅଫ ୱେଷ୍ଟ ଆଫ୍ରିକା ଷ୍ଟେଟସ ) ଏବଂ ଆଫ୍ରିକାନ ୟୁନିଅନରେ ଭାରତର ସହଭାଗିତାକୁ ଦୃଢ କରିବ । ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ତ୍ରିନିଦାଦ ଓ ଟୋବାଗୋ ରିପବ୍ଲିକର ପ୍ରଧାନମନ୍ତ୍ରୀ ମହାମହିମ କମଲା ପରସାଦ ବିସେସାରଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଜୁଲାଇ ୩-୪, ୨୦୨୫ରେ ତ୍ରିନିଦାଦ ଓ ଟୋବାଗୋକୁ ସରକାରୀ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ଭାବେ ଏହା ତାଙ୍କର ତ୍ରିନିଦାଦ ଓ ଟୋବାଗୋକୁ ପ୍ରଥମ ଗସ୍ତ ହେବ । ୧୯୯୯ ମସିହା ପରେ ପ୍ରଥମ ଦ୍ୱିପକ୍ଷୀୟ ପ୍ରଧାନମନ୍ତ୍ରୀ ସ୍ତରୀୟ ଗସ୍ତ । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ତ୍ରିନିଦାଦ ଓ ଟୋବାଗୋର ରାଷ୍ଟ୍ରପତି ମହାମହିମ ଖ୍ରୀଷ୍ଟିନେ କାର୍ଲା କଙ୍ଗାଲୋଙ୍କ ସହ ଭାରତ ଓ ତ୍ରିନିଦାଦ-ଟୋବାଗୋ ସମ୍ପର୍କକୁ ସୁଦୃଢ କରିବାକୁ ଆଲୋଚନା କରିବେ । ତ୍ରିନିଦାଦ ଓ ଟୋବାଗୋ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରିବା ଆଶା କରାଯାଏ । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦୁଇ ଦେଶ ମଧ୍ୟରେ ଥିବା ଗଭୀର ଓ ଐତିହାସିକ ସମ୍ପର୍କକୁ ତାଜା ପ୍ରେରଣା ଦେବ । ଗସ୍ତର ତୃତୀୟ ପର୍ଯ୍ୟାୟରେ ରିପବ୍ଲିକ ଅଫ ଆର୍ଜେଣ୍ଟିନାର ରାଷ୍ଟ୍ରପତି ମହାମହିମ ଜାଭିଏର ମିଲେଇଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଜୁଲାଇ ୪-୫, ୨୦୨୫ରେ ସରକାରୀ ଗସ୍ତରେ ଆର୍ଜେଣ୍ଟିନା ଯିବେ । ରାଷ୍ଟ୍ରପତି ମିଲେଇଙ୍କ ସହ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ପ୍ରତିରକ୍ଷା, କୃଷି, ଖଣି, ତୈଳ ଏବଂ ଗ୍ୟାସ୍, ନବୀକରଣୀୟ ଶକ୍ତି, ବାଣିଜ୍ୟ ଏବଂ ନିବେଶ ଏବଂ ଲୋକଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଆଦି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ସହଯୋଗ ଓ ସହଭାଗିତାକୁ ଅଧିକ ସୁଦୃଢ କରିବା ଉପରେ ଆଲୋଚନା ହେବ । ପ୍ରଧାନମନ୍ତ୍ରୀଙ୍କ ଦ୍ୱିପକ୍ଷୀୟ ଗସ୍ତ ଭାରତ ଓ ଆର୍ଜେଣ୍ଟିନା ମଧ୍ୟରେ ବହୁମୁଖୀ ରଣନୀତିକ ସହଯୋଗିତାକୁ ଅଧିକ ଗଭୀର କରିବ । ଗସ୍ତର ଚତୁର୍ଥ ପର୍ଯ୍ୟାୟରେ ଫେଡେରେଟିଭ ରିପବ୍ଲିକ ଅଫ ବ୍ରାଜିଲର ରାଷ୍ଟ୍ରପତି ମହାମହିମ ଲୁଇଜ ଇନାସିଓ ଲୁଲା ଦା ସିଲଭାଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଜୁଲାଇ ୫-୮, ୨୦୨୫ରେ ବ୍ରାଜିଲ ଗସ୍ତରେ ଯିବେ । ଏହି ସରକାରୀ ଗସ୍ତ ଅବସରରେ ସେ ସପ୍ତଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗ ଦେବେ । ଏହା ହେବ ପ୍ରଧାନମନ୍ତ୍ରୀଙ୍କ ଚତୁର୍ଥ ବ୍ରାଜିଲ ଗସ୍ତ । ସପ୍ତଦଶ ବ୍ରିକ୍ସ ନେତାଙ୍କ ଶିଖର ସମ୍ମିଳନୀ ରିଓ ଡି ଜେନେରୋରେ ଅନୁଷ୍ଠିତ ହେବ । ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ବୈଶ୍ୱିକ ପ୍ରଶାସନରେ ସଂସ୍କାର, ଶାନ୍ତି ଓ ନିରାପତ୍ତା, ବହୁପକ୍ଷବାଦକୁ ସୁଦୃଢ କରିବା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ସଦବ୍ୟବହାର, ଜଳବାୟୁ କାର୍ଯ୍ୟାନୁଷ୍ଠାନ, ବୈଶ୍ୱିକ ସ୍ୱାସ୍ଥ୍ୟ, ଆର୍ଥିକ ଏବଂ ବିତ୍ତୀୟ ବ୍ୟବସ୍ଥା ଆଦି ସମେତ ଅନେକ ବୈଶ୍ୱିକ ପ୍ରସଙ୍ଗରେ ମତ ବିନିମୟ କରିବେ । ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ଅନେକ ଦ୍ୱିପାକ୍ଷିକ ବୈଠକରେ ମଧ ଯୋଗଦେବେ । ବ୍ରାଜିଲକୁ ସରକାରୀ ଗସ୍ତ ଭାବେ ପ୍ରଧାନମନ୍ତ୍ରୀ ବ୍ରାସିଲିଆ ଯିବେ, ଯେଉଁଠି କି ସେ ରାଷ୍ଟ୍ରପତି ଲୁଲାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ଦୁଇ • ପୃଷ୍ଠା ୭ ଦେଖନ୍ତୁ...

# ଶୁଭାଂଶୁ ଶୁକ୍ଲାଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୨୮।୬ (ହି.ସ): ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଆକ୍ସିଅମ୍- ୪ ମିଶନର ପାଇଲଟ ଭାବରେ ଆନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସ୍ଏସ୍)ରେ ଅଛନ୍ତି ଭାରତର ଦ୍ୱିତିୟ ମହାକାଶଚାରୀ ଶୁଭାଂଶୁ । ବୁଧବାର ଆଇଏସ୍ଏସ୍‌କୁ ଐତିହାସିକ ଯାତ୍ରାରେ ଉଡ଼ାଣ ଭରିଛନ୍ତି । ୪୧ ବର୍ଷର ବ୍ୟବଧାନ ପରେ ରାକେଶ ଶର୍ମାଙ୍କ ପରେ ଦ୍ୱିତିୟ ଭାରତୀୟ ନାଗରିକ ଭାବେ ମହାକାଶକୁ ଯାଇଛନ୍ତି ଶୁଭାଂଶୁ । ଆମେରିକାର ଚାରି ସଦସ୍ୟ ବିଶିଷ୍ଟ ବହୁ-ଦେଶୀୟ କ୍ରୁ ସହିତ ଆକ୍ସିଅମ୍ ମହାକାଶ ଯାତ୍ରା କରିଛି । ଶୁଭାଂଶୁଙ୍କ ସହିତ ଏହି ମିଶନରେ ପୋଲାଣ୍ଡର ସ୍ଲାଭୋଜ ଉଜ୍ଞାନସ୍କି-ୱିସନିୱିସ୍କି, ହଙ୍ଗେରିର ଟୋବୋର କାପୁ ଏବଂ ମିଶନ କମାଣ୍ଡର ପେଗି ହ୍ୱିଟସନ ମଧ ରହିଛନ୍ତି । ଆକ୍ସିଅମ-୪ ମିଶନର ଏହି ଟିମ୍ ବୁଧବାର ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସ୍ଏସ୍) ଅଭିମୁଖେ ଯାତ୍ରା କରିଥିଲା । ଏହି ଦଳ ସେଠାରେ ଦୁଇ ସପ୍ତାହ ପାଇଁ ବୈଜ୍ଞାନିକ ପରୀକ୍ଷଣ କରିବ । ଏହା ପୂର୍ବରୁ ୧୯୮୪ ମସିହାରେ, ୱିଙ୍ଗ କମାଣ୍ଡର ରାକେଶ ଶର୍ମା ସୋଭିଏତ ୟୁନିଅନ୍ ମିଶନ ଅଧୀନରେ ମହାକାଶ ଯାତ୍ରା କରିଥିବା ପ୍ରଥମ ଭାରତୀୟ ହୋଇଥିଲେ । ଶୁଭାଂଶୁ ୨୦୦୬ ମସିହାରେ ଭାରତୀୟ ବାୟୁସେନାରେ ଜଣେ ଫାଇଟର ପାଇଲଟ୍ ଭାବରେ ତାଙ୍କ କ୍ୟାରିଅର୍ ଆରମ୍ଭ କରିଥିଲେ । ୨୦୧୯ ମସିହାରେ ତାଙ୍କୁ ଗଗନଯାନ ମିଶନ ପାଇଁ ଜଣେ ମହାକାଶଚାରୀ ଭାବରେ ମନୋନୀତ କରାଯାଇଥିଲା । ୨୦୧୯ରୁ ୨୦୨୧ ମଧ୍ୟରେ, ସେ ରୁଷର ୟୁରୀ ଗାଗାରିନ୍ କସମୋନଟ୍ କେନ୍ଦ୍ରରେ ତାଲିମ ନେଇଥିଲେ । ଏହା ପରେ, ୨୦୨୫ରେ ସେ ସ୍ପେସଏକ୍ସରେ ତାଙ୍କର ତାଲିମ ସମାପ୍ତ କରିଥିଲେ ।







# ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ; ୧୩ ଯବାନ ମୃତ, ୧୦ ଆହତ



ଇସଲାମାବାଦ, ୨୮।୬ (ହି.ସ): ପାକିସ୍ତାନର ଖାଇବର ପାଖତୁନଖ୍ୱା ପ୍ରଦେଶର ଉତ୍ତର ୱାଜିରିସ୍ତାନ ଜିଲ୍ଲାରେ ଶନିବାର ସେନାର ଏକ କନଭୟ ଉପରେ ଆତ୍ମଘାତୀ ଆକ୍ରମଣ ହୋଇଛି । ଏଥିରେ ୧୩ ଜଣ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଆହତ ହୋଇଛନ୍ତି । ଆହତ ଯବାନଙ୍କ ମଧ୍ୟରୁ ୪ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସେହିପରି ୧୯ଜଣ ସାଧାରଣ ନାଗରିକ ଏହି ଆକ୍ରମଣରେ ଆହତ ହୋଇଛନ୍ତି । ଉତ୍ତର ୱାଜିରିସ୍ତାନ ଜିଲ୍ଲା ପୋଲିସର ଜଣେ ଅଧିକାରୀ କହିଛନ୍ତି ଯେ ଜଣେ ଆତ୍ମଘାତୀ ଆକ୍ରମଣକାରୀ ଏକ ବିସ୍ଫୋରକ ଭର୍ତ୍ତି ଗାଡ଼ିକୁ ଦ୍ରୁତଗତିରେ ଆଣି ସେନାର କନଭୟ ଭିତରେ ପଶିଯାଇଥିଲେ ଓ କେହି କିଛି ଚିନ୍ତା କରିବା ପୂର୍ବରୁ ବିସ୍ଫୋରଣ ହୋଇଥିଲା । ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ପାଖରେ ଥିବା ଦୁଇଟି ଘରର ଛାତ ଭୁଶୁଡ଼ି ଯାଇଥିଲା । ଫଳରେ ୬ ଜଣ ଛୁଆ ଆହତ ହୋଇଛନ୍ତି । ଏହି ଆକ୍ରମଣ ପାଇଁ ହାଫିଜ ଗୁଲ ବାହାଦୁର ଗ୍ରୁପର ସୁସାଇଡ୍ ୟୁନିଟ ନିଜକୁ ଦାୟୀ କରିଛି । ଏହି ଗ୍ରୁପ୍ 'ପାକିସ୍ତାନ ତାଲିବାନ' ବା 'ତେହରିକ ଇ ତାଲିକାନ ପାକିସ୍ତାନ' (ଟିଟିପି) ସହିତ ମିଶି କାର୍ଯ୍ୟ କରେ । ୨୦୨୧ରେ ଆଫଗାନିସ୍ତାନର ଶାସନ ଡୋରି ତାଲିବାନ ହାତକୁ ଚାଲିଯିବା ପରେ ପାକିସ୍ତାନକୁ ଲାଗି ରହିଥିବା ସୀମାରେ ହିଂସା ବଢି ବଢି ଚାଲିଛି । ଇସଲାମାବାଦ ଅଭିଯୋଗ କରିଛି ଯେ କାବୁଲ ଆତଙ୍କବାଦୀମାନଙ୍କୁ ପ୍ରୋତ୍ସାହନ ଦେଉଥିବାରୁ ସେମାନେ ବାରମ୍ବାର ଏହାର ସୀମାନ୍ତ ଅଞ୍ଚଳରେ ହିଂସାକାଣ୍ଡ ଘଟାଉଛନ୍ତି । • ପୃଷ୍ଠା ୭ ଦେଖନ୍ତୁ...

# ବେଦାନ୍ତ ମେଟାଲ୍ ବଜାର ମୋଟ ୪୦,୦୦୦ କୋଟି ଟଙ୍କାର ବିକ୍ରୟ ମୂଲ୍ୟ ହାସଲ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଜାତୀୟ ଏମଏସଏମଇ ଦିବସରେ, ଭାରତର ଅଗ୍ରଣୀ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଟ୍ରାଞ୍ଜିସନ୍ ଧାତୁ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସମନ୍ୱୟକାରୀ ବେଦାନ୍ତ ଲିମିଟେଡ୍ (ଏନଏସଇ:ଭିଇଡିଏଲ) ଘୋଷଣା କରିଛି ଯେ ଏହାର ନନ୍-ଫେରସ୍ ଧାତୁ ଇ-ଷ୍ଟୋର୍ ମୋଟ ବିକ୍ରୟ ମୂଲ୍ୟରେ ୪୦,୦୦୦ କୋଟି ଟଙ୍କା କିମ୍ବା ୪.୭ ବିଲିୟନ ଡଲାର ହାସଲ କରିଛି। ବେଦାନ୍ତ ମେଟାଲ୍ ବଜାର ନାମରେ ପରିଚାଳିତ, ଏହା ବିଶ୍ୱର ସର୍ବବୃହତ ଅଣ-ଫେରସ୍ ଧାତୁ ଇ-ଷ୍ଟୋର୍ ଯାହା ଆଲୁମିନିୟମ୍, ଜିଙ୍କ୍, ସୀସା ଏବଂ ତମ୍ବା ଭଳି ଧାତୁରେ ୧୨୦୦ରୁ ଅଧିକ ଷ୍ଟକ୍ କିପିଂ ୟୁନିଟ୍ ପ୍ରଦାନ କରେ। ଏହି ପ୍ଲାଟଫର୍ମ ଗ୍ରାହକମାନଙ୍କ ପାଇଁ ଏକ ସୁଗମ, ଡିଜିଟାଲ୍-ପ୍ରଥମ ସମାଧାନ ପ୍ରଦାନ କରି ବ୍ୟବସାୟକୁ ସହଜ କରିଥାଏ ଯାହା ବ୍ୟବସାୟଗୁଡ଼ିକୁ ଆଲୁମିନିୟମ୍, ଜିଙ୍କ୍, ସୀସା ଏବଂ ତମ୍ବା ଭଳି ଅଣ- ଫେରସ୍ ଧାତୁଗୁଡ଼ିକୁ ଦକ୍ଷତାର ସହିତ ଏବଂ କମ ଖର୍ଚ୍ଚରେ କ୍ରୟ କରିବାକୁ ସକ୍ଷମ କରିଥାଏ। ପାରମ୍ପରିକ ଭାବରେ, ଅଣ-ଫେରସ୍ ଧାତୁ କ୍ରୟ ଜଟିଳ ହୋଇପାରେ ଏବଂ ଗ୍ରାହକମାନଙ୍କୁ ସାମଗ୍ରୀ ମୂଲ୍ୟ ଗତିବିଧି ଉପରେ ନଜର ରଖିବାକୁ ସୁନିଶ୍ଚିତ କରିଥାଏ, ଯାହା କଷ୍ଟକର ଏବଂ ସମୟସାପେକ୍ଷ ହୋଇପାରେ। ଗ୍ରାହକମାନଙ୍କୁ ମୂଲ୍ୟ ନିର୍ଦ୍ଧାରଣ ସୁଯୋଗର କୌଣସି ଦୃଶ୍ୟମାନତା ବିନା ପୂର୍ବରୁ ଧାତୁ କ୍ରୟ ଯୋଜନା କରିବାକୁ ପଡିବ। ବେଦାନ୍ତ ମେଟାଲ୍ ବଜାର ଏହି ପ୍ରକ୍ରିୟାକୁ ସରଳ କରିଛି । ଏହା ଏକ ଇଓ-ଚାଳିତ ହ୍ୱାଟ୍ସଆପ ଚାଟବଟ୍ ସହିତ ଏକ ସୁଗମ, ଡିଜିଟାଲ୍-ପ୍ରଥମ ସମାଧାନ ପ୍ରଦାନ କରେ ଯାହା ଗ୍ରାହକମାନଙ୍କୁ ଦକ୍ଷତାର ସହିତ ଏବଂ କମ ଖର୍ଚ୍ଚରେ ଧାତୁ କ୍ରୟ କରିବାକୁ ସକ୍ଷମ କରିଥାଏ। ପ୍ଲାଟଫର୍ମ ରିଅଲ୍-ଟାଇମ୍ ସିପିଂ ଟ୍ରାକିଂ, ଅନଲାଇନ୍ ହେଜିଂ, ଦୀର୍ଘକାଳୀନ ଚୁକ୍ତିନାମା, ଅନ-ଦି-ସ୍ପଟ ଅର୍ଡର, ଚ୍ୟାନେଲ ପାର୍ଟନର ଲଜିଷ୍ଟିକ୍ସ ଏବଂ ଆର୍ଥିକ ସହାୟତା ଭଳି ଅନ୍ୟାନ୍ୟ ଶିଳ୍ପ-ଅଗ୍ରଣୀ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟ ପ୍ରଦାନ କରେ। ଏହା ବ୍ୟବସାୟ କରିବା ପାଇଁ ଅଭୂତପୂର୍ବ ସହଜତା ପ୍ରଦାନ କରେ ଏବଂ ସମସ୍ତ ଗ୍ରାହକଙ୍କ ପାଇଁ ପ୍ରିମିୟମ ଗୁଣବତା ଧାତୁର ପ୍ରବେଶକୁ ଗଣତାନ୍ତ୍ରିକ କରେ। କୌଣସି କ୍ରୟ ସୀମା କିମ୍ବା ସୀମା ବିନା, ବେଦାନ୍ତ ମେଟାଲ୍ ବଜାର ବ୍ୟବସାୟଗୁଡ଼ିକୁ ଧାତୁର ସିଧାସଳଖ ପ୍ରବେଶ ସହିତ ସେମାନଙ୍କର ଉତ୍ପାଦନ ଯୋଜନା ଅନୁଯାୟୀ ଆବଶ୍ୟକ ପରିମାଣରେ ନମନୀୟତା ପ୍ରଦାନ କରେ। ଏହି ପ୍ଲାଟଫର୍ମ ତୃତୀୟ-ପକ୍ଷ ମଧ୍ୟସ୍ଥିମାନଙ୍କୁ ଦୂର କରିବାରେ ସାହାଯ୍ୟ କରେ, ଯାହା କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ବିଶେଷ ସହାୟକ, ସେମାନଙ୍କୁ ସେମାନଙ୍କ ହାତ ମୁଠାରେ ବିଶ୍ୱର ସର୍ବବୃହତ ଧାତୁ ପୋର୍ଟଫୋଲିଓ ମଧ୍ୟରୁ ଗୋଟିଏକୁ ପ୍ରବେଶ ପ୍ରଦାନ କରେ। ଏହି ସୁଗମ, ଏକ-ଷ୍ଟପ୍ ସମାଧାନ ଛୋଟ ବ୍ୟବସାୟଗୁଡ଼ିକୁ କ୍ରୟ ଜଟିଳତା ଅପେକ୍ଷା ଅଭିବୃଦ୍ଧି ଉପରେ ଧ୍ୟାନ ଦେବାକୁ ସକ୍ଷମ କରୁଛି। ଏହା ଲଞ୍ଚ ହେବାର ମାତ୍ର ଛଅ ମାସ ମଧ୍ୟରେ ସକ୍ରିୟ ଉପଭୋକ୍ତାଙ୍କ ସଂଖ୍ୟାରେ ୨୪୦% ବୃଦ୍ଧି ଏବଂ ଝଗର ପଞ୍ଜୀକରଣରେ ୩୫% ବୃଦ୍ଧି ପାଇଛି, ଯାହା ଭାରତର ଧାତୁ କ୍ଷେତ୍ରରେ ଡିଜିଟାଲ୍ କ୍ରୟ ଦିଗରେ ଏକ ପ୍ରମୁଖ ପରିବର୍ତ୍ତନକୁ ପ୍ରତିଫଳିତ କରେ। ବେଦାନ୍ତ ମେଟାଲ୍ ବଜାରର ବର୍ତ୍ତମାନର ଗ୍ରାହକ ଆଧାରରେ ୬୦% ଏମଏସଏମଇ ଅନ୍ତର୍ଭୁକ୍ତ ଅଟେ। ଏହି ଇ-ଷ୍ଟୋରର ସବୁଠାରୁ ଆକର୍ଷଣୀୟ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଅଗ୍ରଣୀ ହେଜିଂ ସେବା ପ୍ରଦାନକାରୀଙ୍କ ସହିତ ଇ-ଷ୍ଟୋରର ପୂର୍ଣ୍ଣ ଷ୍ଟାକ୍ ସମନ୍ୱୟ, ଯାହା କ୍ରୟ ପ୍ରକ୍ରିୟା ସମୟରେ ସିଧାସଳଖ ସାମଗ୍ରୀ ମୂଲ୍ୟ ବିପଦ ପରିଚାଳନା କରିବା ପାଇଁ କ୍ରେତାମାନଙ୍କୁ - ବିଶେଷକରି କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସଶକ୍ତ କରିଥାଏ। ଏହି ପ୍ଲାଟଫର୍ମଟି ଶ୍ରେଷ୍ଠ ଭାରତୀୟ ବ୍ୟାଙ୍କ ଏବଂ ଏନବିଏଫସି ସହିତ ସହଭାଗୀତା ମାଧ୍ୟମରେ ଏମ୍ବେଡେଡ୍ ଫାଇନାନ୍ସିଂ ମଧ୍ୟ ପ୍ରଦାନ କରେ, ଯାହା ଏହି



ସହଜ-କ୍ରେଡିଟ୍ ଇକୋସିଷ୍ଟମ୍ ମାଧ୍ୟମରେ ଟ.୧,୧୫୦ କୋଟିରୁ ଅଧିକ ବିକ୍ରୟକୁ ସକ୍ଷମ କରିଛି। ପ୍ରଣବ ଇଲେକ୍ଟ୍ରିକାଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ନିର୍ଦ୍ଦେଶକ ଶ୍ରୀ ଗୌରବ ବର୍ମା କହିଛନ୍ତି, "ବେଦାନ୍ତ ମେଟାଲ୍ ବଜାର ଏମଏସଏମଇ ପାଇଁ ଏକ ଖେଳ ପରିବର୍ତ୍ତନକାରୀ ଅଟେ। ଏହାର ବ୍ୟବହାରକାରୀ-ଅନୁକୂଳ ପ୍ଲାଟଫର୍ମ ଏବଂ କୌଣସି ସର୍ବନିମ୍ନ ଅର୍ଡର ନୀତି ସହିତ, ଧାତୁ କ୍ରୟ କେବେବି ସହଜ ନଥିଲା। ଆମେ ଆପ୍ ବ୍ୟବହାର ଜାରି ରଖିବାକୁ ଉତ୍ସାହିତ ଏବଂ ଆଗାମୀ ଉଦ୍ଭାବନ ଅନୁସନ୍ଧାନ କରିବାକୁ ଆଗ୍ରହୀ।" କୋଠାରୀ ମେଟସୋଲର ଭିପି-ଅପରେସନ୍ସ, ନିଲେଶ ପାଟିଲ ତାଙ୍କ ମତଦେଇ କହିଛନ୍ତି, ଏହା ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ ଯାହା ଜିଙ୍କ୍ କିଣିବା ପାଇଁ ସହଜ ପ୍ରବେଶ ଏବଂ ବ୍ୟବହାରକାରୀ-ଅନୁକୂଳ ଇଣ୍ଟରଫେସ୍ ପ୍ରଦାନ କରେ। ଏହା ଗୋଟିଏ ସ୍ଥାନରେ ସବୁକିଛି ପ୍ରଦାନ କରେ ଏବଂ ଅର୍ଡର ବୁକିଂ ଠାରୁ ଆରମ୍ଭ କରି ଆର୍ଥିକ ବିବରଣୀ ପର୍ଯ୍ୟନ୍ତ ଟ୍ରାକିଂ ଏବଂ କ୍ୱେରୀ ପରିଚାଳନା ପର୍ଯ୍ୟନ୍ତ ଏକ ୱାନ-ଷ୍ଟପ୍ ସମାଧାନ ଭାବରେ କାର୍ଯ୍ୟ କରେ। ସାଣ୍ଟ ଆଲୁମିନିୟମର ମାଲିକ ଅଲୱାରର ଆଉ ଜଣେ ଏମଏସଏମଇ ଗ୍ରାହକ ଅଭିଷେକ ଅଗ୍ରୱାଲ କହିଛନ୍ତି, ଆଲୁମିନିୟମ କିଣିବା ପାଇଁ ଏକ ଅସୁବିଧାମୁକ୍ତ ଉପାୟ ଖୋଜୁଥିବା ଜଣେ ବ୍ୟବସାୟ ମାଲିକ ଭାବରେ, ବେଦାନ୍ତ ମେଟାଲ୍ ବଜାର ମୋର ଆଶାକୁ ପୂରଣ କରିଛି। ପ୍ଲାଟଫର୍ମଟି ବ୍ୟବହାର କରିବାକୁ ସହଜ ଏବଂ କ୍ରୟ ପରିମାଣର କୌଣସି ସୀମା ନାହିଁ। ମତାମତ ସିଷ୍ଟମ୍ ଉତ୍ତମ ଯୋଜନାକୁ ଅବଦାନ ଦିଏ, ଏବଂ ମୋବାଇଲ୍ ଆପ୍ ଚାଲୁଥିବା ସମୟରେ ଅର୍ଡର ଟ୍ରାକିଂ ପାଇଁ ଏକ ଉପଯୋଗୀ ଉପକରଣ। ଏକ ସରଳ ଏବଂ ନିର୍ଭରଯୋଗ୍ୟ ଧାତୁ କ୍ରୟ ଅଭିଜ୍ଞତା ପାଇଁ ମୁଁ ବେଦାନ୍ତ ମେଟାଲ୍ ବଜାରକୁ ଦୃଢ଼ ଭାବରେ ସୁପାରିଶ କରେ। ପ୍ଲାଟଫର୍ମଟି ଆଲୁମିନିୟମ ଇନଗଟ୍, ବିଲେଟ୍, ତାର ରଡ୍, ରୋଲ୍ଡ ଉତ୍ପାଦ, ତମ୍ବା କ୍ୟାଥୋଡ୍, ତମ୍ବା ରଡ୍, ସ୍ୱତନ୍ତ୍ର ଉଚ୍ଚ-ଗ୍ରେଡ୍ ଜିଙ୍କ୍, ସ୍ୱତନ୍ତ୍ର ଉଚ୍ଚ-ଗ୍ରେଡ୍ ଜମ୍ବୋ ଜିଙ୍କ୍, ଜିଙ୍କ୍ ଡାଏ-କାଷ୍ଟିଂ ଆଲୟ ଏବଂ ସୀସା ଇନଗଟ୍ ପ୍ରଦାନ କରେ। ଏହି ପ୍ଲାଟଫର୍ମ ଗ୍ରାହକମାନଙ୍କୁ ବେଦାନ୍ତର କମ୍ କାର୍ବନ ସବୁଜ ଉତ୍ପାଦ ପରିସରର ପ୍ରବେଶ ପ୍ରଦାନ କରେ ଯେଉଁଥିରେ ରେଷ୍ଟୋରା (ଆଲୁମିନିୟମ୍) ଏବଂ ଇକୋଜେନ୍ (ଜିଙ୍କ୍) ଅନ୍ତର୍ଭୁକ୍ତ। ଏହା ସହିତ, କମ୍ପାନୀର ଗ୍ରାହକ ବୈଷୟିକ ସେବା ଦଳ ଗ୍ରାହକମାନଙ୍କ ସହିତ ସେମାନଙ୍କ ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ ଘନିଷ୍ଠ ଭାବରେ ସହଯୋଗ କରନ୍ତି। ଗୁଗୁଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ ଆପ୍ ଷ୍ଟୋରରେ ବେଦାନ୍ତ ମେଟାଲ୍ ବଜାର ନାମରେ ଏକ କଷ୍ଟମାଇଜ୍ଡ ମୋବାଇଲ୍ ଆପ୍ ମାଧ୍ୟମରେ ଇ-ଷ୍ଟୋର ଉପଲବ୍ଧ। ଏହା ଏକ ୱେବ୍ ପୋର୍ଟାଲ୍(https://vedantametalbazaar.com) ଭାବରେ ମଧ୍ୟ ଉପଲବ୍ଧ, ଯାହା ସମସ୍ତ ଆକାରର ବ୍ୟବସାୟ ପାଇଁ ସହଜ ପ୍ରବେଶ ସୁନିଶ୍ଚିତ କରେ। ଇ-ଷ୍ଟୋର ଅତୁଳନୀୟ ଗ୍ରାହକ ସନ୍ତୁଷ୍ଟି ହାସଲ କରିଛି, ପ୍ଲେ ଷ୍ଟୋର ରେଟିଂ ୧-୫ ସ୍କେଲରେ ୪.୩ ରୁ ଅଧିକ ପହଞ୍ଚିଛି। ବେଦାନ୍ତ ଲିମିଟେଡ୍ ବିଶ୍ୱସ୍ତରୀୟ ସମ୍ପତ୍ତିର ବିବିଧ ପୋର୍ଟଫୋଲିଓ ପରିଚାଳନା କରୁଥିବା ଗୁରୁତ୍ୱପୂର୍ଣ୍ଣ ଖଣିଜ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟାରେ ଏକ ବିଶ୍ୱ ନେତା ଭାବରେ ଉଭାହୋଇଛି। ଏହା ବିଶ୍ୱର ସର୍ବବୃହତ ସମନ୍ୱିତ ଜିଙ୍କ ଉତ୍ପାଦକ, ବିଶ୍ୱର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଭାରତର ଏକମାତ୍ର ଘରୋଇ ତୈଳ ଏବଂ ଗ୍ୟାସ ଉତ୍ପାଦକ ଏବଂ ଏହାର ସର୍ବବୃହତ ଘରୋଇ ଶକ୍ତି ଉତ୍ପାଦକମାନଙ୍କ ମଧ୍ୟରୁ ଗୋଟିଏ। ଭବିଷ୍ୟତକୁ ଆଖିରେ ରଖି, କମ୍ପାନୀ, ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ନବୀକରଣୀୟ ଶକ୍ତି କ୍ଷେତ୍ରରେ ପ୍ରବେଶ କରି ରଣନୀତିକ ଭାବରେ ଏହାର ବ୍ୟବସାୟ ପୋର୍ଟଫୋଲିଓକୁ ବିସ୍ତାର କରୁଛି।

# ଲିଟର ପିଛା ୩ ଟଙ୍କା ପାଇ ଓମଫେଡ୍ ଦୁଗ୍ଧ ଚାଷୀ ଖୁସି

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ବିଶ୍ୱ ଦୁଗ୍ଧ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ ଲିଟର ପିଛା ୩ ଟଙ୍କା ଲେଖାଏଁ ଦେବା ପାଇଁ ଯେଉଁ ଘୋଷଣା କରିଥିଲେ, ତାହା ଅବିଳମ୍ବେ ଓମଫେଡ୍ ଦୁଗ୍ଧ ଚାଷୀମାନଙ୍କୁ ପ୍ରଦାନ କରାଯାଉଛି। ଅର୍ଥାତ୍ ଜୁନ୍ ୧ ତାରିଖରୁ ଏହି ବର୍ଦ୍ଧିତ ମୂଲ୍ୟ ଚାଷୀମାନଙ୍କୁ ଡିବିଡି ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦିଆଯାଉଛି। ଯେଉଁମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ କିଛି ଭୁଲ ରହିଛି କିମ୍ବା ଲିଙ୍କ ନାହିଁ ସେମାନଙ୍କୁ, ଆକାଉଣ୍ଟ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓମଫେଡ୍ ଦୁଗ୍ଧ ଚାଷୀଙ୍କୁ ପ୍ରତି ୧୦ ଦିନରେ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରିଆସୁଛି। ଏଥିରେ କୌଣସି ବ୍ୟତିକ୍ରମ ହୋଇ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଓମଫେଡ୍ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରୁଛି। ଅନ୍ୟ ଏକ କଥା ହେଲା ୧ ଟଙ୍କା ଲିଟର ପିଛା ବୃଦ୍ଧି କରାଯାଇଛି ଯାହା କୁହାଯାଇଛି, ତାହା ମଧ୍ୟ ମିଥ୍ୟା। ଚାଷୀମାନଙ୍କୁ ଲିଟର ପିଛା ୩ ଟଙ୍କା ପ୍ରଦାନ କରାଯାଉଛି। ସେଥିରୁ ରାଜ୍ୟ ସରକାର ୨ ଟଙ୍କା ଏବଂ ଓମଫେଡ୍ ୧ ଟଙ୍କା ଏପରି ତିନିଟଙ୍କା ପ୍ରଦାନ କରୁଛନ୍ତି। ରାଜ୍ୟ ସରକାର ଖାଉଟିଙ୍କ ଉପରେ ଦୁଗ୍ଧର ବର୍ଦ୍ଧିତ ଦର ଲିଟର ପିଛା ୪ ଟଙ୍କା ଲେଖାଏଁ ଲଦି




ଦେବାକୁ ଚାହୁଁ ନାହାଁନ୍ତି। ତେଣୁ ସେ ରାଜକୋଷରୁ ଲିଟର ପିଛା ୨ ଲେଖାଏଁ ଚାଷୀଙ୍କୁ ଦେଉଛନ୍ତି। ଅନ୍ୟପକ୍ଷରେ ଓମଫେଡ୍ ଯେଉଁ ୨ ଟଙ୍କା ବୃଦ୍ଧି କରିଛି, ସେଥିରୁ ଚାଷୀଙ୍କୁ ୧ଟଙ୍କା ଏବଂ ପରିଚାଳନା ଖର୍ଚ୍ଚ ବାବଦରେ ଏକ ଟଙ୍କା ବ୍ୟୟ କରୁଛି। ଏହାକୁ ସଠିକ ଭାବେ ନ ବୁଝି ତଥାକଥିତ ଓଡିଶା ଦୁଗ୍ଧଚାଷୀ ମହାସଂଘର ସଭାପତି ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାର ଆମେ ତୀବ୍ର ବିରୋଧ କରୁଛୁ। ଚାଷୀଙ୍କ ଖାତାକୁ ସିଧାସଳଖ ଲିଟର ପିଛା ୩ ଟଙ୍କା ଲେଖାଏଁ ଯାଉଛି। ଏଥିପାଇଁ ଓମଫେଡ୍ ଦୁଗ୍ଧଚାଷୀମାନେ ବେଶ ଖୁସି ଅଛନ୍ତି ଏବଂ ରାଜ୍ୟ ସରକାରଙ୍କୁ ଲକ୍ଷ ଲକ୍ଷ ଚାଷୀ ଓ ହଜାର ହଜାର ୟୁନିୟନର କର୍ମକର୍ତ୍ତା ଧନ୍ୟବାଦ ଜଣାଇଛନ୍ତି। ଓମଫେଡ୍ ଏକ ସମବାୟ ସଂସ୍ଥା। ରାଜ୍ୟରେ ୧୧ ହଜାରରୁ ଅଧିକ ସମବାୟ ସମିତି ରହିଛି। ସମବାୟ ସମିତି ମାଧ୍ୟମରେ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ ହେଉଛି। ସେମାନଙ୍କର ଜିଲ୍ଲାସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ ସଂଗଠନ ମଧ୍ୟ ରହିଛି। ଚାଷୀଙ୍କ ଉନ୍ନତି ପାଇଁ ତଥା ସେମାନଙ୍କର ଆର୍ଥିକ ବିକାଶ ପାଇଁ ରାଜ୍ୟ ସରକାର କାମଧେନୁ ଯୋଜନା, ମାଇ ବାଛୁରୀ ପାଳନ ଯୋଜନା, ଘାସ ଚାଷ ପାଇଁ ପ୍ରୋତ୍ସାହନ ଆଦି ବହୁ ଯୋଜନା ଓ ପ୍ରୋତ୍ସାହନ ବା ସବସିଡ୍ ଦେଉଥିବାରୁ ରାଜ୍ୟର ଚାଷୀମାନେ ବେଶ ଉତ୍ସାହିତ ହୋଇ ଗୋପାଳନ ଓ ଦୁଗ୍ଧ ଚାଷ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏପରିକି ହଜାର ହଜାର ଶିକ୍ଷିତ ବେକାର ଯୁବକ ଯୁବତୀ ମଧ୍ୟ ଏଥିପ୍ରତି ଆଗ୍ରହ ପ୍ରକାଶ କରି ଗୋପାଳନକୁ ଏକ ଶିଳ୍ପରେ ପରିଣତ କରିବା ପାଇଁ ଯୋଜନା କରୁଛନ୍ତି। ଏପରିସ୍ଥିତିରେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ତଥା ରାଜନୈତିକ ଉଦ୍ଦେଶ୍ୟ ରଖି ରାଜ୍ୟ ସରକାର ଓ ଓମଫେଡକୁ ବଦନାମ କରିବା ପାଇଁ ହେଉଥିବା ହୀନ ଉଦ୍ୟମକୁ ଓମଫେଡ୍ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି। ସୂଚନା ଯୋଗ୍ୟକି, ରାଜ୍ୟ ସରକାର ଦେଉଥିବା ଦୁଇଟଙ୍କା ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଉଛି। ସାତ ଦିନ ଭିତରେ ଆନ୍ଦୋଳନ ପାଇଁ ଯେଉଁ ସଂଗଠନ ଧମକ ଦେଇଛି। ସେ ସଂଗଠନରେ ଓମଫେଡର କୌଣସି ଦୁଗ୍ଧଚାଷୀ ନାହାନ୍ତି। ଓମଫେଡ୍ ଓ ରାଜ୍ୟ ସରକାରଙ୍କ ନାମରେ ଏପରି ଅପପ୍ରଚାର କରି ଖବରର ଶିରୋନାମାରେ ରହିବା ସହ ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଘରୋଇ କମ୍ପାନୀଗୁଡିକୁ ଦୁଗ୍ଧ ଦେବାକୁ ଚାଷୀମାନଙ୍କୁ ବିଭ୍ରାନ୍ତି ତଥା ପ୍ରଲୋଭିତ କରାଯାଉଛି। ଦୁଗ୍ଧ ଲିଟର ପିଛା ୩ ଟଙ୍କା ବୃଦ୍ଧି କରିଥିବାରୁ ରାଜ୍ୟର ଲକ୍ଷ ଲକ୍ଷ ଓମଫେଡ୍ ଦୁଗ୍ଧ ଚାଷୀ ରାଜ୍ୟ ସରକାର ଓ ଓମଫେଡକୁ ବଧେଇ ଜଣାଇଛନ୍ତି।

# ରାଜନୈତିକ ଆଲୋଚନା ଭିତରେ ଜରୁରୀ ରପ୍ତାନି ଉପରେ ରୋକ୍ ଲଗାଉଛି ଡ୍ରାଗନ୍

**ନୂଆଦିଲ୍ଲୀ,(ହି.ସ):** ଭାରତ ଏବଂ ଚୀନ୍ ମଧ୍ୟରେ ରାଜନୈତିକ ଆଲୋଚନା ଚାଲିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଚୀନ୍ ଗସ୍ତରେ ଅଛନ୍ତି। ଏନ୍ଏସ୍ଏ ଅଜିତ ଡୋଭାଲ ଏସ୍ଓ ଶିଖର ସମ୍ମିଳନୀ ପାଇଁ ନିକଟରେ ସେଠାକୁ ଯାଇଥିଲେ। ଏହା ମଧ୍ୟରେ ଭାରତ ବିରୋଧରେ କିଛି ଆକ୍ରାମକ ପଦକ୍ଷେପ ନେଉଛି ଡ୍ରାଗନ୍। ଏହା ଭାରତକୁ ଆସିବାକୁ ଥିବା କେତେକ ଜରୁରୀ ରପ୍ତାନି ଉପରେ ଲଗାଇଛି ରୋକ୍। ରପ୍ତାନି କଟକଣା ଲାଗିଥିବା ସାମଗ୍ରୀ ମଧ୍ୟରେ ରହିଛି ରେୟାର୍ ଆର୍ଥ ମ୍ୟାଗ୍ନେଟ୍ ଏବଂ ବିଶେଷ ଉର୍ବରକ। ଏପରିକି ମୁମ୍ବାଇ- ଅହମ୍ମଦାବାଦ ହାଇସ୍ପିଡ୍ ରେଳ କରିଡର ପାଇଁ ଟର୍ନେଲ ବୋରିଂ ମେଶିନ୍ (ଟିବିଏମ୍) ଯୋଗାଣକୁ ବି ଅଟକାଇଛି ଚୀନ୍। ଏହି ପଦକ୍ଷେପଗୁଡ଼ିକ ଯୋଗୁ ଏବେ ଚୀନ୍‌ର ରଣନୀତି ଉପରେ ପ୍ରଶ୍ନ ଉଠୁଛି। ଉଭୟ ଦେଶ ଯେଉଁ ସମୟରେ ପାରସ୍ପରିକ ସମ୍ପର୍କକୁ ସ୍ୱାଭାବିକ କରିବାକୁ ଉଦ୍ୟମ କରୁଛନ୍ତି, ଚୀନ୍ ବ୍ୟାପାରକୁ କାହିଁକି ଅସ୍ତ୍ର କରୁଛି। ଚୀନ୍ ଭାରତ ସହ ଦୋମୁହାଁ ରଣନୀତି କରୁଛି। ଗୋଟିଏ ପଟେ ରାଜନୈତିକ ଆଲୋଚନା କରୁଛି ଏବଂ ଅନ୍ୟପଟେ ବ୍ୟାପାର ଉପରେ ଚାପ ପକାଉଛି। ଏସବୁ ପଦକ୍ଷେପରୁ ଜଣାପଡୁଛି ଯେ, ଏହା ଭାରତ ସହ ନିଜର ବ୍ୟାପାରିକ ସମ୍ପର୍କକୁ ଏକ ରାଜନୈତିକ ଅସ୍ତ୍ର ଭାବେ ଦେଖୁଛି। ଚୀନ୍ ଭାରତ ଉପରେ ଚାପ ପକାଇବା ପାଇଁ ରପ୍ତାନି ରୋକିବାର ଉପାୟ ଆପଣାଉଛି। ଏହା ଅନେକ ଜରୁରୀ




ସାମଗ୍ରୀର ବଡ଼ ଉତ୍ପାଦକ। ଏଥିମଧ୍ୟରେ ରେୟାର୍ ଆର୍ଥ ଖଣିଜ ପଦାର୍ଥ, ଉର୍ବରକ ଏବଂ ଔଦ୍ୟୋଗିକ ମେଶିନାରୀ ଆଦି ରହିଛି। ବର୍ତ୍ତମାନ ଡ୍ରାଗନ୍ ଏସବୁ ସାମଗ୍ରୀର ରପ୍ତାନିରେ ବିଳମ୍ବ କରି କିମ୍ବା ରପ୍ତାନିକୁ ଅଟକାଇ ଭାରତ ଉପରେ ଚାପ ପକାଉଛି। ଏହି ଚାପ ଯଦିଓ ସିଧାସଳଖ ଲଗାଉନି କିନ୍ତୁ ସ୍ପଷ୍ଟ ଜଣାପଡୁଛି ଯେ, ଚୀନ୍ ଏହାର ଶକ୍ତି ଦେଖାଉଛି। ରେୟାର୍ ଆର୍ଥ ମ୍ୟାଗ୍ନେଟ୍ ମାମଲା ଅତି ଗୁରୁତ୍ୱପୂର୍ଣ୍ଣ। ଏହି ଚୁମ୍ବକ ଆଧୁନିକ ଇଲେକ୍ଟ୍ରୋନିକ୍ସ, ଇଲେକ୍ଟ୍ରିକ୍ ଯାନ, ପବନ ଟରବାଇନ୍ ଆଦି ପାଇଁ ଜରୁରୀ। ଚୀନ୍ ଏହି ମ୍ୟାଗ୍ନେଟ୍‌ଗୁଡ଼ିକର ରପ୍ତାନି ଅଟକାଇ ହାଇଟେକ୍ ମାନୁଫାକ୍ଚରିଂ ଯୋଜନାଗୁଡ଼ିକୁ ଧୀମା କରୁଛି। ଏହା ମେକ୍ ଇନ୍ ଇଣ୍ଡିଆ ଏବଂ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲଆଇ) ଭଳି ଯୋଜନାଗୁଡ଼ିକ ପାଇଁ ଏକ ବଡ଼ ଝଟ୍କା। ସେହିଭଳି ଚୀନ୍‌ର ବନ୍ଦରଗୁଡ଼ିକରେ ଭାରତକୁ ଆସିବାକୁ ଥିବା ବିଶେଷ ଉର୍ବରକଗୁଡ଼ିକର ରପ୍ତାନିକୁ ଅଟକାଇ ଦିଆଯାଇଛି। ଭାରତର କୃଷି କ୍ଷେତ୍ରକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଡ୍ରାଗନ୍ ଏହା କରୁଛି। ଏହା ଏଭଳି ସମୟରେ କରାଯାଉଛି, ଯେତେବେଳେ ବିଶ୍ୱରେ ଖାଦ୍ୟ ସୁରକ୍ଷାକୁ ନେଇ ଚିନ୍ତା ଜୋର ଧରିଛି। ଟନେଲ ବୋରିଂ ମେସିନ୍ ରପ୍ତାନିକୁ ରୋକିବା ଏକ ବଡ଼ ସମସ୍ୟା। ଏହି ମେସିନ୍ ଏକ ବଡ଼ ପରିଯୋଜନା ପାଇଁ ଜରୁରୀ, ଯାହାକୁ ଜାପାନ ଫଣ୍ଡିଂ କରୁଛି। ଏହାଦ୍ୱାରା ପରିଯୋଜନାରେ ବିଳମ୍ବ ହେଉଛି। ରାଜନୈତିକ ସମସ୍ୟା ବି ଆସୁଛି। ଏସବୁ ପଦକ୍ଷେପ ଗୋଟିଏ କଥା ସ୍ପଷ୍ଟ ହେଉଛି। ଚୀନ୍ ଭାରତକୁ ଜଣାଇବାକୁ ଚାହେଁ ଯେ, ଏହା ବିଶ୍ୱର ଶିଳ୍ପଗୁଡ଼ିକ ପାଇଁ କେତେ ମହତ୍ତ୍ୱପୂର୍ଣ୍ଣ। ଏହା ସହିତ ଦର୍ଶାଉଛି ଯେ, ଭାରତ ଯଦି ଏହା ସହ ଉତ୍ତମ ସମ୍ପର୍କ ରଖିବନି ତେବେ ଏହାକୁ କେଉଁ ଭଳି ଭାବେ କ୍ଷତି ସହିବାକୁ ପଡ଼ିବ।

ଡୁମାଣୀ ଖବର

## ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

# ଅହମ୍ମଦାବାଦ ବିମାନ ଦୁର୍ଘଟଣାର ତଦନ୍ତରେ ୟୁଏନ୍ ସାମିଲ

**ନୂଆଦିଲ୍ଲୀ,(ହି.ସ):** ଅହମ୍ମଦାବାଦ ଏୟାର ଇଣ୍ଡିଆ ଡ୍ରିମଲାଇନ ବିମାନ ଦୁର୍ଘଟଣାର ତଦନ୍ତରେ ସାମିଲ ହେବ ମିଳିତ ଜାତିସଂଘ ବା ୟୁଏନ୍। ଭାରତ ସରକାର ମିଳିତ



ଜାତିସଂଘ ବିମାନ ଚଳାଚଳ ସଂସ୍ଥା ଆଇସିଏଓର ଜଣେ ବିଶେଷଜ୍ଞଙ୍କୁ ପର୍ଯ୍ୟବେକ୍ଷକ ଭାବରେ ଅଂଶଗ୍ରହଣ କରିବାକୁ ଅନୁମତି ଦେଇଛନ୍ତି। ସୂତ୍ର ଅନୁସାରେ, ଆଇସିଏଓ ତଦନ୍ତରେ ଅଂଶଗ୍ରହଣ କରିବାକୁ ଅନୁମତି ମାଗିଥିଲା। ସ୍ୱଚ୍ଛତାର ସହିତ ତଦନ୍ତ କରିବା ଉଦ୍ଦେଶ୍ୟରେ ଭାରତ ଏଥିରେ ଜାତିସଂଘକୁ ସାମିଲ କରିବାକୁ ନିଷ୍ପତ୍ତି ନେଇଛି। ତେବେ ଅହମ୍ମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ବିମାନ ଏଆଇ ୧୭୧ ଉଡ଼ାଣ ଭରିବାର କିଛି ସମୟ ପରେ ମେଡିକାଲ କଲେଜ ହଷ୍ଟେଲ କୋଠା ସହିତ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୨୭୦ ଜଣଙ୍କର ମୃତ୍ୟୁ ହୋଇଥିଲା। ଏଥିରେ ୨୪୧ ଜଣ ଯାତ୍ରୀ ଏବଂ କ୍ରୁ ସଦସ୍ୟ ଥିଲେ। ଏହି ଦୁର୍ଘଟଣାରେ ଜଣେ ଯାତ୍ରୀ ବଞ୍ଚି ଯାଇଥିଲେ। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ୍ ବ୍ୟୁରୋର ଦଳ ଜୁନ୍ ୧୩ ତାରିଖରୁ ଏହି ଦୁର୍ଘଟଣାର ତଦନ୍ତ କରୁଛି। ଏଥିରେ ବିମାନ ଚିକିତ୍ସା ବିଶେଷଜ୍ଞ, ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ ଅଧିକାରୀ ଏବଂ ଆମେରିକାର ନ୍ୟାସନାଲ୍ ଟ୍ରାନ୍ସପୋର୍ଟେସନ୍ ସେଫ୍ଟି ବୋର୍ଡର ପ୍ରତିନିଧିମାନେ ମଧ୍ୟ ସାମିଲ ଅଛନ୍ତି। ଆମେରିକାର ପ୍ରତିନିଧିମାନେ ବିମାନର ବ୍ଲାକ୍ ବକ୍ସର ତଥ୍ୟ ଉଦ୍ଧାର କରୁଛନ୍ତି। ଆପଣଙ୍କୁ କହିରଖୁଛୁ ଯେ, ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୨୫୧ ଜଣଙ୍କର ଡିଏନଏ ମାଧ୍ୟମରେ ଚିହ୍ନଟ କରାଯାଇଛି। ୨୪୫ଜଣଙ୍କ ମୃତଦେହ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏନେଇ ସୂଚନା ଦେଇଛନ୍ତି ଅହମ୍ମଦାବାଦ ସିଭିଲ୍ ହସ୍ପିଟାଲର ଅଧୀକ୍ଷକ ଡାକ୍ତର ରାକେଶ ଯୋଶୀ ଦେଇଥିଲେ।

# 'ର' ନୂତନ ମୁଖ୍ୟ ଭାବେ ପରାଗ ଜୈନ ନିଯୁକ୍ତ

**ନୂଆଦିଲ୍ଲୀ,(ହି.ସ):** ଭାରତୀୟ ଗୁଇନ୍ଦା ଏଜେନ୍ସି 'ର'କୁ ମିଳିଲା ନୂଆ ବସ୍। ପରାଗ ଜୈନଙ୍କୁ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ 'ର' ନୂତନ ମୁଖ୍ୟ ଭାବରେ ନିଯୁକ୍ତ କରାଯାଇଛି। ପରାଗ ପଞ୍ଜାବ କ୍ୟାଡରର ୧୯୮୯ ବ୍ୟାଚ୍‌ର ଆଇପିଏସ୍ ଅଫିସର।




'ର' ଚିଫ୍ ଭାବରେ ତାଙ୍କର କାର୍ଯ୍ୟକାଳ ଦୁଇ ବର୍ଷର ରହିବ। ସେ ରବି ସିହ୍ନାଙ୍କ ସ୍ଥାନ ନେବେ, ତାଙ୍କ କାର୍ଯ୍ୟକାଳ ୩୦ ଜୁନ୍‌ରେ ଶେଷ ହେବାକୁ ଯାଉଛି। ପରାଗ ବର୍ତ୍ତମାନ ବିମାନ ଅନୁସନ୍ଧାନ କେନ୍ଦ୍ରର ନେତୃତ୍ୱ ନେଉଛନ୍ତି। ଏହି ରିସର୍ଚ୍ଚ ସେଣ୍ଟରରେ 'ଅପରେସନ୍ ସିନ୍ଦୂର' ବେଳେ ପାକିସ୍ତାନୀ ସଶସ୍ତ୍ର ବାହିନୀ ବିଷୟରେ ଗୁଇନ୍ଦା ସୂଚନା ଏକାଠି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ପରାଗ। ତାଙ୍କୁ ପାକିସ୍ତାନ ମାମଲାର ବିଶେଷଜ୍ଞ ଭାବରେ ମଧ୍ୟ ଜଣାଯାଏ। ପରାଗ ପୂର୍ବରୁ ଚଣ୍ଡୀଗଡର ଏସଏସପି ରହି ସାରିଛନ୍ତି। ପଞ୍ଜାବ ଯେତେବେଳେ ଆତଙ୍କବାଦ କବଳରେ ଥିଲା। ଭଟିଣ୍ଡା, ମାନସା ଓ ହୋସିୟାରପୁର ଭଳି ସମ୍ବେଦନଶୀଳ ଜିଲ୍ଲାରେ ଅପରେସନାଲ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପରେ ଚଣ୍ଡୀଗଡର ଏଏସଏସପି ଓ ଲୁଧିଆନାର ଡିଆଇଜି ମଧ୍ୟ ଥିଲେ। ଏହା ସହ କାନାଡା ଓ ଶ୍ରୀଲଙ୍କାରେ ଭାରତୀୟ ପ୍ରତିନିଧି ଭାବରେ ମଧ୍ୟ ସେବା ଦେଇସାରିଛନ୍ତି। ସୋମବାର ସେ ସିହ୍ନାଙ୍କ ପଦଭାର ଗ୍ରହ କରିବେ। 'ର' ରେ ନିଜର ଲମ୍ବା କାର୍ଯ୍ୟକାଳ ସମୟରେ ପରାଗ ପାକିସ୍ତାନ ଡେସ୍କର ଦାୟିତ୍ୱରେ ଥିଲେ। ବିଶେଷ କରି ଧାରା ୩୭୦ର ଉଚ୍ଛେଦ ଓ ବାଲାକୋଟ୍ ଏୟାରଷ୍ଟ୍ରାଇକ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯାନ ସମୟରେ ତାଙ୍କର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଉଲ୍ଲେଖନୀୟ ଯେ, ୨୧ ସେପ୍ଟେମ୍ବର ୧୯୬୮ରେ ଭାରତୀୟ ଗୁଇନ୍ଦା ସଂସ୍ଥା 'ର'ର ପ୍ରତିଷ୍ଠା ହୋଇଥିଲା। ଏହି ସଂସ୍ଥାର ପ୍ରଥମ ମୁଖ୍ୟ ଆରଏନ୍ କାଓ ଥିଲେ। ଏହି ଏଜେନ୍ସିର ମୁଖ୍ୟ କାମ ହେଲା ବିଦେଶୀମାନେ ଭାରତ ବିରୋଧରେ କେଉଁଠି ଓ କିଭଳି ଷଡଯନ୍ତ୍ର କରୁଛନ୍ତି ତା'ର ସୂଚନା ସଂଗ୍ରହ କରିବା। ନୂଆଦିଲ୍ଲୀରେ ଏହାର ମୁଖ୍ୟାଳୟ ରହିଛି। ଏହାର ସିକ୍ରେଟ ମିସନ୍ ମଧ୍ୟ ରହିଥାଏ। 'ର' ମୁଖ୍ୟ ନିଜର ପ୍ରତିଦିନର ରିପୋର୍ଟ ନ୍ୟାସନାଲ ସିକ୍ୟୁରିଟି ଆଡଭାଇଜରଙ୍କୁ ଦେଇଥାନ୍ତି।

# ପ୍ରଥମ କରି ଇ-ଭୋଟିଂ ଆପ୍ ଲଞ୍ଚ କଲା ବିହାର

**ପାଟନା,(ହି.ସ):** ମତଦାନ କରିବାକୁ ଭୋଟିଂ କେନ୍ଦ୍ରକୁ ଯିବାକୁ ଅସୁବିଧା ଅଛି କି? ଆଉ ଟେନସନ୍ ନାହିଁ। ଘରେ ବସି ମତଦାନ ସାବ୍ୟସ୍ତ କରିପାରିବେ। ମତଦାତାଙ୍କ ପାଇଁ ଆରମ୍ଭ ହୋଇଛି ମୋବାଇଲ ଫୋନ୍‌ରେ ମତଦାନ ସୁବିଧା। ଲଞ୍ଚ ହୋଇଛି ଇ-ଭୋଟିଂ ଆପ୍।




ପ୍ରଥମ ରାଜ୍ୟ ଭାବେ ବିହାର ଏହି ଆପ୍ ଶୁଭାରମ୍ଭ କରିଛି। ପାଇଲଟ୍ ପ୍ରୋଜେକ୍ଟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ପାଟନା, ରୋହତାସ ଏବଂ ପୂର୍ବ ଚମ୍ପାରଣ ଜିଲ୍ଲାର ନଗନ ନିଗମ ନିର୍ବାଚନରେ ଆରମ୍ଭ ହୋଇଛି। ଶେଷ ପର୍ଯ୍ୟାୟରେ ବିହାର ବିଧାନସଭା ନିର୍ବାଚନ ପ୍ରସ୍ତୁତି। ଦେଶର ପ୍ରଥମ ରାଜ୍ୟ ଭାବେ ବିହାର ନାଗରିକଙ୍କୁ ମୋବାଇଲ୍ ଆପ୍ ଜରିଆରେ ମତଦାନ କରିବାକୁ ଅନୁମତି ଦେଇଛି। ଶୁକ୍ରବାର ରାଜ୍ୟ ନିର୍ବାଚନ ଆୟୁକ୍ତ ଦୀପକ ପ୍ରସାଦ କହିଛନ୍ତି, ରାଜ୍ୟର ୬ ନଗର ନିଗମ ନିର୍ବାଚନରେ ଇ-ଭୋଟିଂ ହେବ। ଯେଉଁମାନେ ମତଦାନ କେନ୍ଦ୍ରକୁ ଯିବାକୁ ସକ୍ଷମ ନଥିଲେ ସେମାନେ ଏହି ସୁବିଧା ପାଇବେ। ବିଶେଷ କରି ବରିଷ୍ଠ ନାଗରିକଙ୍କୁ ଏହି ସୁବିଧା ମିଳିବ। ସେପଟେ ରାଜ୍ୟର ୨୬ ଜିଲ୍ଲା ଓ ୪୨ ନଗରପାଳିକାରେ ଆଜି (ଶନିବାର) ମତଦାନ ହେଉଛି। ୨୬ ଜିଲ୍ଲାର ୪୮୯ ମତଦାନ କେନ୍ଦ୍ରରେ ମତ ସାବ୍ୟସ୍ତ କରୁଛନ୍ତି ଭୋଟର। ୧୩୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ଚାଲିଛି। ଯେଉଁମାନେ ମତଦାନ କେନ୍ଦ୍ରକୁ ଆସିବାକୁ ଅସମର୍ଥ ସେମାନଙ୍କ ପାଇଁ ନୂଆ ବ୍ୟବସ୍ଥା ଆରମ୍ଭ ହୋଇଛି। ପୌର ନିର୍ବାଚନକୁ ଅଧିକ ସହଜ କରିବାକୁ ବିହାରରେ ଏହି ଆପ୍ ଲଞ୍ଚ କରିଛି। ବିଶେଷ କରି ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଏବଂ ପ୍ରବାସୀ ଭୋଟର ଏହି ଇ-ଭୋଟିଂ ସିଷ୍ଟମର ସୁବିଧା ପାଇବେ। ଏଥିରେ ଥିବା ବ୍ଲକଚେନ୍ ଟେକ୍ନୋଲୋଜି ଦ୍ୱାରା ଫେସ୍ ମ୍ୟାଚିଂ ଓ ସ୍କାନିଂ ହେବ। କେବଳ ଦୁଇ ଜଣ ଭୋଟର ଗୋଟିଏ ନମ୍ବର ବ୍ୟବହାର କରିବାକୁ ଅନୁମତି ରହିଛି। ମୋବାଇଲ୍ ଆପ ସାହାଯ୍ୟରେ କିମ୍ବା ରାଜ୍ୟ କମିଶନ୍‌ଙ୍କ ୱେବସାଇଟ୍‌ରେ ମତ ସାବ୍ୟସ୍ତ କରିପାରିବେ ଭୋଟର। ଯଦି ମତଦାତା ଫୋନ୍‌ରୁ ଭୋଟ ଦେବାକୁ ଚାହାନ୍ତି ତେବେ ସେମାନଙ୍କୁ ନିଜ ଆଣ୍ଡ୍ରଏଡ ଡିଭାଇସରେ ଆପ୍ ଡାଉନଲୋଡ କରିବାକୁ ହେବ। ଏହାପରେ ଫୋନ୍ ନମ୍ବର ସହ ଲିଙ୍କ୍ କରିବାକୁ ପଡିବ।

# ପୁରୁଲିଆରୁ ମାସଗ୍ରାମ ମାର୍ଗ ଦେଇ ହାଓଡ଼ା ଯାଉଥିବା ମେମୁ ଟ୍ରେନ୍‌ର ଶୁଭାରମ୍ଭ କଲେ ରେଳମନ୍ତ୍ରୀ



ନୂଆଦିଲ୍ଲୀ//ଭୁବନେଶ୍ୱର, (ପିଆଇବି): କେନ୍ଦ୍ର ରେଳପଥ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର, ବିଷ୍ଣୁପୁରର ସାଂସଦ ସୌମିତ୍ର ଖାନ, ହାଓଡ଼ାର ସାଂସଦ ପ୍ରସୁନ ବାନାର୍ଜୀ, ରେଳ ଅଧିକାରୀ ଏବଂ ନାଗରିକମାନେ ଶନିବାର ସାନ୍ତ୍ରାଗାଛି ରେଳପଥ ଷ୍ଟେସନ ପରିଦର୍ଶନ କରିଥିଲେ। ଏହି ନିରୀକ୍ଷଣ ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଅଞ୍ଚଳର ଚାହିଦା ପୂରଣ କରି ପୁରୁଲିଆ ଏବଂ ହାଓଡ଼ା ମଧ୍ୟରେ ଟ୍ରେନ୍ ନମ୍ବର ୦୮୧୨୧ - ଗରଗଟ ସେବାର ଉଦଘାଟନୀ ଉତ୍ସବରେ ଯୋଗଦେଇ ଟ୍ରେନର ଶୁଭାରମ୍ଭ କରିଥିଲେ । ଶ୍ରୀ ବୈଷ୍ଣବ ଅମୃତ ଭାରତ ଷ୍ଟେସନ୍ ଯୋଜନା ପୁନଃବିକାଶର ଏକ ଅଂଶ ଭାବରେ ସାନ୍ତ୍ରାଗାଛି ରେଳ ଷ୍ଟେସନରେ ଭିତ୍ତିଭୂମି ଏବଂ ଯାତ୍ରୀ ସୁବିଧା ଯାଞ୍ଚ କରିଥିଲେ। ସାନ୍ତ୍ରାଗାଛି ରେଳ ଷ୍ଟେସନରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଗରଗଟ ଟ୍ରେନ୍ ନମ୍ବର ୦୮୧୨୧ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅଶ୍ୱିନୀ ବୈଷ୍ଣବ ତାଙ୍କର ବକ୍ତବ୍ୟରେ କହିଛନ୍ତି ଯେ, "ଏହି ମେମୁ ଟ୍ରେନ୍ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ସଂଯୋଗକୁ ପୁନରୁଦ୍ଧାର କରେ ନାହିଁ ବରଂ ଐତିହାସିକ ବାଙ୍କୁରା ଦାମୋଦର ରେଳପଥର ଆତ୍ମାକୁ ମଧ୍ୟ ପୁନର୍ଜୀବିତ କରେ । ପୁରୁଲିଆ, ବାଙ୍କୁରା ଏବଂ ହାଓଡ଼ାର ଲୋକମାନେ ଏବେ ଏକ ସ୍ୱଚ୍ଛ, ଦ୍ରୁତ ଏବଂ ଅଧିକ ସୁଲଭ ରେଳ ଯାତ୍ରାର ସୁବିଧା ପାଇଛନ୍ତି । ଏହା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ।" କେବଳ ପଶ୍ଚିମବଙ୍ଗରେ, ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରାୟ ୧୦୧ଟି ଷ୍ଟେସନରେ ଅସାଧାରଣ ଗତିରେ କାମ ଚାଲିଛି। ଏହା କେବଳ ବିକାଶ ନୁହେଁ, ଏହା ଭାରତୀୟ ରେଳବାଇର ଏକ ସମ୍ପୂର୍ଣ୍ଣ ନବୀକରଣର ଦୃଷ୍ଟିକୋଣ । ଏକ ନୂତନ ଯୁଗର ନିର୍ମାଣ କରାଯାଉଛି - ୫୦-୬୦ ବର୍ଷ ପୁରୁଣା ଷ୍ଟେସନଗୁଡ଼ିକୁ ବଦଳାଇ ଆଧୁନିକ ଷ୍ଟେସନଗୁଡ଼ିକ ବ୍ୟବହାର କରାଯିବ। ଲୋକମାନେ ଆଜି ଗୁଣବତ୍ତା ଏବଂ ଉତ୍ତମ ଅଭିଜ୍ଞତା ପାଇଁ ଆକାଂକ୍ଷା କରନ୍ତି। ନୂତନ ମେମୁ ଟ୍ରେନ୍ ନମ୍ବର ୦୮୧୨୧ ପୁରୁଲିଆ – ବାଙ୍କୁରା – ମାସଗ୍ରାମ – ହାଓଡ଼ା ରୁଟ୍ ଦେଇ ମୋଟ ୨୮୩ କିମି ଦୂରତା ଅତିକ୍ରମ କରିବ। ଏହି ମେମୁ ସେବା ପଶ୍ଚିମବଙ୍ଗ ରାଜ୍ୟ ମଧ୍ୟରେ ପୂର୍ବ-ପଶ୍ଚିମ ଗତିଶୀଳତାକୁ ବୃଦ୍ଧି କରେ ଏବଂ ଅଫିସ୍ ଯାଉଥିବା ହଜାର ହଜାର ଦୈନିକ ଯାତ୍ରୀଙ୍କ ପାଇଁ ଏକ ଦ୍ରୁତ ଓ କମ ଖର୍ଚ୍ଚରେ ଯାତ୍ରା କରିବ ଯେଉଁଥିରେ ଅଫିସ୍ ଯାଉଥିବା ଲୋକ, ଛୋଟ ଏବଂ ମଧ୍ୟମ ବ୍ୟବସାୟୀ ମଧ୍ୟ ସାମିଲ ଅଛନ୍ତି।

# ଜୁଲାଇ ୧ ସୁଦ୍ଧା ରାଜ୍ୟର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଶେଷ ହେବ



ଭୁବନେଶ୍ୱର, (ହି.ସ): କେନ୍ଦ୍ର ନିର୍ବାଚନ ଅଧିକାରୀ ଡ.ବି.ଲକ୍ଷ୍ମଣଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ପ୍ରକ୍ରିୟା ରବିବାର ଠାରୁ ଆରମ୍ଭ ହେବାକୁ ଯାଉଛି। ୩ ଦିନ ଧରି ହେବାକୁ ଥିବା ଏହି ନିର୍ବାଚନ ପ୍ରକ୍ରିୟା ଜୁଲାଇ ୧ ସୁଦ୍ଧା ଶେଷ ହେବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି। ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ, ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ କରିବା ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ତରଫରୁ ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶ୍ରୀ ଜୟସ୍ୱାଲ ଓଡ଼ିଶା ଗସ୍ତ କରିବେ ବୋଲି ସୂଚନା ପ୍ରାପ୍ତ ହୋଇଛି। ସୂଚନାଯୋଗ୍ୟ, ପ୍ରତି ୩ ବର୍ଷରେ ଥରେ ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୁଏ। ବିଗତ ନିର୍ବାଚନ ପରି ଚଳିତ "ସାଙ୍ଗଠନିକ ନିର୍ବାଚନ ୨୦୨୪" ସ୍ଥାନୀୟ ସ୍ତରରୁ ଆରମ୍ଭ ହୋଇ ରାଷ୍ଟ୍ରୀୟ ସଭାପତିଙ୍କ ନିର୍ବାଚନରେ ଶେଷ ହେବ। ଏଥିମଧ୍ୟରେ ବିଜେପିର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲ୍ଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି।

## ବିରୋଧୀଙ୍କୁ ଜବାବ ଦେଲେ ଆଇନ୍‌ମନ୍ତ୍ରୀ

# 'ମୋ ଦେଖିବାରେ ଅଧିକାଂଶ ବର୍ଷ ରଥ ଦ୍ୱିତୀୟ ଦିନ ଶରଧାବାଲିରେ ପହଞ୍ଚିଥାନ୍ତି'

ଭୁବନେଶ୍ୱର, (ହି.ସ): ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବସରରେ ଶୁକ୍ରବାର ପୁରୀରେ ରଥ ଟଣାରେ ବିଳମ୍ବ ସହ ପ୍ରଭୁ ଜଗନ୍ନାଥଙ୍କ ନନ୍ଦଘୋଷ ସନ୍ଧ୍ୟା ୭ଟା ୪୫ ପର୍ଯ୍ୟନ୍ତ ଛିଡ଼ା ହୋଇ ରହିବାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବୟନ ଉପରେ ରାଜ୍ୟ ସରକାର ପ୍ରତିକ୍ରିୟା ଦେଇଛନ୍ତି। ରାଜ୍ୟ ସରକାରରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ବିରୋଧୀ କୁତ୍ସିତ ରାଜନୀତି କରୁଛନ୍ତି। ଆଇନ୍ ମନ୍ତ୍ରୀ କହିଛନ୍ତି, ଜଣ୍ଡିସ ହୋଇଥିବା ଲୋକଙ୍କୁ ମହାପ୍ରଭୁଙ୍କ ଲୀଳା ରାଜନୀତି ପରି ଲାଗୁଛି। କିନ୍ତୁ ମନେ ରଖିବା ଉଚିତ ଯେ, ଅତୀତରେ ସେମାନେ ତ୍ରୁଟି କରି ମହାପ୍ରଭୁଙ୍କୁ ଅପମାନିତ କରିଛନ୍ତି। ମୋ ଦେଖିବାରେ ୧୯୭୭ ଠାରୁ ଆଜି ଯାଏଁ ପ୍ରଥମ ଦିନରେ ତିନି ରଥ ପହଞ୍ଚି ନାହିଁ। ଅଧିକାଂଶ ବର୍ଷ ରଥ ଦ୍ୱିତୀୟ ଦିନରେ ଶରଧାବାଲିରେ ପହଞ୍ଚିଥାନ୍ତି। ଯେଉଁମାନେ ରାଜନୀତି କରୁଛନ୍ତି, ଆଜି ନ ହେଲେ କାଲି ଭୋଗିବେ। ଶୁକ୍ରବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି କହିଥିଲେ, ନିର୍ଦ୍ଧାରିତ ସମୟରେ ସବୁ ନୀତିକାନ୍ତି ଶେଷ ହୋଇଥିଲା। ଅପରାହ୍ନ ୪ଟା ସୁଦ୍ଧା ରଥଟଣା ଆରମ୍ଭ ହୋଇଥିଲା। କିନ୍ତୁ ବଳଭଦ୍ରଙ୍କ ରଥ ମୋଡ଼ ନେବାରୁ ସମୟ ଲାଗିଥିଲା। ସେହିପରି ଅନୁକୂଳ ପାଗ ଯୋଗୁଁ ରଥଯାତ୍ରାରେ ଦେଢ଼ ଗୁଣା ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଆଶା ଅନୁସାରେ ଏଥର ଅଧିକ ଲୋକ ହୋଇଥିଲେ। ବିଧି ରକ୍ଷା କରି ନନ୍ଦିଘୋଷ ରଥ ଟଣା ଯାଇଥିଲା। ଶୁକ୍ରବାର ତିନି ରଥ ଟଣାରେ ବିଳମ୍ବ ସହ ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ହିଁ ଛିଡା ହୋଇ ରହିବା ଘଟଣାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ କଡା ଭାଷାରେ ସମାଲୋଚନା କରିଛନ୍ତି। ନବୀନ ଉଲ୍ଲେଖ କରିଛନ୍ତି, 'ନନ୍ଦିଘୋଷ ରଥ ଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଦୋଷାରୋପ କିମ୍ବା ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଆମେ ଚାହୁଁନାହୁଁ। କିନ୍ତୁ ଆମ ରାଜ୍ୟର ତଥା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଏହି ପବିତ୍ର ଉତ୍ସବରେ ଯେଉଁ ଅଘଟଣ ଘଟିଛି, ତାହା ପ୍ରତି ଆମର ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ ନ'କରି ରହି ହେଉନାହିଁ। ଗତବର୍ଷ ଆଡ଼ପ ପହଣ୍ଡି ବିଜେ ସମୟରେ ଭଗବାନ ବଳଭଦ୍ର ପଡ଼ିଯିବା ଘଟଣାକୁ ଏଯାଏଁ ଆମେ କେହି ଭୁଲି ପାରୁନାହୁଁ। ଏହା ଏପରି ଏକ ମୁହୂର୍ତ୍ତ ଥିଲା ଯାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ମର୍ମାହତ କରିଥିଲା। ଏବର୍ଷ, ସମସ୍ତେ ଦେଖିଲେ ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ସନ୍ଧ୍ୟା ୭:୪୫ ପର୍ଯ୍ୟନ୍ତ ଅଟକି ରହିଥିଲା ଏବଂ ଦିନ ଶେଷ ହେବା ପୂର୍ବରୁ ମାତ୍ର କିଛି ମିଟର୍ ଗଡ଼େଇ ଦିଆଗଲା। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଏହି ଅନନ୍ୟ ଉତ୍ସବ ଦେଖିବାକୁ ଆସିଥିବା ଲକ୍ଷଲକ୍ଷ ଭକ୍ତଙ୍କୁ ଏହା ସମ୍ପୂର୍ଣ୍ଣ ନିରାଶ ଓ ହତାଶ କରିଛି। ଭିଡ଼ ନିୟନ୍ତ୍ରଣରେ ଅପାରଗତା ହେତୁ ଶହ ଶହ ଭକ୍ତ ଆହତ ହୋଇଛନ୍ତି। ଆମେ କେବଳ ଏତିକି ପ୍ରାର୍ଥନା କରିପାରିବା, ରଥଯାତ୍ରାର ଏହି ଦିବ୍ୟ ଉତ୍ସବରେ ହୋଇଥିବା ଭୟଙ୍କର ବିଭ୍ରାଟ ତଥା ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ କ୍ଷମା କରନ୍ତୁ। ମୁଁ ଆଶା କରିବି ଏହି ଘଟଣା ସରକାରରେ ଥିବା ସମସ୍ତଙ୍କ ମନରେ ଗଭୀର ଆତ୍ମଚିନ୍ତନ ଆଣିବ। ଚକା ଆଖି ସବୁ ଦେଖୁଛି।

# ରାଜ୍ୟରେ ରବି ଧାନ ସଂଗ୍ରହ ପ୍ରକ୍ରିୟାର ସମୀକ୍ଷା କଲେ ମନ୍ତ୍ରୀ

## ଚାଷୀ ଓ ଜିଲ୍ଲାପାଳମାନଙ୍କ ସହ ଧାନ କିଣା ସମ୍ପର୍କରେ କଲେ ଆଲୋଚନା



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ରାଜ୍ୟରେ ରବି ଋତୁ ଧାନ କିଣା ପ୍ରକ୍ରିୟା ଚଳିତ ମାସରେ ଶେଷ ହେଉଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଦର୍ଶନ କରି ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ଧାନ କିଣା ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଛନ୍ତି। ରାଜ୍ୟରେ ରବି ଧାନ ସଂଗ୍ରହ ପ୍ରକ୍ରିୟା ଅନ୍ତିମ ପର୍ଯ୍ୟାୟରେ ଥିବାରୁ ତ୍ୱରିତ ପଦକ୍ଷେପ ନେଇ ଯୋଗ୍ୟ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ଶେଷ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଛୁଟି ଦୀନ ଗୁଡିକରେ କାର୍ଯ୍ୟ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ନିଗମ ପରିଷଦରେ ନିର୍ଦ୍ଦେଶ ନିୟନ୍ତ୍ରଣ ଏବଂ ଅଭିଜ୍ଞତା କେନ୍ଦ୍ରକୁ ଯାଇ ସେଠାରେ ବିଭିନ୍ନ ଜିଲ୍ଲାର ଚାଷୀ ଓ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଛନ୍ତି। ଧାନ ସଂଗ୍ରହର ଅଗ୍ରଗତି ସମ୍ପର୍କରେ ବରଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଧାନର କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟତା ମୂଲ୍ୟ ଓ ଇନପୁଟ ସହାୟତା ମିଳୁଛି କି ନାହିଁ ବରଗଡ଼ ଓ ବାଲେଶ୍ୱର ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାର ଚାଷୀମାନଙ୍କୁ ପଚାରି ବୁଝିଥିଲେ। ଏଥିସହ କୌଣସି ଅଭିଯୋଗ ଥିଲେ ଟୋଲ୍ ଫ୍ରି ନଂ ୧୯୬୭ ମାଧ୍ୟମରେ ଏହି କେନ୍ଦ୍ର ସହ ଯୋଗାଯୋଗ କରାଯାଇପାରିବ। ଧାନକିଣା ନେଇ କୌଣସି ଚାଷୀଙ୍କଠାରୁ ଅଭିଯୋଗ ଆସିଲେ ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ରଙ୍କର ଏହି ସମୀକ୍ଷା ବୈଠକରେ ରାଜ୍ୟ ଖାଦ୍ୟଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଧାନ କିଣା ଅଗ୍ରଗତି ସମ୍ପର୍କରେ ଅବଗତ କରିଥିଲେ। ଏହି ଅବସରରେ ରାଜ୍ୟ ଖାଦ୍ୟଯୋଗାଣ ନିଗମର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଏଡ୍ ନାମଲେଖା ସ୍ଥଗିତ: ପ୍ରବେଶିକା ପରୀକ୍ଷାରେ ଅନିୟମିତତା ଅଭିଯୋଗ

ଭୁବନେଶ୍ୱର, (ହି.ସ): ଦୁଇବର୍ଷିଆ ବିଏଡ୍ (କଳା ଓ ବିଜ୍ଞାନ), ବିଏଚ୍ଏଡ୍ ଓ ଏମ୍ଏଡରେ ନାମଲେଖାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏଥିଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଓ ନାମଲେଖା ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ନାମଲେଖା ପାଇଁ ଅଫଲାଇନରେ ହୋଇଥିବା ପ୍ରବେଶିକା ପରୀକ୍ଷାରେ ବ୍ୟାପକ ଅନିୟମିତତା କରାଯାଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ ଆଣିଛନ୍ତି। ପ୍ରଶ୍ନପତ୍ର ଅନୁଯାୟୀ ଅଧିକ ମାର୍କ ପାଇବାକୁ ଆଶାବାଦୀ ଥିବାବେଳେ ସ୍କୋର୍ କାର୍ଡରେ କିନ୍ତୁ କମ୍ ମାର୍କ ରହିଛି। ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍ଏସବି) ପକ୍ଷରୁ ମେଧା ତାଲିକା ପ୍ରକାଶ କରା ନଯାଇ ସିଧାସଳଖ ସ୍କୋର କାର୍ଡ ପ୍ରକାଶ କରାଯାଇଥିବାରୁ ଉଚ୍ଚଶିକ୍ଷା ବିଭାଗର ଅଭିଯୋଗ ଶୁଣାଣିରେ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ। ଏହାକୁ ବିଭାଗ ଗୁରୁତ୍ୱର ସହ ନେଇ ଅଭିଯୋଗର ସତ୍ୟତା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଯାଞ୍ଚ ପରେ ୮ଜଣ ପରୀକ୍ଷାର୍ଥୀଙ୍କ କୋଡିଂରେ ଭୁଲ୍ ହୋଇଥିବା ନେଇ ଏସ୍ଏସବି ପକ୍ଷରୁ ବିଭାଗକୁ ଲିଖିତ ଭାବେ ଅବଗତ କରାଯାଇଛି। ଏହାପରେ ଉଚ୍ଚଶିକ୍ଷା ବିଭାଗ ବିଏଡ୍, ଏମ୍ଏଡ୍, ବିଏଚ୍ଏଡ୍ ନାମଲେଖାକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ଏଥିସହ ଏସ୍ଏସବି ପକ୍ଷରୁ ପରୀକ୍ଷା ଖାତା ଏବଂ ମାର୍କକୁ ପୁନଃ ଯାଞ୍ଚ ପାଇଁ ଏକ କମିଟି ଗଠନ କରାଯାଇଛି। ଘଟଣାର ସମସ୍ତ ତଦନ୍ତ ଶେଷ ହେବା ପରେ ପୁନଃ ନାମଲେଖା ପାଇଁ ତାଲିକା ପ୍ରକାଶ କରାଯିବ। ଏ ସମ୍ପର୍କରେ ସାମ୍ସ ପୋର୍ଟାଲରେ ନାମଲେଖା ତାରିଖ ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟରେ ଖୁବ୍‌ଶୀଘ୍ର ଆରମ୍ଭହେବ ମାଗଣା ଶବବାହନ ସେବା

ଭୁବନେଶ୍ୱର, ୨୮ ଜୁନ୍ - ରାଜ୍ୟରେ ଖୁବ୍‌ଶୀଘ୍ର ଆରମ୍ଭହେବ ମାଗଣା ଶବବାହନ ସେବା । ଏନେଇ ସ୍ୱାସ୍ଥ୍ୟ ସଚିବ ଅଶ୍ୱତି ଏସ.ଙ୍କ ଅଧ୍ୟକ୍ଷତାରେ ସରିଛି ପ୍ରାଥମିକ ପର୍ଯ୍ୟାୟ ବୈଠକ । ଆସନ୍ତା ୨ରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ବସିବ ଉଚ୍ଚସ୍ତରୀୟ ବୈଠକ । ବୈଠକରେ ଚୂଡ଼ାନ୍ତ ହେବ ରୂପରେଖ । ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଗୃହ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ,ଅର୍ଥ,ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି । ବିଭାଗ ପକ୍ଷରୁ ମାଗଣା ଶବ ବାହାନ ସେବା ଲାଗି ଏକ ଚିଠା ମାର୍ଗ ଦର୍ଶିକା ପ୍ରସ୍ତୁତ ହେବ ।

# ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ଜନିତ ଜିରୋ କେଜୁଆଲଟି ଲକ୍ଷ୍ୟ ହାସଲ କରିଛି: ସ୍ୱାସ୍ଥ୍ୟ ମନ୍ତ୍ରୀ




ପୁରୀ/ଭୁବନେଶ୍ୱର, (ହି.ସ): ଚତୁର୍ଦ୍ଧାମୂରତିଙ୍କ ମାନବୀୟ ଲୀଳାର ନିଦର୍ଶନ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ସାମୁହିକ ପ୍ରଚେଷ୍ଟାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱାସ୍ଥ୍ୟ ଜନିତ ଜିରୋ କେଜୁଆଲଟି ଲକ୍ଷ୍ୟ ହାସଲ କରିଛି। ସେଥିପାଇଁମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପୁରୀଠାରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ସାଧୁବାଦ ଜଣାଇଛନ୍ତି। ରଥଯାତ୍ରା-୨୦୨୫ ଅବସରରେ ସମନ୍ୱିତ ଓ ସୁବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଇଛି। ପୁରୀଠାରେ ବିଭାଗର କ୍ୟାମ୍ପ ଅଫିସ୍ କାର୍ଯ୍ୟ କରୁଛି । ଏହି ବର୍ଷ ଅତିରିକ୍ତ ବେଡ଼ ସଂଖ୍ୟା ଗତ ବର୍ଷର ୧୪୦ରୁ ୨୬୫କୁ ବୃଦ୍ଧି କରାଯାଇଛି। ସ୍ୱାସ୍ଥ୍ୟସେବାକୁ ବ୍ୟାପକ ଏବଂ ତ୍ୱରିତ କରିବା ଉଦ୍ଦେଶ୍ୟରେ ଅନ୍ୟ ଜିଲ୍ଲାରୁ ୩୭୮ ଜଣ ଅତିରିକ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନିୟୋଜିତ କରାଯାଇଛି। ଅତିରିକ୍ତ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ଏମ୍ସ୍, ଭୁବନେଶ୍ୱର ପକ୍ଷରୁ ଚିକିତ୍ସା କେନ୍ଦ୍ରରେ ଏକ ବିଶେଷ ଡାକ୍ତର ଟିମ୍ ନିୟୋଜିତ ହୋଇ କାର୍ଯ୍ୟ କରୁଛନ୍ତି। ଜରୁରୀକାଳୀନ ଚିକିତ୍ସା ପରିବହନ ପାଇଁ ବ୍ୟାପକ ଆମ୍ବୁଲେନ୍ସ ନେଟୱାର୍କ ସୁନିଶ୍ଚିତ କରାଯାଇଛି। ୩୧ଟି ସରକାରୀ ଆମ୍ବୁଲାନ୍ସ ଏବଂ ସ୍ୱେଚ୍ଛା ସେବୀ ସହାୟତାରେ ୪୩ଟି ଆମ୍ବୁଲାନ୍ସକୁ ମିଶାଇ ମୋଟ ୭୪ଟି ଆମ୍ବୁଲାନ୍ସ ସେବାରେ ଅଛନ୍ତି। ଜନସ୍ୱାସ୍ଥ୍ୟ ସଚେତନତାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଖାଦ୍ୟ ନିରାପତା, ନିରାପଦ ପାନୀୟ ଜଳ, ହାତ ଧୋଇବା ଏବଂ ସ୍ୱଚ୍ଛତା ପ୍ରୋଟୋକଲ, ଓଆରଏସ୍ ବ୍ୟବହାର, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, କୋଭିଡ୍-୧୯ ପ୍ରତିରୋଧ ବ୍ୟବସ୍ଥା ଏବଂ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ବାବଦରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଅଭିଯାନ ଜାରି ରହିଛି । ରଥଯାତ୍ରା ସମୟରେ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ସମନ୍ୱୟ କରିବା ଏବଂ ଜରୁରୀକାଳୀନ ପରିସ୍ଥିତି ପାଇଁ ଏକ ନିର୍ଦ୍ଦିଷ୍ଟ ରଥଯାତ୍ରା କଂଟ୍ରୋଲ ରୁମ୍ ୨୪ ଘଂଟା କାର୍ଯ୍ୟ କରୁଛି। ଯେକୌଣସି ଚିକିତ୍ସା ସହାୟତା କିମ୍ବା ସ୍ୱାସ୍ଥ୍ୟସେବା ସଂପର୍କିତ ସୂଚନା ପାଇଁ କଂଟ୍ରୋଲ ରୁମ୍ ମୋବାଇଲ ନମ୍ବର +୯୧ ୬୩୭୦୫୬୦୨୪୭ ଏବଂ ଲ୍ୟାଣ୍ଡଲାଇନ ନମ୍ବର ୦୬୭୫୨-୨୨୨୧୭୫ରେ ଯୋଗାଯୋଗ ପାଇଁ ବ୍ୟବସ୍ଥା କରାଯାଇଛି । ବିଭାଗର ଏହି ସମସ୍ତ କାର୍ଯ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାରିରହିଛି । ମହାପ୍ରଭୁଂକ ରଥଯାତ୍ରା ସମୟରେ ଭକ୍ତବୃନ୍ଦଙ୍କୁ ଅବିରତ ସମର୍ପିତ ସ୍ୱାସ୍ଥ୍ୟସେବା ଯୋଗାଇଥିବାରୁ ମନ୍ତ୍ରୀ ସମସ୍ତ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଏଇଇ ସୁଶୀଲ କୁମାର ପଣ୍ଡାଙ୍କ ୭ଟି ସ୍ଥାନରେ ଭିଜିଲାନ୍ସ ଚଢାଉ

ଭୁବନେଶ୍ୱର, (ହି.ସ): ଆୟ ବହିର୍ଭୂତ ସଂପତି ଠୁଳ କରିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଗଂଜାମ ବ୍ଲକର ସହାୟକ କାର୍ଯ୍ୟକାରୀ ଅଭିଜ୍ଞତା (ଏଇଇ) ଶ୍ରୀ ସୁଶୀଲ କୁମାର ପଣ୍ଡାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇ ଗଂଜାମ ଓ ପୁରୀ ଜିଲ୍ଲାରେ ତାଙ୍କର ୭ଟି ଠିକଣାରେ ଚଢାଉ କରିଛି । ଏନେଇ ପ୍ରେସ ବିଜ୍ଞପ୍ତି ଜରିଆରେ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ଓଡ଼ିଶା ଭିଜିଲାନ୍ସ ଟିମ୍ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ଯେଉଁଥିରେ ୬ଟି ଡେପୁଟି ଏସପି, ୭ ଇନସପେକ୍ଟର ଓ ଅନ୍ୟ ସହଯୋଗୀ କର୍ମୀ ସାମିଲ ଅଛନ୍ତି । ମାନ୍ୟବର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ ବ୍ରହ୍ମପୁର ଦ୍ୱାରା ଜାରି କରାଯାଇଥିବା ତଲାସୀ ୱାରେଂଟ ଆଧାରରେ ଏହି ରେଡ୍ କରାଯାଇଛି । ବ୍ରହ୍ମପୁରର ରାମ ହରି ନଗରସ୍ଥିତ ତିନି ମହଲା ବିଲ୍ଡିଂ, ଅଙ୍କୁଲି ଅଞ୍ଚଳରେ ଅବସ୍ଥିତ ମୁକ୍ତେଶ୍ୱର ଆପାର୍ଟମେଣ୍ଟର ଫ୍ଲାଟ୍ ନଂ-୨୦୫, ସେହି ଆପାର୍ଟମେଣ୍ଟରେ ତାଙ୍କ ଭାଇଙ୍କ ନାମରେ ଥିବା ଅନ୍ୟ ଜଣେ ଏକ ଫ୍ଲାଟ୍, ପୁରୀ ଜିଲ୍ଲାର ଚୂଡ଼ଙ୍ଗ ସାହିରେ ଥିବା ଏକ ଫ୍ଲାଟ୍, ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗର ଅଞ୍ଚଳରେ ତାଙ୍କର ଜନ୍ମଗ୍ରାମ ଗୁଡଲିର ପୈତୃକ ଘର, ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ଅଞ୍ଚଳରେ ଥିବା ତାଙ୍କ ଶ୍ୱଶୁର ଘର, ଓ ଗଞ୍ଜାମ ବ୍ଲକ୍‌ସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଚଢାଉ କରାଯାଇଛି । ଏହି ସବୁ ସ୍ଥାନରେ ଏବେ ବି ତଦନ୍ତ ଅଭିଯାନ ଜାରି ଅଛି।

# ଆସୁଛି ୨ଟି ଲଘୁଚାପ; ଜୁଲାଇ ୪ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଆସୁଛି ୨ଟି ଲଘୁଚାପ। ଏହାର ପ୍ରଭାବରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ହେବ ପ୍ରବଳ ବର୍ଷା। ସାରା ରାଜ୍ୟରେ ବର୍ଷା ନେଇ ଶନିବାର ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଅଧିକ ବର୍ଷା ନେଇ ବହୁ ଜିଲାକୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଶନିବାର ୧୬ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଜୁନ୍ ୩୦ ଓ ଜୁଲାଇ ୧ରେ ଭୀଷଣ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ସୂଚନାଯୋଗ୍ୟ, ପୂର୍ବ ଏବଂ ପଶ୍ଚିମ ଭାଗରେ ଯୋଡା ଲଘୁଚାପ ଆଶଙ୍କା ରହିଛି ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ରବିବାର ଘୂର୍ଣ୍ଣିବଳୟ ସୃଷ୍ଟି ସମ୍ଭାବନା ରହିଛି। ପ୍ରଭାବରେ ଜୁଲାଇ ୪ ତାରିଖ ଯାଏଁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଭିନ୍ନ ଜିଲ୍ଲାରେ ଘଡଘଡି ସହ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଦକ୍ଷିଣ ଭାଗ ଓ ଉତ୍ତର-ପୂର୍ବ ଆରବ ସାଗର ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଆଗାମୀ ୧୨ ଘଣ୍ଟାରେ ସମାନ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା ରହିଛି। ରବିବାର ବେଳକୁ ଉତ୍ତର-ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଉତ୍ତର ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଦକ୍ଷିଣ-ପଶ୍ଚିମ ରାଜସ୍ଥାନ, ବାଂଲାଦେଶ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ନିମ୍ନଚାପରେଖା ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏଥିପାଇଁ ସତର୍କ ସୂଚନା ଦିଆଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାର କିଛି ଅଞ୍ଚଳରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ଏବଂ ଘଣ୍ଟା ପ୍ରତି ୩୦ରୁ ୪୦କି.ମି ବେଗରେ ପବନ ବହିବା ସମ୍ଭାବନା ଥିବାରୁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି।

## ସଂପାଦକୀୟ

# ଉପ-ନିର୍ବାଚନ ସନ୍ଦେଶ

ନିକଟରେ ଘୋଷିତ ଚାରୋଟି ରାଜ୍ୟର ୫ଟି ବିଧାନସଭା ଆସନରେ ଉପ-ନିର୍ବାଚନ ଫଳାଫଳ ବିରୋଧି ଦଳ ବିଶେଷ କରି ବିଶୃଙ୍ଖଳିତ ହୋଇପଡିଥିବା ଇଣ୍ଡିଆ ପାଇଁ ଖୁସିର ଲହରି ଆଣିଦେଇଛି ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଜୁନ୍ ୧୯ର ଉପ-ନିର୍ବାଚନ ବିଜେପି କେବଳ ପରାଜିତ ହୋଇନାହିଁ, ଦଳ ପାଇଁ ନୈରାଶ୍ୟ ଆଣିଦେଇଛି। ପାଂଚଟି ଆସନ ମଧ୍ୟରୁ ବିଜେପି କେବଳ ଗୋଟିଏ ଆସନରେ ବିଜୟୀ ହୋଇଥିବାବେଳେ ଦଳର ଦୁର୍ଗ ଭାବେ ପରିଚିତ ଗୁଜରାଟରେ ଗୋଟିଏ ଆସନରେ ପରାସ୍ତ ହୋଇଛି। ପ୍ରଧାନମନ୍ତ୍ରୀ ନିରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅଭେଦ୍ୟ ଗଡରେ ଆମ ଆଦମୀ ପାର୍ଟି(ଏଏପି) ଠାରୁ ଦଳ ପରାଜୟର ସ୍ୱାଦ ରଖିଛି। ଆମ ଆଦମୀ ପାର୍ଟି (ଆପ) ଦୁଇଟି ଆସନ ହାତେଇଛି। ଦୁଇଟି ଆସନ ମଧ୍ୟରୁ ଗୋଟିଏ ପଞ୍ଜାବର ହୋଇଥିବାବେଳେ ଅନ୍ୟଟି ଗୁଜରାଟର। ସେହିପରି କଂଗ୍ରେସ, ତୃଣମୂଳ କଂଗ୍ରେସ ଏବଂ ବିଜେପି ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି। ଗତ ତିନି ଦଶନ୍ଧି ଧରି କ୍ଷମତାସୀନ ଥିବା ବିଜେପିକୁ ଗୁଜରାଟର ବିସାବଦାର ଆସନ ବିଷାଦ ଆଣିଦେଇଛି। କହିବା ଅଯଥାର୍ଥ ହେବ ନାହିଁ ଯେ, ବିସାବଦାର ଆସନକୁ ବିଜେପି ପୁଣି ଥରେ ହାତଛଡା କରିଛି। ଗତ ୨୦୨୨ ବିଧାନସଭାକୁ ନିର୍ବାଚନରେ ବିସବଦାର ଆସନରେ ଆପ୍'ର ପ୍ରାର୍ଥୀ ବିଜୟୀ ହୋଇଥିଲେ। ମାତ୍ର ସେ ବିଜେପିରେ ଯୋଗଦେବା ପରେ ବିଧାୟକ ପଦରୁ ଇସ୍ତଫା ଦେବା ଯୋଗୁଁ ସେଠାରେ ଉପ-ନିର୍ବାଚନ ହୋଇଥିଲା। ଉପ-ନିର୍ବାଚନରେ ସେ ଆପ୍ ପ୍ରାର୍ଥୀ ତଥା ପୂର୍ବତନ ରାଜ୍ୟ ପୂର୍ବତନ ରାଜ୍ୟଶାଖା ସଭାପତି ଗୋଲପ ଇଟାଲିଆଙ୍କ ଠାରୁ ପରାସ୍ତ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୨ ବିଧାନସଭା ନିର୍ବାଚନରେ ଆପ୍ ୫ଟି ଆସନ ଅକ୍ତିଆର କରିଥିଲା। ଜଣେ ବିଧାୟକ ଦଳତ୍ୟାଗ କରିବା ସତ୍ତ୍ୱେ ଉପ-ନିର୍ବାଚନରେ ବିଜୟୀ ହୋଇ ଆପ୍ ନିଜର ସ୍ଥିତି ବଜାୟ ରଖିବାରେ ସମର୍ଥ ହୋଇଛି। ଆପ୍ ମଧ୍ୟ ଆପ୍ ପଂଜାବର ଲୁଧିଆନା ଆସନରେ ବିଜୟ ହୋଇଛି। ଗୁଜରାଟର କାଦି ଆସନର ଉପ-ନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯାଇଛି। ଏହା ନିସନ୍ଦେହ ଯେ, ଉପ-ନିର୍ବାଚନ ଫଳାଫଳ ସାଧାରଣତଃ ରାଜ୍ୟରେ କ୍ଷମତାସୀନ ଦଳ ସପକ୍ଷରେ ଯାଇଥାଏ। କିନ୍ତୁ କେରଳ ଓ ଗୁଜରାଟରେ ଏହାର ବ୍ୟତିକ୍ରମ ଘଟିଥିବା ବେଳେ ପଂଜାବ ଓ ପଶ୍ଚିମବଙ୍ଗରେ ଶାସକ ଦଳ ନିଜର ସ୍ଥିତି ବଜାୟ ରଖିଛି। କେରଳରେ କ୍ଷମତାହୀନ ବାମପନ୍ଥୀ ସାମୁଖ୍ୟ (ଏଲଡିଏଫ)ର ସମର୍ଥୀତ ସ୍ୱାଧୀନ ପ୍ରାର୍ଥୀ ୨୦୨୧ରେ ନିନାସୁର ନିର୍ବାଚିତ ହୋଇଥିଲେ। ମାତ୍ର ରାଜ୍ୟସରକାରଙ୍କ ସହ ତାଙ୍କର ମତ ପାର୍ଥକ୍ୟ ପରେ ସେ ଇସ୍ତଫା ଦେଇ ପୁଣିଥରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିଥିଲେ। ତେବେ ରାଜ୍ୟ ବିଧାନସଭା ନିର୍ବାଚନ ଆସନ୍ତା ବର୍ଷ ହେବକୁ ଯାଉଥିବାବେଳେ ଶାସକ ଦଳ ପରାସ୍ତ ହେବା ଦଳର ଫଳାଫଳ ଉପରେ ପ୍ରଭାବ ପଡିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ନିଲାମ୍ବୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଓ୍ୱାୟନଡ ଲୋକସଭା ଆସନ ଅନ୍ତର୍ଗତ ଯେଉଁଠାରୁ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। ଆହୁରି ମଧ୍ୟ ନିଲାମ୍ବୁରରେ ବିଜେପି ପ୍ରାର୍ଥୀଙ୍କ ଶୋଚନୀୟ ପ୍ରଦର୍ଶନ ଦଳର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରେ। ପଶ୍ଚିମବଙ୍ଗରେ ଶାସକ ତୃଣମୂଳ କଂଗ୍ରେସ ପ୍ରାର୍ଥୀଙ୍କ ବିଜୟ କେବଳ ଦଳର ମନୋବଳକୁ ସୁଦୃଢ କରିନାହିଁ, ବିଜେପି ପାଇଁ ଶକ୍ତ ଝଟକା ସଦୃଶ ହୋଇଛି। ଆସନ୍ତାବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥର ବିଜେପି ତୃଣମୂଳକୁ ହରାଇ ସରକାର ଗଢିବା ନେଇ ଯେଉଁ ବାହାସ୍ଫୋଟ ମାରିଆସୁଛି, ସେଥିରେ ଝଟକା ଲାଗିଛି ବୋଲି କହିଲେ ଅତିରଂଜିତ ହେବନାହିଁ। ପଂଜାବରେ ଶାସକ ଆମ ଆଦମୀ ପାର୍ଟି ଲୁଧିଆନା(ପଶ୍ଚିମ) ଆସନରୁ ବିଜୟୀ ହୋଇଛନ୍ତି। ଏହା ନିଶ୍ଚିତ ଯେ, ଦିଲ୍ଲୀ ବିଧାନସଭା ନିର୍ବାଚନରେ ଶୋଚନୀୟ ଭାବେ ପରାଜିତ ହେବା ପରେ ଉପ-ନିର୍ବାଚନରେ ଆପ୍ ୫ଟି ଆସନ ମଧ୍ୟରୁ ୨ଟି ଆସନରେ ବିଜୟୀ ହେବା କେବଳ ଦଳର ମନୋବଳ ବଢାଇ ନାହିଁ, ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ନୂତନ ଆଶା, ଉଦ୍ଦିପନା ସୃଷ୍ଟି କରିବା ଆଶଙ୍କାକୁ ଅଣଦେଖା କରାଯାଇନପାରେ।

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।

Mob/ whatsapp : 9090962011
Ph. No. : 0674-2975387
E-mail : dumanikhabar2020@gmail.com

# ଶ୍ରୀଜଗନ୍ନାଥ ଚେତନା ଓ ଜଗନ୍ନାଥ ସଂସ୍କୃତି



ଡକ୍ଟର ସୁରେଶ କୁମାର ନାୟକ

ଶ୍ରୀଜଗନ୍ନାଥ ଆମ ସଂସ୍କୃତିର ସର୍ବଜନମାନ୍ୟ ରାଷ୍ଟ୍ର ଦେବତା। ଶ୍ରୀମନ୍ଦିର ରତ୍ନସିଂହାସନରେ କେବଳ ଦେବତା ଭାବରେ ସକାଳୁ ସଞ୍ଜ ଯାଏ ସେ ପୂଜିତ ହୁଅନ୍ତି ନାହିଁ। ବରଂ ଆମ ସୁଖ ଦୁଃଖ, ବିପଦଆପଦ ଓ ଭଲ ମନ୍ଦରେ ସେ ସାହା ହୁଅନ୍ତି ମଣିଷ ଭଳି। ସମଗ୍ର ପୃଥିବୀରେ ଏଭଳି ଦେବତା ବିରଳ। ସେଇଥିପାଇଁ ସେ ଜଗତରନାଥ ଶ୍ରୀଜଗନ୍ନାଥ। ଅନନ୍ୟ ତାଙ୍କର ମହାପ୍ରସାଦ। ଭେଦଶୂନ୍ୟ, ବିକାରଶୂନ୍ୟ ସଂହତି ଭାବ ସୃଷ୍ଟି କରେ ଭକ୍ତ ମନରେ ଏହି ମହାପ୍ରସାଦ। ଅତଏବ ଏହି ପୃଥିବୀ ପ୍ରସିଦ୍ଧ ଶ୍ରୀକ୍ଷେତ୍ର ଜଗନ୍ନାଥ ପୁରୀଧାମରେ ମହାପ୍ରଭୁଙ୍କର ଅର୍ପିତ ପ୍ରସାଦ ବା ଦ୍ରବ୍ୟ ସ୍ପୃଶ୍ୟାସ୍ପୃଶ୍ୟ ଦୋଷରେ ଦୂଷିତ ହୁଏ ନାହିଁ କି ଏଠାରେ ବର୍ଣ୍ଣବିଚାର ନାହିଁ, ଉଚ୍ଛିଷ୍ଟାଦି ବିଚାର ନାହିଁ କି ଶୌଚାଶୌଚ ପାପ ନିଷ୍ପାପ ବିଚାର ମଧ୍ୟ ନାହିଁ। ଆବ୍ରାହ୍ମଣଚଣ୍ଡାଳ ବ୍ରାହ୍ମଣ ସମସ୍ତେ ଏଠି ନିର୍ବିକାର ଚିତ୍ତରେ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ସେବନପୂର୍ବକ ଉଚ୍ଛିଷ୍ଟ ଗ୍ରହଣ କରି ନିଜକୁ ପରମ ଭାଗ୍ୟବାନ ମନେ କରନ୍ତି ଏବଂ ଅନ୍ୟ ମାନଙ୍କ ମୁଖରେ ମହାପ୍ରସାଦ ଦେଇ ଦିବ୍ୟାନନ୍ଦ ଅନୁଭବ କରିବା ସଙ୍ଗେ ସଙ୍ଗେ ନିଜକୁ ଅଧିକ ପବିତ୍ର ମଧ୍ୟ ମନେକରିଥାନ୍ତି। ତେଣୁ ଏହି କ୍ଷେତ୍ରରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକତ୍ର ଏକ ପାତ୍ରରେ ପାନଭୋଜନ କରିବା ଓ ମିଳାମିଶା କରିବା ବା ସଂହତି ରକ୍ଷା କରିବା ହେଉଛି ଏ ପୀଠର ପରମ୍ପରା। ଏହି ପରମ୍ପରା ବୌଦ୍ଧ ଧର୍ମ ଦର୍ଶନଦ୍ୱାରା ପ୍ରଭାବିତ। ଏହି ଏକତ୍ୱଭାବ, ଭ୍ରାତୃଭାବ ଆମ ସଂସ୍କୃତିର ମହନୀୟତାକୁ ପ୍ରତିପାଦିତ କରିଥାଏ। ସମଗ୍ର ବିଶ୍ୱରେ ଆମ ସଂସ୍କୃତିର ପରାକାଷ୍ଠା ମହାପ୍ରଭୁ ଜଗନ୍ନାଥଙ୍କ ଯୋଗୁ ଆଜି ବିଦିତ। ଆମ ସଂସ୍କୃତି ହେଉଛି ଜାତିଭେଦ ବିହୀନ ସଂସ୍କୃତି - ତାହା ହିଁ ଜଗନ୍ନାଥ ସଂସ୍କୃତି। ବୁଦ୍ଧରୂପୀ ପତିତପାବନଙ୍କ ନାମରେ ସିଂହଦ୍ୱାର ଗୁମୁଟରେ ଜଗନ୍ନାଥଙ୍କ ପ୍ରତିବିମ୍ବ ଅଙ୍କନ କରାଯାଇ ପ୍ରମାଣ କରାଯାଇଛି ଯେ ବୁଦ୍ଧ-ଜଗନ୍ନାଥ-ପତିତପାବନ ଏକ ଓ ଅଭିନ୍ନ ଓ ତାହା ହିଁ ଜଗନ୍ନାଥଙ୍କର ମୂଳରୂପ। ଅତଏବ ଜଗନ୍ନାଥ ବୁଦ୍ଧରୂପୀ ପତିତପାବନ ହୋଇଥିବାରୁ ତାହାଙ୍କ ଯାତ୍ରାକୁ ପତିତପାବନଯାତ୍ରା ବା ରଥଯାତ୍ରା ବୋଲି କୁହାଯାଏ। କବିସମ୍ରାଟ ଉପେନ୍ଦ୍ରଭଞ୍ଜ ନ୍ତକୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ ପ୍ରଥମ ଛାନ୍ଦରେ ଉଲ୍ଲେଖ କରିଛନ୍ତି - ନ୍ତସ୍ନାନ ଯେ ଗୁଣ୍ଡିଚା ବେନି ସ୍ୱୟଂଲୀଳା ଯା'ର, ପତିତପାବନ ଅର୍ଥେ ପ୍ରାସାଦୁଁ ବାହାର।' ଅର୍ଥାତ୍ ପତିତମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସ୍ନାନ ବା ଗୁଣ୍ଡିଚା ଯାତ୍ରାରେ ଜଗନ୍ନାଥ ମହାପ୍ରଭୁ ପ୍ରସାଦ ବା ଦେଉଳରୁ ବାହାରିଥାଆନ୍ତି।

ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଏହି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆଜି ଓଡ଼ିଶା ସମେତ ଭାରତ ବର୍ଷ ଓ ଭାରତ ବାହାରେ ବିଭିନ୍ନ ଦେଶରେ ପରିବ୍ୟାପ୍ତ। ଶ୍ରୀଜଗନ୍ନାଥ ଉପାସନାର ବୈଶିଷ୍ଟ୍ୟ ଜନସମାଜରେ ଆଦୃତ ହେଉଥିବାରୁ ଦେଶ ବିଦେଶରେ ତାହାଙ୍କର ଏ ଭେଦଭାବ ଶୂନ୍ୟ ଯାତ୍ରାର ବହୁଳ ପ୍ରଚାର ଓ ପ୍ରସାର ଘଟିଛି। ମହାପ୍ରଭୁଙ୍କ ସହିତ ଏ ମଣିଷର ପ୍ରତ୍ୟକ୍ଷ ସାନ୍ନିଧ ଓ ଗୂଢ଼ ସଂଯୋଗର ସୂତ୍ର ସ୍ଥାପିତ ହୁଏ ଏହି ରଥଯାତ୍ରାରେ। କୈବଲ୍ୟ ବା ମୁକ୍ତି ଏହାର ଉଦ୍ଦେଶ୍ୟ। ଶ୍ରୀଜଗନ୍ନାଥଙ୍କ ଏ ରଥଯାତ୍ରା ବ୍ୟକ୍ତି ଜୀବନକୁ ନୀତିମୟ, ଶୁଦ୍ଧ ଓ ଆଚାରଶୀଳ କରୁଥିବାବେଳେ ସାମାଜିକ ଜୀବନଧାରାକୁ ଆନନ୍ଦ ମୁଖରିତ କରିବା ସଙ୍ଗେ ସଙ୍ଗେ ମାର୍ଜିତ ଓ ରୁଚିସମ୍ପନ୍ନ କରିଥାଏ। ସାଂସ୍କୃତିକ ମୂଲ୍ୟବୋଧର ଭିତ୍ତି ଓ ଭୂମି ଉପରେ ପ୍ରତିଷ୍ଠିତ ଆମ ସଂସ୍କୃତିର ଏ ମହୋତ୍ସବ ଭକ୍ତିତତ୍ତ୍ୱ, ମୋକ୍ଷତତ୍ତ୍ୱ ଓ ପରମତତ୍ତ୍ୱ ପ୍ରଦାନ ସହିତ ତାର ଉଦାରମାନବିକତାକୁ ଉଦଘୋଷଣା କରେ। ତେଣୁ ବିଶ୍ୱମୁଖୀ ମୈତ୍ରୀବୋଧର ପ୍ରତିଷ୍ଠା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମଣିଷ ଭିତରେ ଦିବ୍ୟଜ୍ଞାନ ଓ ଦେବତ୍ୱ ସୃଷ୍ଟି କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏ ଯାତ୍ରା।

ନିତ୍ୟ ପୁଣ୍ୟଧାମ ପୁରୀକୁ ଆସୁଥିବା ଯେ କେହି ଦର୍ଶନାର୍ଥୀ ଶ୍ରଦ୍ଧାଳୁ ଚତୁର୍ଦ୍ଧାମୂରତିଙ୍କୁ ଆନନ୍ଦରେ ଦର୍ଶନ କରି ଦିବ୍ୟ ଅନୁଭବ ନେଇ ଘରକୁ ଫେରିଥାନ୍ତି। ଏହି ନିତ୍ୟ ଧାମ ପୁରୀ ସମାନତାର ଭାବରେ ଉଦବୃଦ୍ଧ କରିଥାଏ ସମସ୍ତଙ୍କୁ। ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରତିଟି ପରିବାର ନିଜ ଘରୁ ହିଁ ଯେଉଁ ଭକ୍ତି ନୈବେଦ୍ୟର ସମର୍ପଣ କରିଥାନ୍ତି ତାହା ମହାପ୍ରଭୁଙ୍କୁ ପ୍ରାପ୍ତ ହୋଇଥାଏ। ମହାପ୍ରଭୁ କେବଳ ଶ୍ରୀ ମନ୍ଦିର ଭିତରେ ଆବଦ୍ଧ ହୋଇନାହାଁନ୍ତି ସେ ଆମ ଭାବ, ମନ, ଚେତନା ଓ କାର୍ଯ୍ୟ ଭିତରେ ତାଙ୍କ ବାଣୀ, ତାଙ୍କ ଦର୍ଶନ ସହିତ ଅନ୍ୟ ମାନଙ୍କୁ ପରୋପକାର ସେବା ଭିତରେ ଜୀବନ ନିର୍ବାହ ପାଇଁ ଆମ ମାନଙ୍କୁ କୃପା ଆଶୀର୍ବାଦ ଦେଉଛନ୍ତି। ଆମ ଜୀବନ ଚେତନାର ମୂଳ ଧର୍ମ ଓ ମର୍ମ ହେଉଛି ବାସ୍ତବରେ ସ୍ୱୟଂ ମହାପ୍ରଭୁ ସବୁ କିଛିକୁ ନିଜେ ହିଁ କରାଉଛନ୍ତି ଆମେ ସବୁ ନିମିତ୍ତ ମାତ୍ର। ପୂର୍ଣ୍ଣବ୍ରହ୍ମ କାଳିଆ ସାଆନ୍ତ ଆମ ଜାତିର ପରିଚୟ, ଆମ ମାନଙ୍କ ପରିଚୟ। ମହାପ୍ରଭୁଙ୍କୁ ଅନ୍ତରଭରା ଏତିକି ପ୍ରାର୍ଥନା କରୁଛି ପ୍ରଭୁ ଆମ ସମସ୍ତଙ୍କ ଭିତରେ ପରୋପକାର, ଭାଇଚାରା, ସାମାଜିକ ସୌହାର୍ଦ୍ଦ୍ୟ, ପରିବାର ଓ ସାମାଜିକ ଦାୟିତ୍ୱ, ବୃତ୍ତିନିଷ୍ଠା ପ୍ରତି ସଚ୍ଚୋଟତା ଓ ଅଙ୍ଗୀକାରବଦ୍ଧତା ଆହୁରି ଭରି ଦିଅନ୍ତୁ, ଏ ଜାତିର ଓ କୋଟି କୋଟି ଓଡ଼ିଆ ଭାଇଭଉଣୀଙ୍କର ସର୍ବ ମଙ୍ଗଳ ହେଉ ଏହା ହିଁ କାମନା।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨**
**E-mail : s271169@gmail.com**

# ଭଗବାନ ହିଁ ବେକାରୀ ହଟାଉଛନ୍ତି, ଅନ୍ନ ଦେଉଛନ୍ତି



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଭଗବାନ ପ୍ରକୃତିର ସ୍ରଷ୍ଟା ସଞ୍ଚାଳକ ଓ ଆବଶ୍ୟକ ମନେ କରିଲେ ଧ୍ୱଂସକାରୀ ସୃଷ୍ଟି ଆରମ୍ଭରୁ ଅନୁଧ୍ୟାନ କେହି କରିଲେ ବୁଝିପାରିବେ। ଅନେକ ଜୀବ ଜନ୍ତୁଙ୍କୁ ଆହାର ସେହି ହିଁ ବ୍ୟବସ୍ଥା କରୁଛନ୍ତି। ଥରେ ମୋର ମନରେ ଆସିଲା ବ୍ରହ୍ମପୁର ସନ୍ନିକଟ ମନ୍ଦିଡିର ଭୈରବୀଙ୍କୁ ଦର୍ଶନ କରିବା। ସତରେ ଯେମିତି ଭୈରବୀଙ୍କର ଆକର୍ଷଣ ମୋ ଉପରେ ଜୋରଦାର ହେଲା, ପଇସା ନାହିଁ ଯେ ସୌକରେ ସରଳରେ ଯେ କୌଣସି ମୁହୂର୍ତ୍ତରେ ଚାଲିଯିବି। ହୁଏତ ଏଇ ଦେବୀ ମାଆ ସେ ଉପାୟ ହୁଏତ କରିଦେଲେ। ମୋର ବୃତ୍ତି ଜ୍ୟୋତିଷିକ ପରାମର୍ଶ ଦେବା, ଏଥିରେ ଜଣେ ସେବା ରହିତ ସରକାରୀ ବଡ଼ବାବୁ କମିଶନର ମୋ ପାଖକୁ ହଠାତ୍ କିଛି ପରାମର୍ଶ କରିବାକୁ ଆସିଥିଲେ। ମୋତେ ସାଥିରେ ଭୁବନେଶ୍ୱର ବାସଭବନକୁ ତାଙ୍କ ଗାଡ଼ିରେ ନେଇ ଗଲେ ମୁଁ ତାଙ୍କର ଘର ଓ ଜନ୍ମ କୁଣ୍ଡଳୀ ଅନୁଧ୍ୟାନ କରି କିଛି ସମସ୍ୟାରେ ଉପଦେଶ ଦେଲି। ସେ ତାକୁ ଶୁଣି ଆଶ୍ଚର୍ଯ୍ୟ ହେଲେ ସେଥିରୁ ସେ ଜଣେ ମହାବୀର ହନୁମାନଙ୍କ ଆନୁଗତ୍ୟ ମୋ କଥାକୁ ତାଙ୍କର ଜୀବନରେ ଘଟିଥିବା ମିଶାଇ ଆଶ୍ଚର୍ଯ୍ୟ ହେଲେ ଶେଷରେ ଅର୍ଥ ଦକ୍ଷିଣା କଥା ଉଠିଲା ମୁଁ ତାଙ୍କୁ କହିଲି ମହାଭାଗ ରାଜାରାଜୁଡ଼ାଙ୍କ ପାଖରୁ ଦକ୍ଷିଣା ପଇସାରେ ନିଆଯାଏ ନାହିଁ। କରୁଣାରେ ନିଆଯାଏ। କୌଣସି ହୁକୁମ ଆଶା କରାଯାଏ। ସେ ଆହୁରି ଆଶ୍ଚର୍ଯ୍ୟ ହେଲେ ଏ ବିଷୟ ପୁନଃ ଆଲୋଚନା କଲେ ମୁଁ ତାଙ୍କୁ କହିଲି ମହାଭାଗ ସରକାର ସମସ୍ତଙ୍କର ଦରମା ମଜୁରୀ ମୂଲ ଧାର୍ଯ୍ୟ କରୁଛନ୍ତି ବେଳକୁ ବେଳ ବଢ଼ାଉଛନ୍ତି ହେଲେ ପ୍ରତ୍ୟେକ ହିନ୍ଦୁ ଗୃହରେ କିଛି ବ୍ରାହ୍ମଣଙ୍କର ସେବା ରହିଛି ଯଥା ଶ୍ରାଦ୍ଧ, ବିବାହ, ପିଲାର ଜନ୍ମଦିନ, ଏକୋଇଶା, ବାର୍ଷିକ ଜନ୍ମଦିନ, ବାତ୍ସରିକ ଶ୍ରାଦ୍ଧ, କାହାରି ବିବାହାଦି କ୍ରିୟା, ଗୃହାରମ୍ଭ, ଗୃହ ପ୍ରତିଷ୍ଠା ଏଥିରେ ସାମିଲ ଥିବା ପୁରୋହିତ ବ୍ରାହ୍ମଣ ମାନଙ୍କର ମଜୁରୀ ମୂଲ ଧାର୍ଯ୍ୟ କରିବା କେବେ ଭାବିଛନ୍ତି କି? ଏକ ଉପରେ ଠାଉରିଆ ଦକ୍ଷିଣ ବାହାନାରେ କିଛି ଦେଇ ପ୍ରଣାମ କରିଦେଲେ କ'ଣ ସେ ବ୍ୟକ୍ତିଙ୍କର ସମୟ ଦେବାର ମୂଲ୍ୟ ମିଳି ଯାଉଛି କି? ସେ କହିଲେ ଏମିତି ଆମ ପରମ୍ପରାରେ ସରକାରୀ ନୀତିରେ ଏ ପର୍ଯ୍ୟନ୍ତତ ହୋଇନାହିଁ। ସରକାରୀ ସମସ୍ୟା ହେଉଛି ବ୍ୟାପକ ଶ୍ରମକାରୀ ବ୍ୟକ୍ତିଙ୍କର ସମସ୍ୟା ବୁଝି ଏକ ଦ୍ୱିପକ୍ଷୀୟ ବ୍ୟବସ୍ଥାରେ କଳି ନହେବା ସ୍ତରକୁ ନିଜେ ହସ୍ତକ୍ଷେପ କରି ଏକ କାନୁନ କରି ସମାଧାନ ସ୍ଥାୟୀ କରି ରଖିବା। ବେଳକୁ ଦରଦାମ ବଢୁଛି ଏହାକୁ ସମ୍ମୁଖରେ ରଖି ଏପରି ବ୍ୟବସ୍ଥା ବେଳକୁ ବେଳ କରାଯାଏ ମାତ୍ର ମନ୍ଦିର ପୂଜନ ଦେବ ସେବକ ପୁରୋହିତ ଧର୍ମୀୟ ବ୍ୟବସ୍ଥାରେ ଜଡ଼ିତ ପୁରୋହିତ, ପୁରାଣ ପଣ୍ଡାଙ୍କ ବ୍ୟବସ୍ଥା ତାଙ୍କ ଯେଜମାନଙ୍କ ଦ୍ୱାରା ହିଁ ସମ୍ପାଦିତ ହୋଇଆସୁଛି। ଏହା ଗରିବ ଯେଜମାନ ଧନୀ ଯେଜମାନଙ୍କ ଅର୍ଥବଳ ଉପରେ ଦକ୍ଷିଣା ଦେୟ ପୁରୋହିତ ତାଙ୍କର ଆଶୀର୍ବାଦରେ ଆଗକୁ ବଢ଼ାଇ ବଂଶାନୁକ୍ରମିକ ପୁରୋହିତ ଯେଜମାନ ବଞ୍ଚି ରହିବେ।

ମୁଁ କହିଲି ଏଠାରେ କିନ୍ତୁ ଲାଗୁଛି ଯେଉଁ ପୁରୋହିତ ପିଲାଟିଏ ଜନ୍ମରେ ତାର ନାମକରଣ କରିଥିଲେ ସେ ପିଲାର ୨୫ ବର୍ଷ ପରେ ବିଦ୍ୟାର୍ଜନ କରି ଚାକିରୀ କରି କୌଣସି ସହରରେ ଘରଟିଏ କଲା କି ଘରଟିଏ କିଣିଲା ଏହାର ପୂଜା ସେହି ନାମକରଣକାରୀ ପୁରୋହିତ ବା ବଂଶଜ ଲୋକଙ୍କୁ ସେ ସାମିଲ କରୁଛନ୍ତି କି? ଶାସନ କହିଲେ ରାଜ୍ୟ ଦେଶ ଜିଲ୍ଲା ପ୍ରଶାସନକୁ ବୁଝାଏ ସତ୍ୟ ମାତ୍ର ଶାସନ ବ୍ରାହ୍ମଣଙ୍କ ଗୋଷ୍ଠୀଗତ ବାସସ୍ଥାନ ବ୍ରାହ୍ମଣ ପଲ୍ଲୀରେ ହିଁ ରହିଥିଲା। ଏଠାରେ ଧର୍ମଶାସ୍ତ୍ର, ସ୍ମୃତିଶାସ୍ତ୍ର, ଶାସ୍ତ୍ରୀୟ ନ୍ୟାୟ ବ୍ୟବସ୍ଥାର ଚର୍ଚ୍ଚା ହେଉଥିଲା। ଲୋକେ କର୍ମକାଣ୍ଡ ଶିକ୍ଷା କରୁଥିଲେ। ଏସବୁ ବ୍ୟବସ୍ଥା ସରକାର ଧ୍ୟାନ ନଦେବାରୁ ବ୍ରାହ୍ମଣମାନେ ସରକାରଙ୍କ ପ୍ରଗତିଶୀଳ ଯୋଜନାର କୌଣସି ଅଂଶୀଦାର ପୁରୋହିତ କର୍ମ ମାର୍ଫତରେ ନରହି ଚାକିରୀ ପାଇଁ ଭିନ୍ନ ଭିନ୍ନ ପନ୍ଥା ଖୋଜିଲେ ଫଳରେ ଏ ଶାସ୍ତ୍ରଗୁଡ଼ିକର ଆଉ ଚର୍ଚ୍ଚା କେବେ ବ୍ରାହ୍ମଣ ପଲ୍ଲୀ ହେଉନାହିଁ। ଏଣୁ ବ୍ରାହ୍ମଣଶାସନ ତୁଛନଛ। ଏବେ ବୁଲ ଭଉଁରିଆ ନନାଙ୍କୁ ଡାକି ସମସ୍ତେ କର୍ମକାଣ୍ଡର କାର୍ଯ୍ୟ ଚଳାଉଛନ୍ତି। ଏପରି ଦିନ ଆସିବ ଏ ସବୁ ତମାଦୀ ହୋଇଯିବ। ଦିନେ ସଂଖ୍ୟାଲଘୁରେ କିଛି ସମ୍ପ୍ରଦାୟଙ୍କୁ ଜନଗଣନା ତଥ୍ୟ ଅନୁଯାୟୀ ରଖାଯାଇଥିଲା। କାଳକ୍ରମେ ପ୍ରତି ୧୦ବର୍ଷରେ ଜନଗଣନା କାର୍ଯ୍ୟରେ ରେକର୍ଡ଼ କରାଯାଇ ବିଭିନ୍ନ ପରିସଂଖ୍ୟାନରେ ଲୋକଙ୍କୁ ଥଇଥାନ ବ୍ୟବସ୍ଥା ସରକାର କରୁଛନ୍ତି। ରୋଜଗାର ବ୍ୟବସ୍ଥା କରୁଛନ୍ତି। ଏପରିକି କିଛି ସମ୍ପ୍ରଦାୟର ମଧ୍ୟରେ ଆର୍ଥିକ ଅନାଟନ ଭୋକ୍ତା ମାନଙ୍କୁ ସ୍ୱଳ୍ପମୂଲ୍ୟ ବନାମ ମାତ୍ର ମୂଲ୍ୟରେ ନେଇ ଗହମ, ଚାଉଳ ଆଦି ଦ୍ରବ୍ୟ ଯୋଗଉଛନ୍ତି କିନ୍ତୁ ବାଟ ମାରଣା ଓ ସ୍ୱାର୍ଥନ୍ୱେଷୀ କେତେକ ସରକାରୀ ଗୁମାସ୍ତା ପ୍ରକୃତ ଯୋଗ୍ୟ ଉପଭୋକ୍ତାଙ୍କୁ ଏହା ପ୍ରାପ୍ତିରୁ ବଞ୍ଚିତ କରୁଛନ୍ତି? ଏଥିରେ ଏହି ଦରିଦ୍ର ବ୍ରାହ୍ମଣ ପରିବାର ଯେ ଅନେକ ରହି ଯାଉଛନ୍ତି କେହି ଅନୁଧ୍ୟାନ କରିଛନ୍ତି କି?

୨୦୨୧ରେ ଜନଗଣନା ୨୦୧୧ ପରେ ହେବା କଥା ଏ ମଧ୍ୟରେ ଅନେକ ସଂଖ୍ୟାଲଘୁ ସିଡୁଲକାଷ୍ଟ ଓବିସିରୁ ଭଲ ରୋଜଗାରୀ ହୋଇଗଲେଣି ଯେଉଁ ରିଜରଭେସନ ପ୍ରକ୍ରିୟା ସରକାର ଲଗାଇ ରଖିଥିଲେ ତାର ପୁର୍ନବିଚାର ଆବଶ୍ୟକ କି ନାହି? ସେ ମହାଭାଗ ବୁଢ଼ା ରାଜା ତାଙ୍କର ନଖ ଅଛିନା ଦାନ୍ତ ଅଛି ସେ କହିଲେ ମୁଁ କିଛିଙ୍କୁ ଏପରି ବ୍ୟବସ୍ଥା ପରିବର୍ତ୍ତନକୁ କହିବି? ମୁଁ ପୁଣି ଗାଡ଼ିରେ ମୋ ବାସସ୍ଥାନକୁ ଫେରି ଆସିଲି। ପ୍ରକୃତରେ ଭଗବାନ ସମସ୍ତଙ୍କୁ ଅଦାର ବୃତ୍ତି ଦେଉଛନ୍ତି ଐରାବତରୁ ଉଇ ଯାଏ ସେ ଭରସା ଅନ୍ନ ଯୋଗାଣ ତାଙ୍କର ଭୂମିକା, ଦେଖ ଦିନେ ଟେଲିଗ୍ରାମ ଥିଲା ଟରେ ଟକା ସଙ୍କେର ଖବର ସେତେବେଳେ କାମିକା ଏବେ ମୋବାଇଲରେ ପେଜର ସହିତ ଫୋନ ଜଡ଼ିତ ଟିଭି ଦର୍ଶନ ରଦ୍ଧ ସିନେମା ହଲକୁ ଦର୍ଶକ ଅଭାବ, ରେଲଗାଡ଼ି ଯାତ୍ରୀଙ୍କ ଠାରୁ ଉଡାଯାହାଜ ଯାତ୍ରୀ ବଢ଼ିଲେଣି। ଧାନ କୁଟୁଣୀ, ଗରିବ ବିଧବାଙ୍କ ବୃତ୍ତି ଛେଦଲେଇ ହଲରରୁ ରେଲର ହାତ ଧାନକୁଟାରୁ ମେସିନ ଧାନକଟା ଅମଳଯନ୍ତ୍ର, ବଳଦ ହଳରୁ ଟ୍ରାକ୍ଟର ହଳ, ଶଗଡ଼ରୁ ଟ୍ରାକ୍ଟର, ଗଧ ଘୋଡ଼ାରୁ ଲୁନା, ସ୍କୁଟି, ମଟରସାଇକେଲ ଏପରି ସାଇକେଲ ରାସ୍ତାରେ କମ ଦେଖାଯାଉଛି। ତିନି ଚକିଆ ରିକ୍ସାରୁ ତିନିଚକିଆ ଅଟୋ। ଘରେ ରୋଷେଇଶାଳ ଥାଉ ଥାଉ ହୋଟେଲ ମାଳ ମାଳ। ମାଳ ମାଳ ରାସ୍ତାକଡ଼ ଜଳଖିଆ ଦୋକାନ ଚା ଦୋକାନ, ଶଗଡ଼ିଆ ବୃତ୍ତି ଏବେ ଡ୍ରାଇଭର ବୃତ୍ତି, କଟୁଆଳ ବୃତ୍ତି ପୋଲିସ ବୃତ୍ତି, ରକ୍ଷୀ ପ୍ରହରୀ ଏବେ ଅନେକ ପ୍ରକାରରେ ପ୍ରହରୀ ତିନି ଘଣ୍ଟିଆ ଡିଉଟି ବା ପ୍ରହରୁ ପ୍ରହର ଜଗି ରହିବା ବୃତ୍ତିଧର ବ୍ୟକ୍ତି। ପୂର୍ବେ ପ୍ରହରିକିଆ ବିଲୁଆ ଫେରଣ୍ଡା ବୋବାଉଥିଲେ ଏବେ ଏହା ଅଦୃଶ୍ୟ ସକାଳ କାକରବ ଅଦୃଶ୍ୟ ହେଲେ ଅଜାନ ଡାକ ମାଇକରେ ବସ୍ତୀମାନଙ୍କର ଶୁଭାଯାଉଛି। ମୋବାଇଲରେ ଆଲାର୍ମ ଦେଇ କେହି ନିଦ୍ରା ତ୍ୟାଗ କରୁଛନ୍ତି। ଘଣ୍ଟା ହାତରେ ବାନ୍ଧିବା ଏବେ କମ ମୋବାଇଲ ଏହାକୁ ସଂକୀର୍ଣ୍ଣ କରିଦେଲାଣି। ବହୁ ଜୁଲଏର ଘଣ୍ଟା ସୁନା ମହଙ୍ଗାକୁ ଚୋରୀ ଭୟ ନାରୀମାନେ ଇମିଟେସନ ଅଳଙ୍କାର ପିନ୍ଧିଲେଣି। ବସ୍ତ୍ର କେତେ ପ୍ରକାର କେତେ ଲୁଗା କପଡ଼ା ମିଲ କେତେ ଦରଜୀ ମେସିନ ଚାଲିଲାଣି। କେତେ ଖାଦ୍ୟ ପ୍ରକ୍ରିୟା କରଣ ଧନ୍ଦା ଖୋଲିଗଲାଣି। ବଢ଼େଇଙ୍କର କାଠକାମ କମାରଙ୍କ ଲୁହାକାମ ତନ୍ତୀଙ୍କ ଠକ ଠକ କି ତନ୍ତ ଲୁଗାବୁଣା, ତେଲିଙ୍କର ଘଣା ପେଡ଼ା ଗୋପାଳଙ୍କ ଦୁଗ୍ଧ ଦୁଗ୍ଧଜାତ ଦ୍ରବ୍ୟ ବିକ୍ରୀ ଏସବୁ ସଂସ୍କାରିତ ହୋଇ ଅନେକ ଅନେକ ବୃତ୍ତି ଧାରୀଙ୍କର ଧନ୍ଦା ହେଲାଣି। ଦିଲ୍ଲୀ ପଲ୍ଲୀଯାଏ ଦେଖ କେତେ ନେତା କୁଜିନେତା ପୁଣି ତାଙ୍କ ଆନୁଗତ୍ୟ ସେମାନେ ବି ପେଟ ପାଟଣା ଚଳାଉଛନ୍ତି। ଏସବୁ ଭଗବାନଙ୍କର କାମ, ତାଙ୍କର ଅଦୃଶ୍ୟ ପ୍ରେରଣାରେ ସମସ୍ତେ ଧାବିତ। ଏକ ଛବି ଦେଖନ୍ତୁ ଅନ୍ନପୂର୍ଣ୍ଣା ଓ ଶିବଙ୍କର ଝୋଲିପାତି ଶିବ ଅନ୍ନ ସଂଗ୍ରହ କରୁଛନ୍ତି। ଏ ଅନ୍ନପୂର୍ଣ୍ଣା ହେଉଛନ୍ତି ମାଆ ପ୍ରକୃତିରାଣୀ। ଆଉ ଔଢ଼ର ଦାନୀ ହେଉଛନ୍ତି ଶଙ୍କର ଭଗବାନ ଯେ ପ୍ରକୃତିର ଦାନକୁ ଲୋକଙ୍କୁ ଜୀବଙ୍କୁ, ବୃକ୍ଷଲତାଙ୍କୁ ଦାନ କରି ଚାଲିଛନ୍ତି।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ଜପଯୋଗ ସାଧନା



ପୁଷ୍ପମିତ୍ର ମହାପାତ୍ର

ଅନ୍ୟାନ୍ୟ ଯୋଗରେ ଯେମିତି ଈଶ୍ୱର ସାକ୍ଷାତକାର, ଆନନ୍ଦମୟ ଜୀବନ ଏବଂ ଅମୃତତ୍ୱ ଲାଭ ହୁଏ, ଜପଯୋଗରେ ମଧ୍ୟ ସେ ସବୁ ଲାଭ ହୁଏ। ଜପ ହେଉଛି ଅତ୍ୟନ୍ତ ପ୍ରଭାବଶାଳୀ ସାଧନା। ରାଜଯୋଗରେ ଯେପରି ଆପଣ ଇନ୍ଦ୍ରିୟର ଦାସ ନହୋଇ ମନ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିପାରିବେ, ଜପଯୋଗରେ ମଧ୍ୟ ସେସବୁକୁ ନିୟନ୍ତ୍ରଣରେ ରଖିପାରିବେ। ଜପଦ୍ୱାରା ସଂକଳ୍ପ ଶକ୍ତି ବୃଦ୍ଧି ପାଇଥାଏ। ଶ୍ୱାସ ପ୍ରଶ୍ୱାସର ସଂଖ୍ୟା କମିଯାଇ ଆୟୁବୃଦ୍ଧି ହୋଇଥାଏ। ଜପଯୋଗରେ ସିଦ୍ଧିଲାଭ କରିବାକୁ ହେଲେ ଆପଣଙ୍କୁ ସର୍ବନିମ୍ନ କେତୋଟି ଅନୁଶାସନ ମାନି ଚଳିବାକୁ ପଡ଼ିବ। ଏ ସମ୍ପର୍କରେ ମହାଯୋଗୀ ଶିବାନନ୍ଦଙ୍କ ପରାମର୍ଶ ନିମ୍ନରେ ପ୍ରଦତ୍ତ ହେଲା।

ଜପର ପ୍ରକୃଷ୍ଟ ସମୟ ହେଉଛି - ସକାଳ ବ୍ରାହ୍ମମୁହୂର୍ତ୍ତ ଏବଂ ସୂର୍ଯ୍ୟାସ୍ତ ସମୟ। ଏହି ସମୟରେ ସର୍ବତ୍ର ସତ୍ତ୍ୱଗୁଣର ପ୍ରାଧାନ୍ୟ ଥାଏ। ପ୍ରତିଦିନ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ, ନିୟମିତ ଆସନରେ ବସି ଜପ କରିବା ଲାଭପ୍ରଦ। ବନ୍ଦ କଠୋରିରେ ବସି ଜପ କଲାବେଳେ କେହି ଯେମିତି ଆପଣଙ୍କ ସାଧନାରେ ବ୍ୟାଘାତ ସୃଷ୍ଟି ନକରନ୍ତି, ସେ କଥା ପରିବାର ଲୋକଙ୍କୁ କହିଦେବା ଉଚିତ। ସୁଖ ଆସନରେ ବସିଲେ ମନ ସ୍ଥିର ରହେ। ଏହା ରଜୋଗୁଣକୁ ନିୟନ୍ତ୍ରଣ କରେ। ଜପ ସରିବା ପର୍ଯ୍ୟନ୍ତ ପୁରା ସମୟ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥିର ଆସନରେ ମେରୁଦଣ୍ଡ ସିଧା ରଖି ବସି ରହନ୍ତୁ। ଆଦୌ ହଲଚଲ ହୁଅନ୍ତୁ ନାହିଁ। ଉତ୍ତର କିମ୍ବା ପୂର୍ବାଭିମୁଖୀ ହୋଇ ବସି ଜପ କରନ୍ତୁ। ଏହାଦ୍ୱାରା ଜପ ଉପରେ ସେ ଦିଗର ସୂକ୍ଷ୍ମ ପ୍ରଭାବ ପଡ଼େ ଏବଂ ଜପ ଅଧିକ ଶକ୍ତିଶାଳୀ ହୁଏ। ଜପ କଲାବେଳେ ଉପଯୁକ୍ତ ଆସନରେ ବସିଲେ ଶକ୍ତି କ୍ଷୟ ହୁଏନାହିଁ। ଆସନ ରୂପେ କୁଶାସନ, କମ୍ବଳ କିମ୍ବା ମୃଗଚର୍ମ ବ୍ୟବହାର କରିବା ଉଚିତ। କୁଶ ଚଟେଇ, ମୃଗଚର୍ମ ଓ ଶୁଭ୍ର ବସ୍ତ୍ର କ୍ରମଶଃ ଗୋଟିକ ଉପରେ ଅନ୍ୟଟି ପକାଇ ଆସନ ପ୍ରସ୍ତୁତ କରନ୍ତୁ। ଜପ ହେଉ କିମ୍ବା ଅନ୍ୟ କୌଣସି ଆଧ୍ୟାତ୍ମିକ ସାଧନା ହେଉ ଈଶ୍ୱରଙ୍କ କୃପା ଏକାନ୍ତ ଆବଶ୍ୟକ। ଏହା ବିନା ଉଚ୍ଛୃଙ୍ଖଳ ମନକୁ ସଂଯତ କରିବା ଅସମ୍ଭବ ହୋଇଯାଏ। ତେଣୁ ଉପଯୁକ୍ତ ସ୍ତୋତ୍ର ବା ପ୍ରାର୍ଥନା ଦ୍ୱାରା ଇଷ୍ଟଦେବଙ୍କୁ ଆବାହନ କରି ଜପରେ ବସିବା ବିଧେୟ। ଜପ କରିବା ସମୟରେ ମନ୍ତ୍ରଟି ସ୍ପଷ୍ଟ ରୂପେ ଠିକ ଠିକ ଉଚ୍ଚାରଣ କରନ୍ତୁ। ଯଦି ଉଚ୍ଚାରଣ ସ୍ପଷ୍ଟ ଓ ନିର୍ଭୁଲ ହୁଏ, ତେବେ ମନ୍ତ୍ରଶକ୍ତି ଶୀଘ୍ର ଜାଗ୍ରତ ହୁଏ। ମନ ସହଜରେ ଏକାଗ୍ର ଏବଂ ସମୁନ୍ନତ ହୁଏ। ଜପ ପାଇଁ ଗାୟତ୍ରୀ ମନ୍ତ୍ର ସର୍ବୋତ୍କୃଷ୍ଟ। ଜପ ସମୟରେ ସତର୍କତା ଓ ସାବଧାନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୁଁ ଆଜି ଦାମାଳା ଜପ କରିବି ଏବଂ ସେତିକି ମାଳା ଜପ କରି ନସାରିବା ପର୍ଯ୍ୟନ୍ତ ଆସନରୁ ଉଠନ୍ତୁ ନାହିଁ। ଏହାଦ୍ୱାରା ଆପଣଙ୍କର ସଂକଳ୍ପ ଶକ୍ତି ବଢ଼ିବ। ମନ ଉପରେ ମଧ୍ୟ ନିୟନ୍ତ୍ରଣ ଆସିଯିବ। ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆବଶ୍ୟକ ସଂଖ୍ୟକ ଜପ ନସାରିବା ପର୍ଯ୍ୟନ୍ତ ସାଧନା ଭଙ୍ଗ କରନ୍ତୁ ନାହିଁ। ବୈଷୟିକ ଚିନ୍ତା କରିବା, ଭବିଷ୍ୟତ ଯୋଜନା କରିବା ପ୍ରଭୃତି ହେଉଛି ସାଧନାଭଙ୍ଗ। ଯଦି ଦୁଇମାଳା ଜପ କରିବା ପରେ କୌଣସି ତ୍ରୁଟି ହୋଇଯାଏ ତେବେ ସେଇ ଦୁଇମାଳକୁ ନିଜର ଜପ ସଂଖ୍ୟାରେ ଗଣନ୍ତୁ ନାହିଁ। ଆପଣଙ୍କୁ ପୁଣି ଥରେ ଜପ ଆରମ୍ଭ କରିବାକୁ ହେବ ଓ ଦଶମାଳା ପର୍ଯ୍ୟନ୍ତ ଜପ କରିବାକୁ ପଡ଼ିବ। ଜପ କରିବାର କିଛି ସମୟ ପରେ ଯଦି ମନ ଥକିଯାଏ, ଆପଣଙ୍କ ଅଜ୍ଞାତସାରରେ ଏଣେତେଣେ ବୁଲିବାକୁ ଲାଗେ, ଆପଣ ନିଦ୍ରାଭିଭୂତ ହୋଇଯାଆନ୍ତି, ତେବେ ସାଧନା ଭଙ୍ଗ ହେବ। ଏପରି ଅବସ୍ଥା ଆସିବାକୁ ଦିଅନ୍ତୁ ନାହିଁ। ସେଭଳି ଉନ୍ନତ ସାଧକ ନହେବା ପର୍ଯ୍ୟନ୍ତ ବିନା ମାଳାରେ ଜପ କରନ୍ତୁ ନାହିଁ। ମାଳାର ବ୍ୟବହାର ସତର୍କ ରହିବାରେ ସାହାଯ୍ୟ କରେ ଏବଂ ସେଥିରୁ ସତତ ଜପ ଚାଲୁ ରଖିବାକୁ ପ୍ରେରଣା ମିଳେ। ଜପ ବିଭିନ୍ନ ପ୍ରକାରର ଅଛି। ସେଥିମଧ୍ୟରୁ ମାନସିକ ଜପ ସବୁଠାରୁ ଅଧିକ ଶକ୍ତିଶାଳୀ। ଏହା ମନରେ କୁପ୍ରବୃତ୍ତିଗୁଡ଼ିକୁ ତତ୍କ୍ଷଣାତ ନିଷ୍କ୍ରିୟ କରିଦିଏ ଓ ମନକୁ ଶୁଦ୍ଧ କରିହୁଏ।

ଜପ କରିବା ସଙ୍ଗେ ସଙ୍ଗେ ଧ୍ୟାନ କରନ୍ତୁ ଯେ, ଭଗବାନ ଆପଣଙ୍କ ସମ୍ମୁଖରେ ଉପସ୍ଥିତ ଅଛନ୍ତି। ପ୍ରଭୁଙ୍କର ମନୋହର ମୂର୍ତ୍ତିର ମାନସିକ ଚିତ୍ରଣ କରନ୍ତୁ। ଏହି ଅଭ୍ୟାସ ଦ୍ୱାରା ଆପଣଙ୍କ ସାଧନାକୁ ବିଶେଷ ଶକ୍ତି ମିଳିବ। ଏହି ଅଭ୍ୟାସ ଫଳରେ ମନ ଈଶ୍ୱରଙ୍କ ରୂପରେ ସ୍ଥିର ହୋଇଯାଏ ଏବଂ ଇନ୍ଦ୍ରିୟଭୋଗ୍ୟ ବିଷୟ ଆଡ଼କୁ ଦୌଡ଼ିବାକୁ ସୁଯୋଗ ପାଏନାହିଁ। ଈଶ୍ୱରଙ୍କ ଉପସ୍ଥିତି ରୂପୀ ଆନନ୍ଦ ପାଖରେ ଇନ୍ଦ୍ରିୟ ସୁଖ କଣ କୁଟାଖଣ୍ଡେ ପରି ତୁଚ୍ଛ ନୁହେଁ? ଜପ ସମାପ୍ତ ହେବା ସଙ୍ଗେ ସଙ୍ଗେ ଆସନରୁ ଉଠି ପଡ଼ନ୍ତୁ ନାହିଁ କିମ୍ବା ସମସ୍ତଙ୍କ ସହିତ ମିଶନ୍ତୁ ନାହିଁ। ସାଂସାରିକ କାର୍ଯ୍ୟକଳାପରେ ଜଡ଼ିତ ହୋଇଯାଆନ୍ତୁ ନାହିଁ। ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଶାନ୍ତି ପୂର୍ବକ ବସି ରହନ୍ତୁ। ଈଶ୍ୱର୍ଙ୍କୁ ଗୁଣୁ ଗୁଣୁ ହୋଇ ପ୍ରାର୍ଥନା କରନ୍ତୁ। ତାଙ୍କର ଅସୀମଗୁଣ ଏବଂ ପ୍ରେମ ବିଷୟରେ ଚିନ୍ତା କରନ୍ତୁ। ତା ପରେ ଭକ୍ତିପୂର୍ଣ୍ଣ ସାଷ୍ଟାଙ୍ଗ ପ୍ରଣାମ କରି ସ୍ଥାନ ତ୍ୟାଗ କରନ୍ତୁ ଏବଂ ନିଜର ଦୈନନ୍ଦିନ କର୍ମ ଆରମ୍ଭ କରନ୍ତୁ। ଏହାଦ୍ୱାରା ଆପଣଙ୍କ ଶରୀରରେ ଆଧ୍ୟାତ୍ମିକ ସ୍ପନ୍ଦନ ଠିକ ରହିବ। ଜପ ଯୋଗ ସାଧନା ସମୟରେ ଆପଣ ଅଶ୍ଳୀଳ ବା କଠୋର ବାକ୍ୟ କହିବା ଉଚିତ ନୁହେଁ। ଆପଣଙ୍କ ଖାଦ୍ୟ ସାତ୍ତ୍ୱିକ ହେବା ଆବଶ୍ୟକ ଏବଂ ଆପଣ ସାଧାରଣ ପୋଷାକ ପରିଧାନ କରିବା ଉଚିତ। ସିନେମା, ଟିଭି ଏସବୁ ଦେଖିବା ଠିକ ନୁହେଁ। ନିଜ ମନକୁ ସର୍ବଦା ଈଶ୍ୱରଙ୍କ ରୂପରେ ସଂଲଗ୍ନ କରି ରଖିବା ଉଚିତ। ଯେ କୌଣସି ରୂପ ଦେଖୁଛନ୍ତି ସେଥିରେ ଈଶ୍ୱରଙ୍କୁ ଦର୍ଶନ କରିବା ଉଚିତ। ଆପଣ ସର୍ବଦା ଗୁଣୁଗୁଣୁ ହୋଇ ଗାଇବା ଉଚିତ - 'ଓଁ ଭଦ୍ରଂ କର୍ଣ୍ଣେଭିଃ ଶ୍ରୁଣୁୟାମ ଦେବାଃ, ଭଦ୍ରଂ ପଶ୍ୟେମାକ୍ଷଭିୟଂ ଜତ୍ରାଃ। ସ୍ଥିରୈ ରଙ୍ଗୈ ସ୍ତୁଷ୍ଟୁବାଁ ସସ୍ତନୂଭି, ର୍ବ୍ୟଶେମ ଦେବହିତଂ ଯଦାୟୁଃ। ଓଁ ଶାନ୍ତିଃ ! ଶାନ୍ତିଃ ! ଶାନ୍ତିଃ !

**ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୨୨୫୬୮୯**

## ପ୍ରଶାସନର ଦୃଷ୍ଟି ଆଢୁଆଳରେ ଧୋଡାଖୋଲ ଗାଁ

**ଆଠମଲ୍ଲିକ,(ଡିକେ ନ୍ୟୁଜ୍):** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ମଞ୍ଜୁରୀ ପଞ୍ଚାୟତର ଅବହେଳିତ ଗାଁ ହେଉଛି ଧୋଡାଖୋଲ। ସ୍ୱାଧୀନତାର ୭୫ ବର୍ଷ ପରେ ବି ଏହି ଗାଁ କୁ ସବୁଦିନିଆ ରାସ୍ତା ଖଣ୍ଡିଏ ନାହିଁ। ଫଳରେ ଗୁରୁତର ରୋଗୀ ଓ ପ୍ରସୂତୀ ମହିଳାଙ୍କ ପାଖରେ ୧୦୮ ଓ ୧୦୨ ସେବା ଗାଡି ପହଁଚି ପାରୁନି। ନେତା ପରେ ନେତା ବଦଳୁଛନ୍ତି କିନ୍ତୁ ଗ୍ରାମବାସୀ ଓ ରାସ୍ତାର ଅବସ୍ଥା କେବେ ସୁଧୁରୁନି। ପ୍ରତ୍ୟେକ ବର୍ଷ ବର୍ଷା ଦିନ ଆସିଲେ ଗ୍ରାମର କିଛି ସ୍ୱେଚ୍ଛାସେବୀ ଯୁବକ ମାନେ ରାସ୍ତା କାର୍ଯ୍ୟ କରିଥାନ୍ତି। ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ଗୁହାରି କରି ନିରାଶ ହେବାପରେ ଗ୍ରାମର ଚିତ୍ତ ରଞ୍ଜନ ସାହୁ, ଅର୍ଜୁନ ସାହୁ, ତ୍ରିପୁର ପ୍ରଧାନ, ସୁଶିଲ ପ୍ରଧାନ, ଶ୍ରୀପତି ନାୟକ, ରଘୁ ନାୟକ, ସାନନ୍ଦ ନାୟକ, ପ୍ରଫୁଲ୍ଲ ବେହେରା ଓ ସମାଜସେବୀ ସଞ୍ଜୟ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ସଦ୍ୟାନନ୍ଦ ବେହେରା, ସର୍ବେଶ୍ୱର ପ୍ରଧାନ, ବାସୁଦେବ ପ୍ରଧାନ, ରମେଶ ବେହେରା, ଉତ୍ତମ ବେହେରା ପ୍ରମୁଖ ରାସ୍ତାରେ ମାଟି ପକାଇ ମରାମତି କରିଛନ୍ତି। ତୁରନ୍ତ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇ ବ୍ଲକ ପ୍ରଶାସନ ତରଫରୁ ସବୁଦିନିଆ ରାସ୍ତା କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହେଉଛି।



# ଲଘୁଚାପ ଜନିତ ଲଗାଣ ବର୍ଷାରେ ସହରର ସ୍ଥିତି ବେହାଲ

**ଭଦ୍ରକ,(ହି.ସ):** ନେତା ଆସୁଛନ୍ତି ଯାଉଛନ୍ତି। ପ୍ରଶାସନିକ ଅଧିକାରୀ ନିର୍ଦ୍ଦେଶ ଜାରି କରୁଛନ୍ତି। ଦୀର୍ଘବର୍ଷ ଧରି ଭଦ୍ରକ ସହରର ଜଳାର୍ଣ୍ଣବ ପରିସ୍ଥିତି ସୁଧୁରୁନାହିଁ। ସବୁ ଗଳିକନ୍ଦିରେ ବର୍ଷାଜଳ ଲହଡି ଭାଙ୍ଗୁଛି। ସହରର ତଳି ଅଞ୍ଚଳରେ କାହା ଘର ଦୁଆର ମୁହଁରେ ପାଣି ତ କାହା ଘର ଭିତରକୁ ପାଣି ପଶିଗଲାଣି। ଗତ ଦୁଇଦିନର ଲଘୁଚାପ ଜନିତ ବର୍ଷା ଫଳରେ ସହରରେ ଏଭଳି ବେହାଲ ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷାଋତୁ ପୂର୍ବରୁ ସହର ଓ ଜାତୀୟ ରାଜପଥ ପାର୍ଶ୍ୱ ସଡକପଥର ଡ୍ରେନ୍ ଗୁଡିକ ସଫା ନହେବା ଫଳରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ତେବେ ସହରର ଏହି ଜଳ ନିଷ୍କାସନ ସମସ୍ୟା ଏବେକାର ନୁହେଁ, ବହୁବର୍ଷ ଧରି ସହରବାସୀ ଏହି ସମସ୍ୟାରେ ପୀଡିତ ଅଛନ୍ତି। ସହରବାସୀଙ୍କ ଏହି ଦୁର୍ଦ୍ଦଶା ଲାଘବ ପାଇଁ ନେତା, ମନ୍ତ୍ରୀ, ପ୍ରଶାସନିକ ବଡପଣ୍ଡାମାନଙ୍କର ଆଦୌ ଆନ୍ତରିକତା ନାହିଁ। ସହରର ଜଳ ନିଷ୍କାସନ ସକାଶେ ବର୍ଷାଋତୁ ପୂର୍ବରୁ ପାରମ୍ପରିକ ଢଙ୍ଗରେ ପ୍ରତିବର୍ଷ ସ୍ଥାନୀୟ ନେତା ଇଂଜିନିୟରିଂ ବିଭାଗକୁ ନେଇ ପ୍ରଶାସନିକ ବୈଠକ ବସୁଛି। ବୈଠକରେ ଉପସ୍ଥିତ ଲାଇନ୍ ଡିପାର୍ଟମେଣ୍ଟ ପୌର କର୍ତ୍ତୃପକ୍ଷଙ୍କ ଦସ୍ତଖତିରେ ପ୍ରୋସିଡିଂ ସୀମିତ ରହୁଛି। ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଉଛି। କିନ୍ତୁ କାର୍ଯ୍ୟକାରିତାରେ ଶୂନ। ଅପରପକ୍ଷରେ ଟାଉନ୍ ପ୍ଲାନିଂ ଅଫିସ୍‌ରେ ଦଲାଲରାଜ ଯୋଗୁଁ ବେଆଇନ୍ କୋଠାବାଡି ବେଧଡକ ନିର୍ମାଣ ଚାଲିଛି। ଡ୍ରେନ୍ ପାଇଁ ଜାଗା ନଛାଡି ଡ୍ରେନ୍ ଉପରେ ବି ବାସଗୃହ ଠାରୁ ଆରମ୍ଭ କରି ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନ ମାନ ଛିଡା ହୋଇଛି। ସହରର କେତେକାଞ୍ଚଳରେ ପ୍ରଶାସନ ପକ୍ଷରୁ ବେଆଇନ୍ ଭାବେ ଡ୍ରେନ୍ ଉପରେ ନିର୍ମାଣ କରାଯାଇଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ବାସଗୃହ ଭଂଗାଯାଇଥିଲେ ମଧ୍ୟ ଡ୍ରେନ୍ ଗୁଡିକର ଆବଶ୍ୟକୀୟ ମରାମତି କାର୍ଯ୍ୟ ଆଦୌ ହୋଇପାରିନାହିଁ। ଡ୍ରେନ୍ ଗୁଡିକ ଅଳିଆ ଆବର୍ଜନାରେ ଭରପୁର ଥିବାରୁ ଜଳ ନିଷ୍କାସିତ ହୋଇପାରୁନାହିଁ। ସହରର ଉପକଣ୍ଠ ଜାତୀୟ ରାଜପଥ ପାର୍ଶ୍ୱ ଟାଉନ୍ ଠାରୁ ଆଖଣ୍ଡଳମଣି ଛକ ସର୍ଭିସ୍ ରୋଡ୍‌ରେ ଗତ କିଛିବର୍ଷ ଧରି ବର୍ଷାଜଳ ଆଣ୍ଠୁଏ ଉଚ୍ଚର ଲହଡି ଭାଂଗୁଛି। ସାଧାରଣ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରି ପକାଇଛି। ଏହି ସଡକ ପଥରୁ ଜଳ ନିଷ୍କାସନ ପାଇଁ ବିଭିନ୍ନ ସମୟରେ ଅନୁଷ୍ଠିତ ପ୍ରଶାସନିକ ବୈଠକରେ ଗୁରୁତ୍ୱ ଦିଆଯାଉଥିଲେ ମଧ୍ୟ ଜିଲାପାଳଙ୍କ ନିର୍ଦ୍ଦେଶକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଡ୍ରେନେଜ୍ ବିଭାଗ କୌଣସି ପଦକ୍ଷେପ ନନେଇ ହାତ ବାନ୍ଧି ବସିଛି। ଫଳରେ ସହରର ସବୁ ୱାର୍ଡର ରାସ୍ତାରେ, ବାସଗୃହ ସାମ୍ନାରେ ବର୍ଷାଜଳ ଉବୁଟୁବୁ ହୋଇ ପରିବାରକୁ ଜଳବନ୍ଦୀ କରି ପକାଇଛି। ଖୋଦ୍ ଜିଲାପାଳଙ୍କ କାର୍ଯ୍ୟାଳୟର ଯାତାୟତ ପଥ ମଧ୍ୟ ସେଥିରୁ ବାଦ ପଡିନି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନେହେରୁ ଷ୍ଟାଡିୟମ୍‌ର ଉନ୍ନତିକରଣ ଓ ଜଳ ନିଷ୍କାସନ ପାଇଁ ଗତବର୍ଷ ପାଖାପାଖି ଦେଢକୋଟି ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ଏବେ ଏହା କୃତ୍ରିମ ହ୍ରଦରେ ପରିଣତ ହୋଇଛି। ପ୍ରଶାସନିକ ସୂଚନା ଅନୁଯାୟୀ ଆଜି ଭଦ୍ରକରେ ୭୭.୨ ମିମି, ତିହିଡିରେ ୬୮, ବନ୍ତରେ ୫୨, ଧାମନଗରେ ୩୮, ଭଣ୍ଡାରିପୋଖରୀରେ ୩୦, ବାସୁଦେବପୁରରେ ୨୧, ଚାନ୍ଦବାଲିରେ ୧୯ ମମି ବର୍ଷା ହୋଇଥିବାର ରେକର୍ଡ ହୋଇଛି।

## ଧନୁପାଲିରେ ରଥଯାତ୍ରା

**ସମ୍ବଲପୁର,(ହି.ସ):** ଶୁକ୍ରବାର ଅପରାହ୍ନ ୪ ଟା ସମୟରେ ଧନୁପାଲି ସ୍ଥିତ ଶ୍ରୀ ଶ୍ରୀ ଗୋପାଳଜୀ ମହାପ୍ରଭୁ ମନ୍ଦିରରେ ବହୁ ଉତ୍ସାହ ଓ ଆନନ୍ଦ ସହିତ ଶ୍ରୀ ଜୀଉଙ୍କ ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଥିଲା। ବିଧି ମୁତାବକ ଧନୁପାଲି ରଥଯାତ୍ରା କମିଟି ତରଫରୁ ସର୍ବ ପ୍ରଥମେ ଛାୟା ଗଜପତି ମହାରାଜା ଭାବେ ଗୋବିନ୍ଦତୋଲା ନିବାସୀ ବିପିନ ବିହାରୀ ନନ୍ଦ ମହୋଦୟଙ୍କୁ ପାଲ୍କୋଟି ଆଣିବା ପାଇଁ ମନ୍ଦିରରୁ ଦୁଇଟି ଦଳ ସଂକୀର୍ତ୍ତନ ଓ ଗୋଟିଏ ଦଳ କୀର୍ତ୍ତନ ଦଳ ସହ ଗଜପତିଙ୍କ ବିମାନ ସହ ମନ୍ଦିରରୁ ବାହାରି ଥିଲେ। ଏହା ପରେ ଛାୟା ଗଜପତି ବିପିନ ବିହାରୀ ନନ୍ଦ ମହୋଦୟଙ୍କ ଗୋବିନ୍ଦତୋଲା ନିବାସରୁ ପାଲ୍କୋଟି ଆଣି ତାଙ୍କ ବିମାନରେ ଧନୁପାଲି ସ୍ଥିତ ଶ୍ରୀ ଶ୍ରୀ ଗୋପାଳଜୀ ମହାପ୍ରଭୁ ଙ୍କ ମନ୍ଦିର କୁ ଏକ ଭବ୍ୟ ଶୋଭାଯାତ୍ରା ରେ ଅଣା ଯାଇଥିଲା। ଏହା ପରେ ନୀତି କାନ୍ତି ପୂର୍ବକ ପୂଜା ଅର୍ଚ୍ଚନା ପରେ ଶ୍ରୀ ଜୀଉଙ୍କ ପହଣ୍ଡି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଛାୟା ଗଜପତି ବିପିନ ନନ୍ଦ ଛେରା ପହରା କରିଥିଲେ। ପହଣ୍ଡି ସମୟରେ ଛେରା ପହରା କାର୍ଯ୍ୟକ୍ରମରେ କମିଟି ର ଉପସଭାପତି ଶ୍ରୀ ସୌରଭ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ।ଏହି ରଥଯାତ୍ରରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପହଣ୍ଡି ସମୟରେ ଚକ୍ରରାଜ୍ ସୁଦର୍ଶନଙ୍କ ପହଣ୍ଡି ଅନିଲ ମିଶ୍ର, ମହାପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ନେପାଳ ମିଶ୍ର ଓ ପ୍ରଫୁଲ୍ଲ କୁମାର ଗୁରୁ, ମା ସୁଭଦ୍ରାଙ୍କ ପହଣ୍ଡି ରାମ ନାୟକ ଓ ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି କାର୍ଯ୍ୟକାରୀ ସଭାପତି ଶ୍ରୀ ଦେବାଶିଷ ପୁରୋହିତ ଓ ଅସିତ୍ ବେହେରା ପ୍ରମୁଖ କରିଥିଲେ। ପହଣ୍ଡି ଯଥା ବିଧି ସମାପନ ହେବା ପରେ ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହୋଇଥିଲେ। ଚତୁର୍ଦ୍ଧା ମୂର୍ତ୍ତି ରଥାରୂଢ଼ ହେବା ପରେ ଛାୟା ଗଜପତି ଶ୍ରୀ ବିପିନ ବିହାରୀ ନନ୍ଦ ମହା ଆଳତି କାର୍ଯ୍ୟକ୍ରମ ସମ୍ପାଦିତ କରିଥିଲେ। ମହା ଆଳତି ପରେ ଆରମ୍ଭ ହୋଇଥିଲା ରଥ ଛୁଆଁ କାର୍ଯ୍ୟକ୍ରମ। ରଥ ଛୁଆଁ କାର୍ଯ୍ୟକ୍ରମ ପରେ ଆରମ୍ଭ ହୋଇଥିଲା ଶ୍ରୀ ଗୁଣ୍ଡିଚା ରଥଯାତ୍ରା। ରଥ ଟଣା ପୂର୍ବରୁ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆଇ.ଏ.ଏସ. ଓ ଉତ୍ତରାଞ୍ଚଳ ଆଇଜିଙ୍କ ପରିବାର ଆସି ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟା ୬.୩୦ ମିନିଟ ରେ ରଥ ଟଣା ଆରମ୍ଭ ହୋଇ ଥିଲା। ସନ୍ଧ୍ୟା ୮ ଟା ୩୦ ମିନିଟ ସମୟ ରେ ରଥ ଟଣା ହୋଇ ଗୋବିନ୍ଦତୋଲା ସ୍ଥିତ ମାଉସୀ ମାଁ ମନ୍ଦିର ରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମ ସମୟ ରେ ଧନୁପାଲି ରଥଯାତ୍ରା ଉତ୍ସବ କମିଟି – ୨୦୨୫ ର ମୁଖ୍ୟ ସଂଯୋଜକ ଶ୍ରୀ ଶରତ ଚନ୍ଦ୍ର ପାଢ଼ୀ, କାର୍ଯ୍ୟକାରୀ ସଭାପତି ଦେବାଶିଷ ପୁରୋହିତ, ଉପସଭାପତି ସୌରଭ ରଞ୍ଜନ ମହାପାତ୍ର, ତପନ କୁମାର ଗୁରୁ, ଦିଲୀପ ମହାପାତ୍ର, ଅନିଲ କୁମାର ମିଶ୍ର, ପ୍ରଫୁଲ୍ଲ କୁମାର ଗୁରୁ, ବିଷ୍ଣୁ ପ୍ରସାଦ ଗୁରୁ, ଚକାନନ ମିଶ୍ର, ଗଦାଧର ମିଶ୍ର ଓ ଚୈତନ୍ୟ ନାୟକ ପ୍ରମୁଖ ସଞ୍ଚାଳନ କରିଥିଲେ।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ନାବାଳକର ମୃତ୍ୟୁ

**ଧର୍ମଶାଳା,(ହି.ସ):** ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ଅଚ୍ୟୁତପୁର ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ନାବାଳକର ମୃତ୍ୟୁ ହୋଇଛି। ମୃତକ ଅଚ୍ୟୁତପୁର ପଞ୍ଚାୟତ ଅଚ୍ୟୁତପୁର ଗ୍ରାମର ପ୍ରଭାସ କୁମାର ସାହୁ ଙ୍କ ପୁଅ ଓମ୍ପ୍ରକାଶ ସାହୁ (୧୭) ବୋଲି ଜଣାପଡିଛି। ଆଜି ସକାଳୁ ବିଦ୍ୟୁତ ତାର କାର୍ବନ ହେବା ଯୋଗୁଁ ଘରକୁ ବିଜୁଳି ଆସୁନଥିଲା। ଏଥି ଯୋଗୁଁ ଓମ ଘର ଛାତ ଉପରେ ଚଡି ଛାତରେ ପଡିଥିବା ଏକ ବାଉଁଶ ବାଡିରେ ତାରକୁ ବାଡେଇବା ସମୟରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ସେ ସେଠାରେ ଅଟକି ରହିଯାଇଥିଲା। ଓମର ଦାଦା କୌଣସି କାମରେ ଛାତ ଉପରକୁ ଯାଇଥିବା ବେଳେ ଏହା ଦେଖି ଏକ ସୁଖିଲା କାଠରେ ବାଡେଇ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରଥିଲେ। ପରେ ପରିବାର ଲୋକେ ତାକୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ହେଲେ କଟକରେ ପହଁଚିବା ପରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋଟିଏ ମାତ୍ର ପୁଅକୁ ହରାଇ ପରିବାର ଲୋକେ ଧର୍ଯ୍ୟହରା ହୋଇପଡିଛନ୍ତି। ଓମର ଅକାଳ ମୃତ୍ୟୁକୁ ନେଇ ସ୍ଥାନୀୟ ଅଂଳରେ ଶୋକର ଛାୟା ଖେଳିଯାଇଛି।

## ହଜାର ହଜାର ଭକ୍ତଙ୍କ ସମାଗମରେ ଜୟପୁରରେ କଡା ସରୁକ୍ଷା ବଳୟରେ ରଥ ଟଣା

**ଜୟପୁର,(ହି.ସ):** କୋରାପୁଟ ଜିଲା ଜୟପୁର ରଥଯାତ୍ରାରେ କଡା ସରୁକ୍ଷା ବଳୟରେ ପାରମ୍ପରିକ ରିତି ନିତି ଅନୁଯାଇ ରଥ ଟଣା ଆରମ୍ଭ କରାଯାଇଛି। ସାରା ରାଜ୍ୟରେ ଗତ କାଲି ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଜୟପୁରରେ ତା ପରଦିନ ଆଜି ରଥ ଯାତ୍ରା ଅନୁଷ୍ଠିତ ହୋଇଛି। ଗତ କାଲି ଠାକୁରଙ୍କ ପହଣ୍ଡି କରାଯାଇ ରଥା ରୁଢ କରାଯାଇଥିବା ବେଳେ ଆଜି ଅପରାହ୍ନ ସାଢେ ୩ ଘଣ୍ଟା ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ କରାଯାଇ ଥିଲା। ରଜାନହର ଠାରୁ ରଥଟଣା ଆରମ୍ଭ କରାଯାଇ ଥିଲା। ବାଙ୍କମଠ ଠାରେ ପ୍ରଭୁ ତିନି ଠାକୁର ଦଶ ଅବତାର ରେ ଦଶ ଦିନ ଭକ୍ତ କୁ ଦର୍ଶନ ଦେବେ। ବଡ ରଥ କୁ ପରୁଷ ମାନେ ଟାଣି ଥିବା ବେଳେ ଛୋଟ ରଥ ଅର୍ଥାତ ପତିତପାବନଙ୍କ ରଥ କୁ ମହିଳା ମାନେ ଟାଣି ଥିଲେ। ପୋଲିସ ତରଫରୁ କଡା ସୁରକ୍ଷା କରାଯାଇ ଥିବା ବେଳେ ୧୦ ପ୍ଲାଟୁନ ପୋଲିସ ସହ ୪୦ ଜଣ ଅଫିସର ମୁତୟନ ହୋଇଥିଲେ। ଭକ୍ତ ମାନେ ଯେପରି ସୁରୁଖୁରୁରେ ରଥ ଟାଣି ପାରିବେ ସେ ନେଇ ପ୍ରଶାସନ ତରଫରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇ ଥିଲା। ହଜାର ହଜାର ଅବିଭକ୍ତ କୋରାପୁଟ ଜିଲାର ଆଦିବାସି ମାନେ ସେମାନଙ୍କ ପରମ୍ପରିକ ପୋଷାକ ପିନ୍ଧି ରଥ ଟଣାରେ ଭାଗ ନେଇଥିଲେ। ସଂକୀର୍ତନ ମଣ୍ଡଳି ସହ ଘଣ୍ଟୁଆ ମାନଙ୍କ ଘଣ୍ଟ ବାଜାରେ ଜୟପୁର ବଡଦାଣ୍ଡ ଉତ୍ସବ ମୁଖର ହୋଇ ପଡିଥିଲା। ଜୟପୁର ମୁଖ୍ୟ ରାସ୍ତାର ଦୁଇ ପାଶ୍ୱରେ ଥିବା କୋଠା ମାନଙ୍କରେ ରଥ ଟଣା ଦେଖିବା ପାଇଁ ଭକ୍ତ ଙ୍କ ଭିଡ ଜମିଥିଲା। ରଥ ଟଣା ସମୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଜୟପୁର ତହସିଲଦାର ଚିତରଞ୍ଜନ ପଟ୍ଟନାୟକ, ଜୟପୁର ଏସଡିପିଓ ପାର୍ଥ କଶ୍ୟପ , ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## 'ମା' ପାଇଁ, ଗଛଟିଏ' ଅଭିଯାନ : ସବୁଜ ସମ୍ବଲପୁର ପାଇଁ ୧୦ ହଜାର ବୃକ୍ଷରୋପଣ

**ସମ୍ବଲପୁର,(ହି.ସ):** 'ମା ପାଇଁ, ଗଛଟିଏ' ଅଭିଯାନରେ ଆଜି ସମ୍ବଲପୁରରେ ଏକ ବୃହତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଜି ୧୦ ହଜାର ବୃକ୍ଷ ରୋପଣ କରାଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ରାଜ୍ୟ ମନ୍ତ୍ରୀ (ଉଚ୍ଚ ଶିକ୍ଷା, କ୍ରୀଡ଼ା, ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି) ସୂର୍ଯ୍ୟବଂଶୀ ସୁରଜ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ପଶ୍ଚିମାଞ୍ଚଳ ପୋଲିସ ଆଇ.ଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ବେଦ ଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ରଥଯାତ୍ରା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଲେ ଯେ, ଏହି ଅଭିଯାନ ଦୀପାବଳି ପର୍ଯ୍ୟନ୍ତ ଚାଲୁ ରହିବ ଓ ସମ୍ବଲପୁର ଜିଲ୍ଲାରେ ୧ ଲକ୍ଷ ବୃକ୍ଷ ରୋପଣ କରାଯିବ। ସେ କହିଥିଲେ ଯେ, ନୂଆଖାଇ, ସମଲେଶ୍ୱରୀ ମନ୍ଦିର, ମହାନଦୀ ଓ ଶୀତଳଷଷ୍ଠୀ ପାଇଁ ପରିଚିତ ସମ୍ବଲପୁର, ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷାରେ ମଧ୍ୟ ଦେଶରେ ଚର୍ଚ୍ଚିତ ହେବା ଉଚିତ୍। ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରିବା ପାଇଁ ଜିଲ୍ଲା ବାସୀଙ୍କୁ ଆହ୍ୱାନ ଦେଇଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିଜ ବ୍ୟକ୍ତବରେ କହିଲେ, "ଭାରତୀୟ ସଂସ୍କୃତିରେ ମା'ଆଙ୍କୁ ଯେପରି ସମ୍ମାନ ଦିଆଯାଏ ସେହିପରି ପ୍ରକୃତି ମାତାଙ୍କୁ ମଧ୍ୟ ସମସ୍ତେ ସମ୍ମାନ ଦେବା ଆବଶ୍ୟକ। ବିକଶିତ ଓଡିଶାର ସ୍ୱପ୍ନ ସାକାର ହୋଇପାରିବ ଯେତେବେଳେ ଆମେ ପ୍ରାକୃତିକୁ ଉପଯୁକ୍ତ ସୁରକ୍ଷା ଦେବୁ। ଆଜି ୧୦ ହଜାର ବୃକ୍ଷ ଲଗାଯିବା ପାଇଁ ସଂକଳ୍ପ ନିଆ ଯାଇଛି, ତେବେ ଯେତିକି ଆଗ୍ରହର ସହ ଆଜିର ଏହି ବୃକ୍ଷ ରୋପଣ କରାଗଲା ତାକୁ ବଞ୍ଚାଇବା ପାଇଁ ବି ସମସ୍ତେ ସଂକଳ୍ପ ନେବା ଆବଶ୍ୟକ ବୋଲି ସଚେତନ କରାଇଥିଲେ। ଝାରସୁଗୁଡା ବିଧାୟକ ଶ୍ରୀ ତ୍ରିପାଠୀ ନିଜ ବକ୍ତବ୍ୟରେ ବୃକ୍ଷରୋପଣ ଓ ତାର ସୁରକ୍ଷା ପ୍ରତି ଲୋକଙ୍କ ଦାୟିତ୍ୱ ବଢ଼ିବା ଦରକାର ବୋଲି କହିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରକୃତି ବନ୍ଧୁ ଜେମା ମେହେର ଓ ପ୍ରଙ୍କଜିନୀ ନାଏକଙ୍କୁ ସମ୍ମାନିତ କରାଯାଇଥିଲା।

## ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ଆଦାନୀ ପରିବାର



**ପୁରୀ,(ଡିକେ ନ୍ୟୁଜ୍):** ମହାପ୍ରଭୁଙ୍କର ଘୋଷଯାତ୍ରା ଅବସରରେ ପୁରୀରେ ଆଦାନୀ ଗ୍ରୁପ ପକ୍ଷରୁ ଚଳିଥିବା ପ୍ରସାଦ ସେବା କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆସି ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି ଆଦାନୀ ଗ୍ରୁପ ଅଧକ୍ଷ ଗୌତମ ଆଦାନୀ। ଆଜି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଶ୍ରୀ ଆଦାନୀ ସିଧାସଳଖ ପୁରୀ ଗସ୍ତ କରିଥିଲେ। ସେଠାରେ ଝିପି ଝିପି ବର୍ଷା ସତ୍ତ୍ୱେ ଗୁଣ୍ଡିଚ୍ଚ ମନ୍ଦିର ସମ୍ମୁଖରେ ଶରଧାବାଲିରେ ରଥାରୂଢ଼ ତିନି ଠାକୁରଙ୍କୁ ସପରିବାରେ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ପରେ ପୁରୀରେ ଇସ୍କନ ସହଯୋଗରେ ରୋଷେଇ ଘରକୁ ଯାଇ ସେଠାରେ ଖାଦ୍ୟ ପ୍ରସ୍ତୁତି କରିଥିଲେ। ଏବଂ ଭକ୍ତମାନଙ୍କ ମଧ୍ୟରେ ବଣ୍ଟନ କରିବାରେ ସାହାଯ୍ୟ କରିଥିଲେ। ମହାପ୍ରଭୁଙ୍କ ଦର୍ଶନ କରି ଶ୍ରୀ ଆଦାନୀ କହିଥିଲେ ଯେ, ଶ୍ରୀଜଗନ୍ନାଥଙ୍କ ଅସୀମ କୃପାରୁ ପୁରୀରେ ପବିତ୍ର ରଥଯାତ୍ରାରେ ଯୋଗଦେବା ମୋ ଜୀବନର ସବୁଠାରୁ ଆଧାତ୍ମିକ ଅନୁଭୂତି ମଧ୍ୟରୁ ଗୋଟିଏ। ଭକ୍ତି ଏବଂ ଏକତାର ଧ୍ୱନି ମଧ୍ୟରେ ପ୍ରଭୁ ଜଗଓାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରା ମା' ସେମାନଙ୍କ ଦିବ୍ୟ ରଥରେ ବିଜେ ହୋଇ ସ୍ୱୟଂ ଭକ୍ତଙ୍କ ସହ ମିଶି ଯାତ୍ରା କରିବାର ଦୃଶ୍ୟ ପ୍ରକୃତରେ ଅତ୍ୟନ୍ତ ଅନନ୍ୟ ଏବଂ ମନୋରମ। ଭକ୍ତ ଓ ଭଗବାନଙ୍କ ମିଳନର ଏହି ଚମତ୍କାର ଦୃଶ୍ୟ ମୋତେ ଖୁବ ଭାବବିହ୍ୱଳ କରିଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ଆମ ସମସ୍ତଙ୍କ ଉପରେ ସର୍ବଦା ରହିଥାଉ। ରଥଯାତ୍ରା ସମୟରେ ଆଦାନୀ ପରିବାର ସେବା କରିବାକୁ ସୁଯୋଗ ପାଇ ଧନ୍ୟ ଅନୁଭବ କରୁଛି ବୋଲି ଶ୍ରୀ ଆଦାନୀ କହିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ଏହି ନବଦିନାତ୍ମକ ଯାତ୍ରାରେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଚଳିତ ବର୍ଷ ପୁରୀ ରଥଯାତ୍ରାରେ ଆଦାନୀ ଗ୍ରୁପ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ସେବା ପ୍ରଦାନ କରାଯାଉଛି। ଯେଉଁଠାରେ ପ୍ରାୟ ୪ ନିୟୁତ ଶ୍ରଦ୍ଧାଳୁ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଉଛି। ଏଥିରେ ଜୁନ ୨୬ ତାରିଖରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ତୀର୍ଥଯାତ୍ରୀଙ୍କ ପାଇଁ ମାଗଣା ପୌଷ୍ଟିକଯୁକ୍ତ ଖାଦ୍ୟର ବ୍ୟବସ୍ଥା କରାଯାଇଛି।

## ଶ୍ରୀ ଗୁଣ୍ଡିଚାରେ ଶ୍ରୀ ତାଳଧ୍ୱଜ ପତ୍ରିକା ଲୋକାର୍ପିତ

**କେନ୍ଦ୍ରାପଡା, (ହି.ସ.):-** ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ଘୋଷଯାତ୍ରା ଅବସରରେ ପତ୍ରିକା ଶ୍ରୀ ତାଳଧ୍ୱଜ ଲୋକାର୍ପଣ କରାଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ସାମ୍ବାଦିକ ଦେବେନ୍ଦ୍ର ସୁଆର, ସମ୍ପାଦକ ସରୋଜ କୁମାର ମହାନ୍ତି, ପତ୍ରିକାର ଉପଦେଷ୍ଟା ପ୍ରଫେସର ଭୁବନ ମୋହନ ଜେନାଙ୍କ ଜିଲ୍ଲାପାଳ ସ୍ମିତିରଞ୍ଜନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଶ୍ରୀ ବଳଦେବଜୀଉ ଏଣ୍ଡାଉମେଣ୍ଟର ଟ୍ରଷ୍ଟି ଆଡଭୋକେଟ୍ ଧୀରେନ୍ ସାହୁ, ପଣ୍ଡିତ ହୃଷିକେଶ ରଥ, ନୃସିଂହ ପ୍ରସାଦ ପତ୍ରୀ, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, କିଶୋର କୁମାର ପଣ୍ଡା ପ୍ରମୁଖଙ୍କ ସମେତ ବହୁ ସ୍ଥାନୀୟ ଜନତା ଉପସ୍ଥିତ ଥିଲେ।

## କେନ୍ଦ୍ରାପଡା ମହାବିଦ୍ୟାଳୟ ଆଇକ୍ୟୁଏସି ପକ୍ଷରୁ ଆଲୋଚନାଚକ୍ର

**କେନ୍ଦ୍ରାପଡ଼ା,(ହି.ସ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଆଇ.କ୍ୟୁ.ଏ.ସି. ପକ୍ଷରୁ ପ୍ରାକ୍ତନ ଛାତ୍ରଙ୍କ ବକ୍ତୃତାମାଳା କ୍ରମରେ ଶନିବାର ପୁରାତନ ଛାତ୍ର କିଟ୍ ବିଶ୍ୱବିଦ୍ୟାଳୟର ଗଣଯୋଗାଯୋଗ ବିଭାଗର ସହଯୋଗୀ ପ୍ରାଧ୍ୟାପକ ଡକ୍ଟର ବିଦୁଭୂଷଣ ଦାଶ ସମାଜ ବିଜ୍ଞାନରେ ଗୁଣାତ୍ମକ ଗବେଷଣାର ସ୍ୱଳ୍ପ ଆଲୋଚିତ ଦିଗ ଉପରେ ଅନୁଶୀଳନ ମୂଳକ ଚର୍ଚ୍ଚା କରିଥିଲେ। ଏହି ଆଲୋଚନାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସଞ୍ଜୀବ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଇ.କ୍ୟୁ.ଏ.ସି.ର ସଂଯୋଜକ ଡ. ଦିପ୍ତୀ ରାୟ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାକୁ ପରିଚାଳନା କରିଥିଲେ ରାଜନୀତିବିଜ୍ଞାନ ବିଭାଗ ଅଧ୍ୟାପିକା ଆର୍ସିୟା ଅଞ୍ଜୁମ। ଏହି ସଭାରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା, ପୁରାତନ ଚାତ୍ର ସଂସଦ ସଭାପତି ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡା, ଉପସଭାପତି ତଥା ପ୍ରାକ୍ତନ ସହଯୋଗୀ ପ୍ରଫେସର ଡକ୍ଟର ପ୍ରଦୀପ୍ତ କିଶୋର ଦାଶ, ସମ୍ପାଦକ ତଥା ପ୍ରାକ୍ତନ ପ୍ରାଧ୍ୟାପକ ଡକ୍ଟର ପ୍ରମୋଦ ଦାସ, ଗବେଷିକା ବିଜୟନୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପକ ଡକ୍ଟର ଗୌ□ମ ଚରଣ ଦାସ, ଅଧ୍ୟାପିକା ମଧୁସ୍ମିତା ସିଂ, ଅଧ୍ୟାପିକା ଡକ୍ଟର ପୂର୍ବାଶା ପ୍ରିୟଦର୍ଶିନୀ, ଅଧ୍ୟାପକ ଡକ୍ଟର ଆନନ୍ଦ ଚନ୍ଦ୍ର ନାୟକ, ଅଧ୍ୟାପିକା ସୌମ୍ୟାରାଣୀ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆଇ.କ୍ୟୁ.ଏ.ସି.ର ସହ ସଂଯୋଜକ ଅଧ୍ୟାପକ ହିମାଂଶୁ ଶେଖର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ପଟୁଣିଆ ରାସ୍ତା ମରାମତିରେ ବିଳମ୍ବ : ଅସୁବିଧାର ସମ୍ମୁଖୀନ ଜନସାଧାରଣ

**ଧର୍ମଶାଳା,(ହି.ସ):** ଯାଜପୁର ଜିଲା ଧର୍ମଶାଳା ବ୍ଲକ ସବୁବେଳେ ଚର୍ଚ୍ଚାରେ ରହି ଆସୁଛି। ଦିନକୁ ଦିନ ଗୋଟିଏ ଗୋଟିଏ ଘଟଣା ଆସୁଥିବା ବେଳେ ବ୍ୟକ୍ତିଗତ କାମକୁ ଛାଡି ଦେଲେ ଏଠାରେ ଜନସାଧାରଣଙ୍କ କଥାକୁ କେହି ଗୁରୁତ୍ୱ ଦେଉ ନାହାନ୍ତି। ଫଳରେ ଅନେକ ସମୟରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଗାଁ ଗଣ୍ଡାରେ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ଗଲା କିଛି ଦିନ ପୂର୍ବେ ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତର ଗ୍ରାମ ରାସ୍ତା ଶୋଚନୀୟ ହୋଇପଡିଥିଲା। ଫଳରେ ଏଠାରେ ଥିବା ଏକ ଛୋଟ କଲଭର୍ଟ ଧସି ଯାଇଥିଲା। ଫଳରେ ପଞ୍ଚାୟତବାସୀ ଯାତାୟତ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାରୁ ପ୍ରଶାସନ ପକ୍ଷରୁ ତୁରନ୍ତ ମରାମତି କାର୍ଯ୍ୟ ପାଇଁ ଅନୁମତି ଦିଆଯାଇଥିଲା। ହେଲେ ଦୀର୍ଘ ଦିନ ମନ୍ଥର ଗତିରେ କାର୍ଯ୍ୟ ଚାଲୁଛି। ଯାହାକି ବହୁ ବିଳମ୍ବ ହେବରୁ ସ୍ଥାନୀୟ ଲୋକେ ହଇରାଣ ହରକତ ହେଉଛନ୍ତି। ଠିକାଦାର ଓ ସ୍ଥାନୀୟ ନେତାଙ୍କ ଯୋଗୁଁ ଏହି କାମ ଆଗେଇ ପାରୁ ନଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଲୋକେ ଡିଜିଟାଲ ମାଧ୍ୟମରେ ପ୍ରଶାସନକୁ ଅବଗତ କରାଯାଇଥିବା ଜଣାପଡିଛି। ତୁରନ୍ତ ଏହି ରାସ୍ତାର କାମ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗବସାହି ଲେବେଲ କ୍ରସିଂରେ ରେଳ ଫ୍ଲାଏ ଓଭରବ୍ରିଜ ନିର୍ମାଣ ଦାବି

**ଭଦ୍ରକ,(ହି.ସ):** ଭଦ୍ରକ ସହରକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ଗବସାହି ଲେବଲ କ୍ରସିଂ ଉପରେ ଏକ ରେଳ ଫ୍ଲାଏ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକେ। ଏହି ରାସ୍ତା ଦେଇ ଦୈନିକ ସହସ୍ରାଧିକ ଲୋକ ଯାତାୟତ କରିଥାନ୍ତି। ଗବସାହି ଲେବଲ କ୍ରସିଂ ଦେଇ ଗେଲଟୁଆ, ଜଳଙ୍ଗା, ବଗମରା, ଚଢ଼େଇଆ, ଶାସନ, କୁଆପଦା, ଜହତା, କାଉପୁର, ବରଦା ସହିତ ଆଗରପଡା, କୁପାରୀ, ଖଇରା ପ୍ରଭୃତି ଅଞ୍ଚଳ ର ଲକ୍ଷ୍ୟାଧିକ ଲୋକ ଯାତାୟତ କରିଥାନ୍ତି। କାଉପୁର ଠାରୁ ଭଦ୍ରକ ସହର ସହିତ ଗୁରୁତ୍ୱପୂର୍ଣ୍ଣ ମୋଟଲ ଛକକୁ ସଂଯୋଗ କରୁଥିବା ଏହି ରାସ୍ତା ପ୍ରଶସ୍ତି କରଣ ପରେ ଏହି ରାସ୍ତାର ଗୁରୁତ୍ୱ ବୃଦ୍ଧି ପାଇଛି। ଏହି ରାସ୍ତା ଦେଇ ଦୈନିକ ସ୍କୁଲ କଲେଜ ବସ ସହିତ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡି ସହିତ ବିଭିନ୍ନ ମାଲବାହୀ ଏବଂ ଯାତ୍ରୀ ବାହୀ ଗାଡି ଅନବରତ ଚଳାଚଳ ହେଉଛି। ଏହି ରାସ୍ତାରେ ଭଦ୍ରକ ଜିଲ୍ଲପାଳ, ଏସପି, ଜିଲ୍ଲା ଜର୍ଜ ଅତିରିକ୍ତ ଜିଲ୍ଲପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଆବାସିକ କାର୍ଯ୍ୟାଳୟ ରହିଛି। ତେବେ ସହରକୁ ସଂଯୋଗ କରିବା ଠିକ ପୂର୍ବରୁ ରହିଥିବା ଗବସାହି ରେଳ ଫାଟକ ଗମନା ଗମନ କ୍ଷେତ୍ରରେ ବଡ଼ ଅନ୍ତରାୟ ସୃଷ୍ଟି କରୁଛି। ରୋଗୀ ହୁଅନ୍ତୁ କି ଅଗ୍ନିଶମ ଗାଡି ହେଉ ଘଡ଼ିସନ୍ଧି ମୁହୂର୍ତରେ ରେଳଫାଟକ ପଡ଼ିଥିବା ବେଳେ ଲୋକଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ତାଛଡ଼ା ଏବେ ରେଳସେବା ରେ ଯାତ୍ରୀ ଏବଂ ମାଲବାହୀ ଟ୍ରେନ ଦ୍ରୁତ ବୃଦ୍ଧି ପାଇଛି। ଗାଡି ମୋଟର ଭଳି ପ୍ରତି ୧୦/୧୫ ମିନିଟ ବ୍ୟବଧାନରେ ରେଳ ଟ୍ରାକରେ ରେଳ ଗଡୁଛି। ଫଳରେ ଗୁରୁତ୍ୱପୂର୍ଣ୍ଣ କାମ କାର୍ଯ୍ୟରେ ବାହାରିଥିବା ଲୋକଙ୍କୁ ଅଯଥାରେ ରେଳ ଫାଟକ ନିକଟରେ ଦୀର୍ଘ ସମୟ ଧରି ଛିଡା ହେବାକୁ ପଡୁଛି। ଆବଶ୍ୟକତା କୁ ଦୃଷ୍ଟିରେ ରଖି ଗତ କିଛିବର୍ଷ ତଳେ ଏଠାରେ ଏକ ପାସେଞ୍ଜର ହଲ୍ଟ କରିବାକୁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ପ୍ରବଳ ଦାବି ହୋଇଥିଲା। ଲୋକଙ୍କ ଏହି ଦାବି ସମ୍ପର୍କରେ ପୂର୍ବତନ ଭଦ୍ରକ ସାଂସଦ ଅର୍ଜୁନ ସେଠୀ ରେଳ ମନ୍ତ୍ରଣାଳୟ ଦୃଷ୍ଟି ମଧ୍ୟ ଆକର୍ଷଣ କରିଥିଲେ। ହେଲେ ସରକାରୀ ଫାଇଲ ତଳେ ହଜିଗଲା ଲୋକଙ୍କ ଏହି ଦାବି। ତେବେ ସରକାର ଏଠାରେ ପାସେଞ୍ଜର ହଲ୍ଟ ନକଲେ ନାହିଁ କିନ୍ତୁ ସମୟର ଏବଂ ଲୋକଙ୍କ ଆବଶ୍ୟକତା କୁ ଦୃଷ୍ଟିରେ ରଖି ତୁରନ୍ତ ଏଠାରେ ଏକ ରେଳ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ପାଇଁ ଦାବି କରିଛନ୍ତି। ସଂଯୋଗ ବଶତଃ ଏବେ ପୂର୍ବତନ ସାଂସଦ ଅର୍ଜୁନ ସେଠୀଙ୍କ ପୁଅ ଅଭିମନ୍ୟୁ ସେଠୀ ଭଦ୍ରକ ସାଂସଦ ଅଛନ୍ତି ବାପାଙ୍କ ଅଧୁରା ସ୍ୱପ୍ନ ଏଠାରେ ଏକ ପାସେଞ୍ଜର ହଲ୍ଟ ପ୍ରତିଷ୍ଠା ହୋଇନପାରିଲେ ମଧ୍ୟ ଲୋକଙ୍କ ଜରୁରୀ ଆବଶ୍ୟକତା ପାଇଁ ଏଠାରେ ଏକ ରେଳ ଫ୍ଲାଏ ଓଭରବ୍ରିଜ ପ୍ରତିଷ୍ଠା ଦିଗରେ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିବାକୁ ଜନସାଧାରଣ ଙ୍କ ପକ୍ଷରୁ ଦାବି ହେଉଛି। ସ୍ଥାନୀୟ ଲୋକ ଏବଂ ବୁଦ୍ଧିଜୀବୀ ଜନସାଧାରଣ ଙ୍କୁ ନେଇ ଗଠିତ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏନେଇ ଖୁବ ଶୀଘ୍ର ସାଂସଦଙ୍କ ଜରିଆରେ ରେଳ ମନ୍ତ୍ରଣାଳୟ ନିକଟରେ ବିଧିବଧ ଭାବେ ଦାବି ଉପସ୍ଥାପନ କରାଯିବ ବୋଲି ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ରାଧା ଦାସ, ସମାଜସେବୀ, ମୁକ୍ତିକାନ୍ତ ମଲ୍ଲିକ, ଶିକ୍ଷବିତ ଗୋବର୍ଧନ ସାମଲ, ସମାଜସେବୀ ଗୋପାଳ କୃଷ୍ଣ ଦାସ,ବାରିଦ ବରଣ ଦାସ,ପ୍ରସନ୍ନ ଦାସ, ମହେଶ ଦାସ, ରାଧା ଦାସ, ଶମ୍ଭୁନାଥ ନାୟକ, ଅମୀୟ ମହାନ୍ତି ପ୍ରମୁଖ ପ୍ରକାଶ କରିଛନ୍ତି।

## ଦ୍ୱିତୀୟ ଦିନରେ ବି ଗଡିଲାନି ରଥ, ନେଲା ବାମ ମୋଡ

**କେନ୍ଦ୍ରାପଡା,(ହି.ସ):** ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ସର୍ବବୃହତ୍ ବ୍ରହ୍ମତାଳଧ୍ୱଜ ରଥ ଶ୍ରୀ ଗୁଣ୍ଡିଚାର ଦ୍ୱିତୀୟ ଦିନରେ ମଧ୍ୟ ବାମ ମୋଡ ନେଇ ଅଟକି ରହିଲା। ପରମ୍ପରା ଅନୁଯାୟୀ ଶ୍ରୀଗୁଣ୍ଡିଚାର ଦ୍ୱିତୀୟ ଦିନରେ ରଥ ଟଣା ହୋଇ ମାଉସୀ ମା ମନ୍ଦିର ନିକଟରେ ଚକଡାରେ ଲାଗିବା ନିଷ୍ପତ୍ତି ନିଆଯାଇଥିଲା। ତୁହାକୁ ତୁହା ପରିଚାଳନା ସମିତି ଓ ସେବକ ମାନଙ୍କ ସମନ୍ୱୟ ବୈଠକ ସତ୍ତ୍ୱେ ରଥ ଚାଲିବା ସମ୍ଭବ ହୋଇପାରିଲା ନାହିଁ। ଆଜି ଦିନ ୨ଟା ସମୟରେ ରଥ ଟଣା ଆରମ୍ଭ ହୋଇ ବାମମୋଡ ନେବାରୁ ପୂର୍ବରୁ ରଖାଯାଇଥିବା ରେଲୱେ ଟ୍ରାକ୍ ସାହାର୍ଯ୍ୟରେ ରଥକୁ ସଳଖ କରାଯାଇଥିଲା। ପୁନର୍ବାର ରଥ ଟଣା ହେବା ପରେ ରଥ ଉପରେ ବସିଥିବା ସେବକମାନେ ମନଇଚ୍ଛା ଏଣେତେଣେ ହାତ ଦେଖାଇ ରଥ ଟାଣିବା ପାଇଁ ଉତ୍ସାହିତ କରିବାରୁ ରଥ ଟାଣିବା ପାଇଁ ଆସିଥିବା ଭକ୍ତମାନେ ରଥ ଚାଳକ ଡାହୁକର ନିର୍ଦ୍ଦେଶକୁ ଅଣଦେଖା କରି ଟାଣିବାରୁ ରଥ ସାମାନ୍ୟ ଟିକିଏ ଆଗକୁ ଘୁଞ୍ଚି ବାମ ମୋଡ ନେଇ ପାଦଚଲା ରାସ୍ତା ଓ ଇଲେକ୍ଟ୍ରି ଖୁଣ୍ଟକୁ ଲାଗି ଅଟକି ରହିଥିଲା। ଅପରାହ୍ନରେ ବର୍ଷା ଛାଡିଯାଇ ପାଗ ଅନୁକୂଳ ଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁ ଶ୍ରୀ ବଳଦେବଜୀଉଙ୍କ ରଥ ଟାଣିବା ପାଇଁ ରଥଦାଣ୍ଡରେ ରୁଣ୍ଡ ହୋଇଥିଲେ। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲେ ମଧ୍ୟ ବିଶୃଙ୍ଖଳିତ ସେବକମାନେ ରଥ ଉପରେ ଥାଇ ଡାହୁକର ନିର୍ଦ୍ଦେଶକୁ ଅତିକ୍ରମ କରି ହାତ ହଲାଇ ଲୋକମାନଙ୍କୁ ଉତେଜିତ କରୁଥିବା ଦେଖିବାକୁ ମିଳୁଥିଲା। ପୂର୍ବ ନିଷ୍ପତ୍ତି କ୍ରମେ ଆଜି ଦିନ ଦୁଇଟାରେ ରଥ ଟାଣିବା ପାଇଁ ନିଷ୍ପତ୍ତି ହୋଇଥିବାବେଳେ ବାରମ୍ୱାର ରଥ ବାମ ମୋଡ ନେବାରୁ ପୁନର୍ବାର ଦିନ ୪ଟା ବେଳେ ରଥଟଣା ଆରମ୍ଭ ହୋଇଥିଲା। ତେବେ ରଥ ରଥଦାଣ୍ଡର ମଝିକୁ ନ ଆସି ବାମ ମୋଡ ନେଇ ଏକ କୋଠାଘରକୁ ଲାଗି ଅଟକି ରହିଥିଲେ। ଏହାପରେ ପରିଚାଳନା ସମିତିର ଏକ ଜରୁରୀ ବୈଠକ ଯାତ୍ରୀନିବାସରେ ଅନୁଷ୍ଠିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ପାଇଁ ବସିଥିବା ଜଣାପଡିଛି। ଏଥିରେ ପରିଚାଳନା ସମିତି ସଭାପତି, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ, ବିଧାୟକ ଗଣେଶ୍ୱର ବେହେରା, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଧିରେନ୍ କୁମାର ସାହୁ, ପଣ୍ଡିତ ହୃଷିକେଶ ରଥ, ନୃସିଂହ ପ୍ରସାଦ ପତ୍ରି, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଗୀତାଞ୍ଜଳି ସେଠୀ, କିଶୋର କୁମାର ପଣ୍ଡା, ବରିଷ୍ଠ ସେବାୟତ ସଂଜୟ କୁମାର ପତ୍ରି, ଅମିତାବ ସୁଆର ପ୍ରମୁଖଙ୍କ ସମେତ କେତେକ ସେବାୟତ ଅଂଶଗ୍ରହଣ କରିଥିଲେ।

## କୁନି ପ୍ରତିଭା ସାଇ ସମ୍ବିତ ପଟ୍ଟନାୟକଙ୍କ କଳାକୃତୀ



**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ଲୋକେଶ୍ୱରପୁରରେ ରହୁଥିବା ଚତୁର୍ଥ ଶ୍ରେଣୀର ଛାତ୍ର ସାଇ ସମ୍ବିତ ସମ୍ବିତ ପଟ୍ଟନାୟକ କୁନି ନନ୍ଦିଘୋଷ ରଥ ନିର୍ମାଣ କରି ଚର୍ଚ୍ଚାରେ। ଦୀର୍ଘ ପନ୍ଦର ଦିନ ଧରି ପରିଶ୍ରମ କରି ନିଜସ୍ୱ ଉଦ୍ୟମରେ କାଗଜ ଓ କାର୍ଡ ବୋର୍ଡରେ ନିର୍ମାଣ କରିଛନ୍ତି ଏହି କୁନି ରଥ। ପିଲାବେଳୁ ଈଶ୍ୱରଙ୍କ ଉପରେ ବିଶେଷକରି ଜଗତର ନାଥ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ଅଗାଢ଼ ବିଶ୍ୱାସ ରଖିଥିବା ସାଇ ସମ୍ବିତ ପଟ୍ଟନାୟକ ରଥଯାତ୍ରା ପୂର୍ବରୁ କୁନି ରଥ ନିର୍ମାଣ କରିବା ପାଇଁ ଘରେ ଥିବା ଅଦରକାରୀ କାଗଜ ଏବଂ କାର୍ଡବୋର୍ଡକୁ ନେଇ ଏହି ରଥ ନିର୍ମାଣ କରିଛନ୍ତି ଏବଂ ସେହି ରଥରେ ବଳଭଦ୍ର, ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କୁ ରଥାରୂଢ଼ କରି ନିଜେ ପୂଜା କରି ସାରିବା ପରେ ଦାଣ୍ଡରେ ଟାଣି, ଟାଣି ନେବା ସମୟରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ବହୁ ସଂଖ୍ୟାରେ ଜନସାଧାରଣ ଏହାକୁ ଦେଖି ପ୍ରଶଂସା କରିଥିଲେ। ଜଣେ ମେଧାବୀ ଛାତ୍ର ଭାବରେ ମଧ୍ୟ ସେ ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସାଙ୍ଗ ସାଥି ମାନଙ୍କର ବେଶ ପ୍ରିୟପାତ୍ର ହୋଇପାରିଛନ୍ତି। ପିଲାଟି ଦିନରୁ ନିଜସ୍ୱ ଜ୍ଞାନ କୌଶଳରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରିବାରେ ରୁଚି ରଖିଥିବା ସାଇ ସମ୍ବିତ ଭବିଷ୍ୟତରେ ଜଣେ ଇଂଜିନିୟର ହେବେ ବୋଲି କହିଛନ୍ତି। ଏହି କୁନି ରଥ ନିର୍ମାଣ କରିବାରେ ତାଙ୍କୁ ଘରେ ତାଙ୍କ ବଡ଼ ମା' ସ୍ମିତା ପଟ୍ଟନାୟକ, ମା' ସୌଦାମିନୀ ପଟ୍ଟନାୟକ ଏବଂ ଭଉଣୀ ସୌମ୍ୟା ସୋମଲିକା ପଟ୍ଟନାୟକ ସାହାଯ୍ୟ କରିଛନ୍ତି।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏଟିଏମ୍ ଉଦ୍‌ଘାଟିତ




**ସମ୍ବଲପୁର,(ଡିକେ ନ୍ୟୁଜ୍):** ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସ ନିକଟରେ ଚବିଶି ଘଣ୍ଟିଆ ସେବା ଯୋଗାଉଥିବା ଏକ ନୂତନ ଏଟିଏମ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଦିବ୍ୟେନ୍ଦୁ କୁମାରଙ୍କ ସମେତ ମୁଖ୍ୟ ପ୍ରବନ୍ଧକ ନିଧି ଶର୍ମା, ମୁଖ୍ୟ ପ୍ରବନ୍ଧକ ସବ୍ୟସାଚୀ ମିଶ୍ର ଏବଂ ମୁଖ୍ୟ ପ୍ରବନ୍ଧକ ବିକାଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଏଟିଏମ୍‌ଟି ଆଇଆଇଏମ୍ ସମ୍ବଲପୁରର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ। ଏହା ଆଇଆଇଏମ୍ ପରିବାରକୁ ୨୪ ଘଣ୍ଟିଆ ସୁବିଧାଜନକ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର ତରଫରୁ ଏହା ଏକ ଗୌରବମୟ ପଦକ୍ଷେପ। ଏଥିରେ ଶିଶିର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁତ୍ରାରେ ସିରିଏଲ ଚୋରି

**କୁତ୍ରା,(ଡିକେ ନ୍ୟୁଜ୍):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବିଜୁ ଏକ୍ସପ୍ରେସ ୱେ କଡ ବେହେରା ମାର୍କେଟ କଂପ୍ଲେକ୍ସ ରେ ଗତ ରାତିରେ ତିନୋଟି ଦୋକାନରେ ଚୋରମାନେ ପଶି ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡିଥିବା ଜଣାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ତିନୋଟି ଦୋକାନ ଯଥାକ୍ରମେ 'ଟପ୍ପୋ ଅନଲାଇନ' ଓ 'ସୋନୁ ବେକରି' ରୁ କାଉଣ୍ଟରରେ ଥିବା କିଛି ନଗଦ ଟଙ୍କା ଓ ଅନ୍ୟାନ୍ୟ କିଛି ସାମଗ୍ରୀ ଚୋରି କରି ସାରିବା ପରେ ପ୍ରାୟ ମଧ୍ୟ ରାତ୍ରିରେ 'ନନ୍ଦିନୀ ବିଗ ମାର୍ଟ' ଭିତରେ ଦୁଇଜଣ ଚୋର ପଶି କଥାବାର୍ତ୍ତା ହେଉଥିଲେ। ତେବେ ପାର୍ଶ୍ୱସ୍ଥ ଅନ୍ୟ ଦୋକାନ ଭିତରେ ଶୋଇଥିବା ଜଣେ ବ୍ୟକ୍ତି ଚୋର ସନ୍ଦେହ କରି ସୋନୁ ବେକରି ମାଲିକଙ୍କୁ ଫୋନ କରି ଜଣାଇବା ପରେ ତୁରନ୍ତ ଲୋକେ ପହଞ୍ଚି ଯାଇଥିଲେ। ବାହାରେ ଥିବା ଦୁଇଜଣ ଚୋର ଦୌଡ଼ି ପଳାଇ ଯାଇ ଥିବା କହୁ ଥିବା ବେଳେ ଦୋକାନ ଭିତରେ ଥିବା ଅନ୍ୟ ଦୁଇ ଜଣଙ୍କୁ କାବୁକରି ଉତ୍ତମ ମଧ୍ୟମ ଦେଇ ପୋଲିସକୁ ହସ୍ତାନ୍ତର କରିଥିବା ଜଣା ଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଉଲ୍ଲେଖଯୋଗ୍ୟ ଏହି ଯେ, କୁତ୍ରା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବା ଅଭିଯୋଗ ହେଉଥିବାରୁ ପୋଲିସ ପକ୍ଷରୁ ରାତ୍ରି ପହରା ବ୍ୟବସ୍ଥାକୁ ନିୟମିତ କରିବାକୁ ସାଧାରଣରେ ଦାବି ହେଉଅଛି।

## ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ : ୩ ଗିରଫ



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଗତକାଲି ରଥଯାତ୍ରା ଥିବା ଯୋଗୁଁ ବ୍ରହ୍ମପୁର ସହରରେ ମଦ ବିକ୍ରି ଉପରେ କଟକଣା ଜାରି କରିଥିଲ ଜିଲ୍ଲା ପ୍ରଶାସନ। ତେବେ ସହରର କିଛି ସ୍ଥାନରେ ବେଆଇନ ଭାବେ ନକଲି ମଦ ବିକ୍ରି ହେଉଥିବା ସୂଚନା ପାଇଥିଲା ଅବକାରୀ ବିଭାଗ। ନକଲି ମଦ ବିକ୍ରିକୁ ଧରିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ଟିମ ଗଠନ କରାଯାଇଥିଲା। ସହରର ବଡ଼ବଜାର ଥାନା ଅନ୍ତର୍ଗତ ମାଲେସନ ପେଟା ନିକଟରେ ନକଲି ମଦ ବିକ୍ରି କରୁଥିବା ଅଭିଯୋଗରେ ସନ୍ତୋଷ କୁମାର ସାହୁ ନାମକ ଜଣେ ଯୁବକକୁ ଧରିଥିଲା ଅବକାରୀ ବିଭାଗ। ସନ୍ତୋଷଙ୍କ ଠାରୁ ୫୮ଟି ନକଲି ମଦ ବୋତଲ ଜବତ କରାଯାଇଥିଲା। ଏହାପରେ ପ୍ରେମ ନଗର ମୁଖ୍ୟ ରାସ୍ତାରେ ନକଲି ବିଦେଶୀ ମଦ ବିକ୍ରି କରାଯାଉଥିବା ଅଭିଯୋଗରେ ଚଢ଼ାଉ କରାଯାଇଥିଲା। ସେଠାରୁ ୧୬୭ଟି ନକଲି ବିଦେଶୀ ମଦ ବୋତଲ, ଗୋଟିଏ ମଟର ସାଇକଲ ସହ ଦୁଇ ଜଣ ଯୁବକକୁ କାବୁ କରାଯାଇଥିଲା। ମୋଟ ୨୨୫ଟି ନକଲି ବିଦେଶୀ ମଦ ବୋତଲ ତଥା ୪୦.୫୦୦ ଲିଟର ନକଲି ମଦ ଜବତ କରାଯାଇଥିବା ବେଳେ ତିନି ଜଣଙ୍କୁ ଗିରଫ କରାଯାଇଛି। ତେବେ ଗିରଫ ତିନି ଯୁବକ କେଉଁଠାରୁ ନକଲି ବିଦେଶୀ ମଦ ଆଣି ସହରରେ ବିକ୍ରି କରୁଥିଲେ ସେ ନେଇ ଅଧିକ ତଦନ୍ତ ଚାଲୁ ରହିଥିବା ନେଇ ସୂଚନା ଦେଇଛନ୍ତି ବ୍ରହ୍ମପୁର ଅବକାରୀ ଇନ୍ସପେକ୍ଟର।

# ଓଡ଼ିଶା ସମବାୟ କର୍ମଚାରୀ ମହାମଞ୍ଚ ଦ୍ୱାରା ସମବାୟ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ଓଡ଼ିଶା ସମବାୟ କର୍ମଚାରୀ ମହାମଞ୍ଚର ୩୦ଗୋଟି ଜିଲ୍ଲାର କର୍ମକର୍ତ୍ତାମାନେ ଓଡ଼ିଶା ରାଜ୍ୟ ସରକାରଙ୍କ ଦ୍ୱାରା ସମିତି ଓ ଲ୍ୟାମ୍ପସ କର୍ମଚାରୀମାନଙ୍କ ପାଇଁ କ୍ୟାଡର ରୁଲ ଲାଗୁ କରିବାକୁ ସ୍ୱାଗତ କରିବା ସହ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କ୍ୟାଡ଼ର ରୁଲ ବିଷୟରେ ମନ୍ତ୍ରୀଙ୍କ ସହ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ସମିତି ଓ ଲ୍ୟାମ୍ପସରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ମାନଙ୍କୁ କ୍ୟାଡ଼ର ଭୁକ୍ତ କରିବା, ସମସ୍ତ କର୍ମଚାରୀ ମାନଙ୍କ ପାଇଁ ଦରମା ଧାର୍ଯ୍ୟ କରିବା ସହ ରାଜ୍ୟ ସରକାରି କର୍ମଚାରୀ ମାନେ ପାଉଥିବା ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ନିବେଦନ କରିଥିଲେ। ଏହି କର୍ମଚାରୀମାନେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ସେବା କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜନସାଧାରଣଙ୍କୁ ସମସ୍ତ ସୁବିଧା ଯୋଗାଇଦେଇ ଆସୁଛନ୍ତି। ତେଣୁ ଓଡ଼ିଶା ରାଜ୍ୟ ସରକାରଙ୍କ ବଜେଟରେ କର୍ମଚାରୀମାନଙ୍କ ଦରମା ପାଇଁ ବ୍ୟବସ୍ଥା କରିବା ନିମନ୍ତେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ବିଗତ ୨୪ ବର୍ଷ ଧରି ହୋଇପାରୁନଥିବା ବ୍ୟବସ୍ଥାକୁ ମୋହନ ସରକାର ଏକ ବର୍ଷ ମଧ୍ୟରେ କରିପାରିଛନ୍ତି। ତେଣୁ କର୍ମଚାରୀ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସଂଘର ସଭାପତି ତଥା ପରିଚାଳନା ପରିଷଦର ନିଷ୍ପତ୍ତି କ୍ରମେ ୨୦୩୭ ମଧ୍ୟରେ ବିକଶିତ ଭାରତର ସ୍ୱପ୍ନ ଦେଖିଥିବା ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମବାୟକୁ ସୁଦୃଢ଼ କରି ସେହି ସ୍ରୋତରେ ସାମିଲ କରିବାକୁ କର୍ମଚାରୀ ସଂଘ ତରଫରୁ ନିବେଦନ କରାଯାଇଥିଲା। ଏଥିରେ ମହାମଞ୍ଚର ଉପଦେଷ୍ଟା ପବିତ୍ର ମୋହନ ଦାଶ, ସୌଭାଗ୍ୟ ପାତ୍ର ଉପଦେଷ୍ଟା, ଦିଗମ୍ବର ନାୟକ ସାଧାରଣ ସମ୍ପାଦକ, ଚିତ୍ତରଞ୍ଜନ ପଣ୍ଡା, ନିତ୍ୟାନନ୍ଦ ଦାଶ, ଝଜ ସାମନ୍ତରାୟ, ବୈରାଗୀ ଚରଣ ସାହୁ, ବିଶ୍ୱନାଥ ମହାରଣା, ମଦନମୋହନ ସାହୁ, ଲିଟନ କୁମାର ଦାଶ, ମାନସ ରଞ୍ଜନ ଛୋଟରାୟ, ଜଗମୋହନ ରଣସିଂହ, ଭିମସେନ ସାହୁ, ପୁରେନ୍ଦ୍ର ବେହେରା, ଘନଶ୍ୟାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ କୁଞ୍ଜବିହାରୀଙ୍କ ରଥଯାତ୍ରା ଅବସରରେ ଜଳସେବା




**ପାରାଦିପ,(ଡିକେ ନ୍ୟୁଜ୍):** ଜଗତସିଂହପୁର ଜିଲା ଏରସମା ଅନ୍ତର୍ଗତ ଗଡକୁଜଙ୍ଗ ସ୍ଥିତ କୁଞ୍ଜବିହାରୀ ପୀଠରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହେଇଯାଇଛି। କିମ୍ବଦନ୍ତୀ ଅନୁସାରେ ଏହି ପୀଠରେ ପୁରୀ ଶ୍ରୀକ୍ଷେତ୍ର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପରଦିନ ଏଠାରେ ରଥ ଟଣା ହେଇଥାଏ। ସେଥିପାଇଁ ଏହାକୁ ବାସି ରଥଯାତ୍ରା ବୋଲି କୁହାଯାଇଥାଏ। ଚଳିତ ବର୍ଷ ବର୍ଷା ପାଗ ହୋଇଥିଲେ ମଧ୍ୟ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ତଥା ଜନ ସାଧାରଣ ଯୋଗ ଦେଇଥିଲେ। ଶନିବାର ସକାଳୁ ମହାପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କ ସମସ୍ତ ନିତୀକାନ୍ତି ଶେଷ ହେବା ପରେ ଅପରାହ୍ନରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ବଡ ଦାଣ୍ଡରେ ଜଳସେବା ଶିରର ଆୟୋଜନ କରାଯାଇଥିଲା। ସ୍ଥାନୀୟ କାଯ୍ୟାଳୟର ସମସ୍ତ କର୍ମଚାରୀ ଏହି ଶିବିରରେ ବିଶୁଦ୍ଧ ପାନୀୟ ଜଳ ବିତରଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ପ୍ରଭୁ ଶ୍ରୀ କୁଞ୍ଜ ବିହାରୀଙ୍କ ଦର୍ଶନ କରିବା ସହିତ ରଥଟାଣିବାର ସୌଭାଗ୍ୟ ଅର୍ଜନ କରିଥିଲେ। କମ୍ପାନୀର ଏଭଳି ଜନହିତକର କାର୍ଯ୍ୟକ୍ରମକୁ ମନ୍ଦିର ଟ୍ରଷ୍ଟି ତଥା ସ୍ଥାନୀୟ ଜନସାଧାରଣ ପ୍ରଶଂସା କରିଥିଲେ।

## ପୁରୀ ରଥଯାତ୍ରାରେ ଗୋପବନ୍ଧୁ ସେବକ ସେନା ପକ୍ଷରୁ ସେବା କାର୍ଯ୍ୟ

**ତିହିଡ଼ି,(ଡିକେ ନ୍ୟୁଜ୍):** ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଅବସରରେ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗୋପବନ୍ଧୁ ସେବକ ସେନା ପକ୍ଷରୁ ପୁରୀ ବଡ଼ଦାଣ୍ଡରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ବିସ୍କୁଟ ଓ ଜଳ ପ୍ରଦାନ କରିବା ସହ ଜଳସିଞ୍ଚନ ଓ ବିଞ୍ଚଣା ସେବା କରି ତିହିଡ଼ି ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ଓ ପୁରୀ ଜିଲ୍ଲାପାଳଙ୍କ ଅନୁମତିକ୍ରମେ ସେନାର କର୍ମକର୍ତ୍ତାମାନେ ପୁରୀ ବଡ଼ଦାଣ୍ଡ ବଳଗଣ୍ଡି ଛକ ସ୍ଥିତ ଛତା ମଠ ନିକଟରେ ଦିବସ ବ୍ୟାପି ଏହି ସେବା ଯୋଗାଇ ଦେଇଥିଲେ। ସୂଚନା ଯୋଗ୍ୟ, ଗୁରୁବାର ଦିନ ସେନାର କର୍ମକର୍ତ୍ତା ଓ ସଭ୍ୟମାନେ ପୁରୀରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେନାର ସଭାପତି ରାଜୀବ କୁମାର ନାୟକ, ଉପସଭାପତି ଅଭିରାମ ଦାସ, ସମ୍ପାଦକ ଅଶୋକ କୁମାର ନାୟକ, ସହସମ୍ପାଦକ ବୀରେନ ସେନାପତି, କୋଷାଧ୍ୟକ୍ଷ ସେକ୍ ଲିଆକତ, ସଦସ୍ୟ ସତ୍ୟରଂଜନ ନାୟକ, ବାବୁରାମ ଗାରିଡ଼ି, ଧନେଶ୍ୱର ପଣ୍ଡା, ହରିହର ମଲିକ, ତ୍ରିଲୋଚନ ସାହୁ, କାହ୍ନୁ ଚରଣ ନାୟକ, କପିଳ ମଲ୍ଲିକ, ଉପଦେଷ୍ଟା ରାମଚନ୍ଦ୍ର ନାୟକ, ବସନ୍ତ ଦାସ, କ୍ଷୀରୋଦ ଦାସ, ଅଭୟ ନାୟକ, ମଧୁସୂଦନ ପାଢ଼ୀ ପ୍ରମୁଖ ବଡ଼ଦାଣ୍ଡରେ ଏହି ସବା କାର୍ଯ୍ୟରେ ସହଯୋଗ କରିଥିଲେ।

## ୬୦ କିଲୋ ଗଞ୍ଜେଇ ସହ ୨ଟି ବାଇକ ଜବତ : ଦୁଇ ଗିରଫ



**ମାଲକାନଗିରି,(ଡିକେ ନ୍ୟୁଜ୍):** କୋରାପୁଟ ଜିଲ୍ଲା ଅଧିନସ୍ତ ଜୟପୁର ଅଞ୍ଚଳକୁ ବେଆଇନ ଭାବେ ଦୁଇଜଣ ବ୍ୟକ୍ତି ଦୁଇଟି ବାଇକରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଧିନସ୍ତ ବାଲିମେଳା - ଜୟପୁର ମୁଖ୍ୟ ରାସ୍ତା ତଥା ପୂଜାରୀଗୁଡା ଗ୍ରାମ ନିକଟରେ ଓର୍କେଲ ପୋଲିସ ହାତରେ ଧରା ପଡିଛନ୍ତି। ତେବେ ଏହି ଘଟଣାରେ ଗିରଫ ହୋଇଥିବା ବ୍ୟକ୍ତି ମାନେ ହେଲେ କୋରୁକୋଣ୍ଡା ବ୍ଲକ ଅଧିନସ୍ତ ମୁଦୁଲୀଗୁଡ଼ା ଗ୍ରାମର ହନୁ ଗୋଲରୀଙ୍କ ପୁଅ ତାରି ଗୋଲରୀ-(୩୩) ଏବଂ ଅନ୍ୟ ଜଣେ ହେଲେ ସେହି ଗ୍ରାମର ଧନ ହନ୍ତାଳଙ୍କ ପୁଅ ନାଥ ହନ୍ତାଳ-(୨୨)ବୋଲି ଜଣା ପଡିଛି। ମିଳିଥିବା ସୂଚନା ମୁତାବକ ଶନିବାର ସକାଳେ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ଏକ ଟିମ୍ ବାଲିମେଳା-କୁଡୁମୁଲୁଗୁମ୍ମା ମୁଖ୍ୟ ରାସ୍ତା ପୂଜାରୀ ଗୁଡା ଗ୍ରାମ ନିକଟରେ ଅପରାହ୍ନ ପ୍ରାୟ ୧୨ ଟା ୪୫ ମିନିଟ ସମୟରେ ପେଟ୍ରୋଲିଂ କରୁଥିବା ବେଳେ ବାଲିମେଳା ପଟୁ ଦୁଇଜଣ ବ୍ୟକ୍ତି ଦୁଇଟି ବାଇକ ଓଡି-୩୦-ଡି-୪୫୪୧ ଏବଂ ଅନ୍ୟ ଏକ ବାଇକ ଓଡି-୧୦-କେ-୪୧୮୫ରେ ଦୁଇଟି ଜରିବସ୍ତାରେ କିଛି ସାମଗ୍ରୀ ନେଇ ଜୟପୁର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଦେଖି ସନ୍ଦେହ ହେବାରୁ ପୋଲିସ ଉଭୟଙ୍କୁ ରାସ୍ତାରେ ଅଟକାଇ ଯାଞ୍ଚ କରିଥିଲେ। ଦୁଇଟି ବାଇକରେ ଥିବା ଜରି ବସ୍ତା ଭିତରେ ମୋଟ ୬୦ କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରୁ ପୋଲିସ ଉକ୍ତ ଗଞ୍ଜେଇ ସମେତ ଦୁଇଟି ବାଇକକୁ ଜବତ କରିବା ସହିତ ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ବାଇକ ଚାଳକଙ୍କୁ ଗିରଫ କରାଯାଇଛି। ଏ ନେଇ ପୋଲିସ ପକ୍ଷରୁ ଥାନାରେ କେସ ନମ୍ବର ୧୭୯ /୨୦୨୫ ଦଫା ୨୦(ବି)(ସସ)(ସି)/ ୨୫/ ୨୯ ଏନଡିପିଏସ ଧାରାରେ ଏକ ମାମଲା ରୁଜୁ କରାଯାଇଛି।

## ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ବରଗଡ଼ ସବ୍ ଜେଲ




**ବରଗଡ଼,(ଡିକେ ନ୍ୟୁଜ୍):** ଶନିବାର ଦିନ ସ୍ଥାନୀୟ ସବ୍ ଜେଲରେ ଜୟ ଜଗନ୍ନାଥ ଓ ହରେକୃଷ୍ଣ ହରେରାମ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା। ଏହି ପରିପ୍ରେକ୍ଷୀରେ ଜେଲର ସଲମାନ୍ କୁଜୁରଙ୍କ ଅଧ୍ୟକ୍ଷତାରେ ବରଗଡ ଇସ୍କନ୍ ପକ୍ଷରୁ ଅନ୍ତେବାସୀମାନଙ୍କ ନିମନ୍ତେ ଏକ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଅଛି। ପୂର୍ବରୁ ଇସ୍କନ ପକ୍ଷରୁ ଜେଲ୍‌ରେ ଅନେକ ଗୁଡ଼ିଏ ସଫଳ କାର୍ଯ୍ୟକ୍ରମ ଯୋଗୁଁ ଅନେକ ଅନ୍ତେବାସୀ ଆଧ୍ୟାତ୍ମିକ ଆଡ଼କୁ ମନ ବଳାଇଥିବାରୁ ଇସ୍କନ ପକ୍ଷରୁ କରାଯାଇଥିବା ଆବେଦନକୁ ସବ୍ ଜେଲର ଶ୍ରୀ କୁଜୁର ଏକ ସ୍ୱତନ୍ତ୍ର ସେଲ ୧୧୦ ନଂ ରେ କେବଳ ଆଧ୍ୟାତ୍ମିକ ଅନ୍ତେବାସୀ ମାନଙ୍କୁ ରାଖାଯାଉଥିବାରୁ ଇସ୍କନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଆଜିର ଆୟୋଜିତ କାର୍ଯ୍ୟକ୍ରମରେ ବରଗଡ଼ ଇସ୍କନ୍‌ର ଅଧ୍ୟକ୍ଷ ପୂଜ୍ୟପାଦ ରସରାଜ ରାଧିକେଶ ଦାସଙ୍କ ଅନୁମତି କ୍ରମେ ଶ୍ରୀ ଅଭିଜିତ କୃଷ୍ଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହା ସହିତ ପୂଜ୍ୟପାଦ ସୁଶୀଲ ମିଶ୍ର ମୃଦଙ୍ଗ ବାଦନ କରିଥିଲେ। ମିଠା ରାମ ସାହୁ ପ୍ରଭୁ, ବେଣୁ ଗୋପାଳ ପ୍ରଭୁ, ଇସ୍କନ କେନ୍ଦ୍ରର ଅନ୍ୟତମ ମୁଖ୍ୟ ସଦସ୍ୟା ଯଥା ତନୁଜା ପାତ୍ର, ମାତାଜୀ, ଗୀତା ମାତାଜୀ, ଦୀପାଞ୍ଜଳୀ ଜୁଏଡ ମାତାଜୀ ତଥା ଜୁନିଅର ସବ ଜେଲର ଲିଙ୍ଗରାଜ ସାମଲ, ମହିଳା ସେଲ୍ ୱାର୍ଡର କାମିନୀ ବାଲା ନନ୍ଦ, ପୁରୁଷ ସେଲ୍ ୱାର୍ଡର ମୁନିନ୍ଦ୍ର ବିଶି ଓ ଚୈତନ୍ୟ ବେହେରା ଯୋଗ ଦେଇଥିଲେ। ଏହିପରି କାର୍ଯ୍ୟକ୍ରମ ପ୍ରତ୍ୟେକ ଜେଲ୍‌ରେ କରାଗଲେ ଅପରାଧୀକ ମାମଲା କମ୍ ହୋଇ ଲୋକେ ସଂସ୍କରୀ ହୋଇ ମୁଖ୍ୟ ସ୍ରୋତକୁ ଫେରି ପାରିବେ ବୋଲି ଶ୍ରୀ କୁଜୁର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଜେଲ ଅନ୍ତେବାସୀ ସର୍ବଶ୍ରୀ ଅମିତ କୁମାର ଦାଶ, ମୋହନ କୁମାର ଦୂରିତ, ବିଜୟ କୁମାର ନାଏକ ଓ ଶ୍ରୀମତୀ ବସୁମତୀ ପାଇକ ଭଜନ ପରିବେଷଣ କରିଥିଲେ। ଶେଷରେ ବରଗଡ଼ ଇସ୍କନର କୋଷାଧ୍ୟକ୍ଷ ଜୟ ମୁକୁନ୍ଦ ପ୍ରାଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ସମ୍ଭବ ତାଲିମ ଶିବିର ଉଦ୍‌ଯାପିତ



**କୁତ୍ରା,(ଡିକେ ନ୍ୟୁଜ୍):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ପିଏମ୍ ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ପଞ୍ଚ ଦିବସୀୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଜିଲ୍ଲା ସ୍ତରୀୟ ସମ୍ଭବ ତାଲିମ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିକ୍ଷାଅଧିକାରୀ ଅମୂଲ୍ୟ କୁମାର ପଧାନ ଯୋଗଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ସଦାନନ୍ଦ ପ୍ରଧାନ, ଜିଲ୍ଲା ସମଗ୍ର ଶିକ୍ଷା କୋଡିନେଟର ଅମାତ୍ୟ ପ୍ରଧାନ ଉପସ୍ଥିତ ଥିବାବେଳେ ଏହି କର୍ମଶାଳାର ସାଧନ କର୍ମୀ ଭାବେ ଉଦିତନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂଆଗାଁର ପ୍ରଧାନ ଶିକ୍ଷୟିତ୍ରୀ ତନୁଜାନନ୍ଦିନୀ ତନ୍ତି, ବଣେଇଁଗଡ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାଶିନାଥ ବେହେରା, ସରକାରୀ ଉଚ୍ଚ ବିଦ୍ୟାଳୟ ଲଇକେରାର ପ୍ରଧାନ ଶିକ୍ଷକ ଦଳୀନ୍ଦ୍ର ତନ୍ତୀ ପ୍ରମୁଖ ପାଞ୍ଚଦିନ ଧରି ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ଦେଇଥିଲେ। ସଭା କାର୍ଯ୍ୟକୁ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଲଗାଣ ବର୍ଷା ଧୋଇ ଦେବ ଆତରା ତଳି : ଚିନ୍ତାରେ ଚାଷୀକୂଳ



**ତିହିଡ଼ି,(ଡିକେ ନ୍ୟୁଜ୍):** ଭଦ୍ରକ ଜିଲା ତିହିଡ଼ି ବ୍ଲକର ଅଧିକାଂଶ ପଞ୍ଚାୟତ ଖରିଫ୍ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ଖରିଫ୍ ଧାନରୁ ସେମାନେ ନିଜର ଅତ୍ୟାବଶ୍ୟକ ଗୁଜୁରାଣ ମେଣ୍ଟାଇବା ସହିତ ଝିଅ ବାହାଘର ମଧ୍ୟ କରିଥାନ୍ତି। ମାତ୍ର ଚଳିତ ବର୍ଷ ପାଗର ପ୍ରତିକୂଳ ଅବସ୍ଥା ପାଇଁ ଚାଷୀମାନେ ବତୁରି ତଳା ପକାଇବା ସମ୍ଭବ ହୋଇ ପାରିନଥିଲା। ରଜ ପରେ ସାମାନ୍ୟ ବର୍ଷା ହେବାରୁ ଚାଷୀମାନେ ବିହନ କିଣି ଆତରା ତଳି ପକାଇଥିଲେ। ଗତ ୨୩ ତାରିଖ ଠାରୁ ୨୮ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଲଗାଣ ବର୍ଷା ହେଉଥିବାରୁ ଆତରା ତଳି ବିଲ ବର୍ଷା ପାଣିରେ ଉଛୁଳି ପଡ଼ିଛି। ଦେଖିଲା ଯେପରି ବନ୍ୟା ପରି ଲାଗୁଛି। ପାଣିପାଗ ସୂଚନା ଅନୁସାରେ ଆଗାମୀ ୨ ତାରିଖ ପର୍ଯ୍ୟନ୍ତ ଲଗାଣ ବର୍ଷା ଲାଗି ରହିବ ବୋଲି ଜଣା ପଡ଼ିଛି। ଏପରି ବର୍ଷା ହେଲେ ଆତରା ତଳି ନିଶ୍ଚିତ ସମ୍ପୂର୍ଣ୍ଣ ନଷ୍ଟ ହେବ। ଚାଷୀ ତର ତର ବଣିଜ ମଠ କଥାରେ ଚାଷୀମାନେ ଚାଷ କରିବା ପାଇଁ ତରବରିଆ ଭାବରେ ଆତରା ତଳା ପକାଇଥିଲେ। ମାତ୍ର ପ୍ରକୃତି ସେମାନଙ୍କ ପାଇଁ ଦାଉ ସାଦିଛି। ଯାହାଫଳରେ ଚାଷୀମାନେ ଆଗକୁ ପୁଣି ବିହନ କିଣି ଆତରା ପକାଇବା କଷ୍ଟକର ହୋଇ ପଡ଼ିବ। ଯେଉଁଥି ପାଇଁ ଚାଷୀକୂଳ ଚିନ୍ତାରେ ପଡ଼ି ଯାଇଛି। ଅଧିକ ଅମଳ ପାଇଁ ଚାଷୀ ସରକାରୀ ମୂଲ୍ୟରେ ବିହନ କିଣି ତଳି ପକାଇଥିଲା। ଯଦି ଆତରା ତଳି ନଷ୍ଟ ହେଉଛି ତା'ହେଲେ ଚାଷୀ ପୁଣି ଅଧିକ ମୂଲ୍ୟରେ ବିହନ କିଣିବାକୁ ସକ୍ଷମ ହୋଇ ପାରିବ ନାହିଁ। ଧାନ ତଳି ପକାଇବା ଆରମ୍ଭରୁ ଏପରି ପରିସ୍ଥିତି ସୃଷ୍ଟି ହେବା ଚଳିତ ବର୍ଷ ଖରିଫ୍ ଚାଷ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଆଲୋଚନା ହେଉଛି। ଚଳିତ ବର୍ଷ ୨୦ହଜାର ୫୬୦ ହେକ୍ଟର ଜମିରେ ଖରିଫ୍ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ସେଥି ପାଇଁ ୧୫୦୦ ହେକ୍ଟର ଜମିରେ ଧାନ ତଳି ପଡ଼ିବାକୁ ଥିଲାବେଳେ ୫ ହଜାର ହେକ୍ଟର ଜମିରେ ବୁଣା ଧାନ ହେବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ବତୁରି ତଳି ପଡ଼ିବା ସମ୍ଭବ ହୋଇ ପାରିଲା ନାହିଁ। ଯାହାଫଳରେ ଚାଷୀମାନେ ବାଧ ହୋଇ ଆତରା ତଳା ପକା ଭରସା ରଖିଥିଲେ। ଆତରା ତଳା ନଷ୍ଟ ହେବାରୁ ଚାଷୀ ଚିନ୍ତାରେ ପଡ଼ିଛି। ତେବେ ସରକାର ଚାଷୀମାନଙ୍କୁ ମାଗଣାରେ ବିହନ ଯୋଗାଇ ଦେବାକୁ ଚାଷୀଙ୍କ ମହଲରୁ ଦାବି କରାଯାଇଛି।

ଡୁମାଣୀ ଖବର
ଆମ ଅଞ୍ଚଳ
ରବିବାର, ୨୯ ଜୁନ୍, ୨୦୨୫


# ଗରିବ କଲ୍ୟାଣ ଓ ବିକାଶ ସମାବେଶ ଅନୁଷ୍ଠିତ




ବରଗଡ଼, (ଡିକେ ନ୍ୟୁଜ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଶନିବାର ସ୍ଥାନୀୟ ଆରଏମସି ପଡିଆ ଠାରେ ଗରିବ କଲ୍ୟାଣ ଏବଂ ବିକାଶ ସମାବେଶ ଅନୁଷ୍ଠିତ ହୋଇଛି। ସମାବେଶରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ରାଜ୍ୟ ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂର୍ଯ୍ୟବଂଶୀ ସୂରଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୨୨୦୭.୭ ଲକ୍ଷ ଅଟକଳ ମୂଲ୍ୟର ସମୁଦାୟ ୧୬ଟି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ଓଡିଶା ସରକାରଙ୍କ ଏକ ବର୍ଷର ଉପଲବ୍ଧି ତଥା ବରଗଡ଼ର ବିକାଶରେ ଓଡିଶା ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଜିଲ୍ଲାର ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ସୁବିଧା ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟକୀ, କର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଦ୍ୱାରା ଜିଲ୍ଲା ସାଂସ୍କୃତି ଭବନ ନିର୍ମାଣ ତଥା ସମ୍ପ୍ରସାରଣ ପାଇଁ ୧୪୫.୮ ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଭିତ୍ତି ପ୍ରସ୍ତର ସ୍ଥାପନ ସହ କ୍ରୀଡା ଓ ଯୁବସେବା ବିଭାଗ ଅଧୀନରେ ଜାମୁଡ଼ା ଠାରେ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ୮୦୦ଲକ୍ଷ ଏବଂ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ମୋଟ ୧୨୬୧.୯ ଲକ୍ଷ ଅଟକଳ ମୂଲ୍ୟର ୧୪ଟି ପ୍ରକଳ୍ପକୁ ମିଶାଇ ସର୍ବମୋଟ ୧୬ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ସମ୍ମାନନୀୟ ଅତିଥି ଭାବେ ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ, ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଧାୟକ ଟଙ୍କଧର ତ୍ରିପାଠୀ, ବିଧାୟକ ଇରାଶିଷ ଆର୍ଚ୍ଚ୍ୟ ଏବଂ ବିଧାୟକ ସନତ କୁମାର ଗଡତିଆ ମଂଚସୀନ ହୋଇ ସରକାରଙ୍କ ଏକ ବର୍ଷର ଉପଲବ୍ଧି ସହ ନିଜ କାର୍ଯ୍ୟର ରିପୋର୍ଟ କାର୍ଡ ଉପସ୍ଥାପନ କରିଥିବା ବେଳେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନା ମଂଚସୀନ ଥିଲେ। ମୁଖ୍ୟଅତିଥି ତଥା ସମସ୍ତ ସମ୍ମାନିତ ଅତିଥିଙ୍କ ଦ୍ୱାରା ଜିଲ୍ଲାର ସଫଳ ମହିଳା ଋଷୀ ଭାବେ କୁର୍ଲା ଗ୍ରାମର ମାଣିକ୍ୟ ପ୍ରଧାନଙ୍କ ସମେତ ସଫଳ ସୁଭଦ୍ରା ହିତାଧିକାରୀ ଭାବେ ସମର୍ପିତା ରାଉତ, ସଫଳ ଲକ୍ଷପତି ଦିଦି ଅଞ୍ଜଳି ମହାକୁର, ଅନ୍ତର୍ଜାତୀୟ ଜୁନିୟର ଲେଭେଲ ଆଥଲେଟ ପ୍ରତୀକ ମହାରଣା, ଜାତୀୟ ଯୋଗ ପତିଯୋଗିତାରେ ବ୍ରଞ୍ଜ ପଦକ ବିଜେତା ରଞ୍ଜିତା ଭୁଏ ଏବଂ ଜାପାନରୁ ଦୁଇ ଚକିଆ ଯାନ ମେକାନିଜିମ ପ୍ରଶିକ୍ଷଣ ଗ୍ରହଣ କରିଥିବା ଦିବ୍ୟସା ପ୍ରଧାନଙ୍କୁ ସମ୍ମାନିତ କରିବା ସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀ ଜୟନ ନାଗ, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ହିତାଧିକାରୀ ସୁରେଶ ପାଣି, ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀ ବାସନ୍ତୀ କର୍ଣ ଏବଂ ସୁଷମା ବିଶିଙ୍କୁ ସରକାରୀ ସୁବିଧା/ କାର୍ଯ୍ୟାଦେଶ ପ୍ରଦାନ ସହ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗନ୍ଧର୍ବୀ ସାହୁଙ୍କୁ ୧,୬୧,୨୮୦/- ଟଙ୍କା ଏବଂ ୨୫୦୦ ମେଟ୍ରିକ ଟନ ବିଶିଷ୍ଟ ଶୀତଳ ଭଣ୍ଡାରର ବିଜୁଳି ଖର୍ଚ୍ଚର ୫୦% ରିହାତି ବାବଦକୁ ସାଇ କୋଲ୍ଡ ଷ୍ଟୋରେଜ ବରଗଡର ମାଲିକ ଆର.ଶାଇକିରଣଙ୍କୁ ରାଜ୍ୟ ଯୋଜନରୁ ୩,୦୭,୭୮୦/- ଟଙ୍କାର ସବସିଡି/ସହାୟତା ରାଶି ପ୍ରଦାନ କରିଥିଲେ। ଏତଦବ୍ୟତୀତ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଭବ୍ୟ ଆୟୋଜନ ତଥା ସଫଳତା ପାଇଁ ଧନନ୍ୟବାଦ ଉପହାର ସ୍ୱରୂପ ଧନୁଯାତ୍ରା କଫିଟେବୁଲ ବୁକ ଓ ସ୍ମରଣିକା ଧନୁସ୍ତ୍ରଭାକୁ ମହୋତ୍ସବ ସମିତିର ସଭାପତି ତଥା ଜିଲ୍ଲାପାଳ ଏବଂ ସମ୍ପାଦକ ସୁରେଶ୍ୱର ଶତପଥୀ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କୁ ପ୍ରଦାନ କରିଥିଲେ। ପରିଶେଷରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା କୋଟିଆ, ରଥ ଟାଣିଲେ ପାଞ୍ଚ ମନ୍ତ୍ରୀ



କୋରାପୁଟ, (ଡିକେ ନ୍ୟୁଜ୍): କୋଟିଆରେ ଗଡ଼ିଲା ରଥ, ରଥ ଟାଣିଲେ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ, ସାଂସଦ ଓ ବିଧାୟକ। ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା କୋଟିଆ। ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ। ଭକ୍ତିରେ ବିଭର ହେଲେ ଭକ୍ତ। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ବିବାଦୀୟ କୋଟିଆରେ ଗଡ଼ିଲା ରଥ। ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା କୋଟିଆ। କୋଟିଆରେ ରଥ ଟାଣିଲେ ଉପ ମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଶୁ ଓ ମତ୍ସ୍ୟ ସଂପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, କୋରାପୁଟ ସାଂସଦ ସପ୍ତଗିରି ଉଲାକା, ନବରଙ୍ଗପୁର ସାଂସଦଙ୍କ ସମେତ ବିଧାୟକ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ବାସିନ୍ଦା। ଶୁକ୍ରବାର ମହାପ୍ରଭୁଙ୍କ ରଥାରୁଢ ହୋଇଥିଲା। ଶନିବାର ରଥ ଟଣା ହୋଇଥିଲା। ପାରମ୍ପରିକ ଆଦିବାସୀ ନୃତ୍ୟ ଓ ଘଣ୍ଟ ସଂକୀତନରେ କମ୍ପିଥିଲା କୋଟିଆ ବଡଦାଣ୍ଡ। ଜୟ ଜଗନ୍ନାଥ, ହରିବୋଲ, ଘଣ୍ଟନାଦ ଓ ଶଙ୍ଖ ମହୁରୀ, ବାଜାବଜଣା ଓ ହୁଳହୁଳି ସହ ବାଜା କାହାଳୀରେ ପ୍ରକମ୍ପିତ ହୋଇଥିଲା। ରୀତିନୀତି ଅନୁସାରେ ପୂଜା ଅର୍ଚ୍ଚନା କରାଯିବା ପରେ ରଥ ଟଣା ଆରମ୍ଭ ହୋଇଥିଲା। ପ୍ରଥମଥର ପାଇଁ କୋଟିଆ ରଥ ଯାତ୍ରାରେ ସାମିଲ ହୋଇ ରଥ ଟାଣିଛନ୍ତି ମନ୍ତ୍ରୀ। ଯାହାକୁ ନେଇ କୋଟିଆବାସୀଙ୍କ ଭିତରେ ଉତ୍କଣ୍ଠା ଦେଖା ଦେଇଛି। ରଥକୁ ଟାଣି ଟାଣି ମାଉସୀ ମା'ଙ୍କ ମନ୍ଦିର ପାଖରେ ପହଞ୍ଚାଇଥିଲେ। ମାଉସୀ ଘରେ ଲୀଳା ଖେଳା କରିବା ପାଇଁ ରଥକୁ ମହା ପ୍ରଭୁ ଜଗନ୍ନାଥ ଭାଇ ଭଉଣୀଙ୍କୁ ଧରି ମାଉସୀ ମା'ଙ୍କ ଘରକୁ ବିଜେ କରିଛନ୍ତି। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି କୋଟିଆରେ ବ୍ୟାପକ ପୋଲିସ ମୃତୟନ କରାଯାଇଥିଲା। କୋଟିଆ ପଞ୍ଚାୟତକୁ ନିଜର କରିବା ପାଇଁ ଆନ୍ଧ୍ର ବାରମ୍ବାର କୋଟିଆ ଭିତରେ ଅନୁପ୍ରବେଶ କରି କୋଟିଆବାସୀଙ୍କୁ ଲୋଭନୀୟ ସ୍କିମ ଦେଇ ନିଜ ଆଡକୁ ଆକୃଷ୍ଟ କରୁଛି। ଓଡିଶା ସରକାରଙ୍କ ତରଫରୁ କୋଟିଆରେ ଅନୁପ୍ରବେଶ ପାଇଁ ଆନ୍ଧ୍ରକୁ କଟକଣା ଥିଲେ ମଧ୍ୟ ଅମାନିଆ ଆନ୍ଧ୍ର ବାରମ୍ବାର କୋଟିଆରେ ଅନୁପ୍ରବେଶ କରୁଛି। କୋଟିଆ ଓଡ଼ିଶାର ହୋଇଥିବା ବେଳେ ଆନ୍ଧ୍ରର ଲୋଭନୀୟ ସ୍କିମ ଯୋଗୁ କୋଟିଆବାସୀ ଓଡ଼ିଶାର ହେବେ ନା ଆନ୍ଧ୍ରର ହେବେ ସେ ନେଇ ଏବେ ସେମାନେ ଚିନ୍ତାରେ ପଡିଛନ୍ତି। କୋଟିଆ ସମସ୍ୟା ସମାଧାନ କରିବା ପାଇଁ ରାଜ୍ୟ ସରକାର ତରଫରୁ ୧୬ ଜଣିଆ କମିଟି ଗଠନ ହୋଇଛି। ଏହି କମିଟିରେ ରାଜସ୍ୱ ମନ୍ତ୍ରୀଙ୍କ ସମେତ ଅନ୍ୟାନ ମନ୍ତ୍ରୀ ବିଧାୟକ ଓ ଜିଲ୍ଲା ପ୍ରଶାସନ ରହିଛନ୍ତି। ଏବେ ଦୁଇ ରାଜ୍ୟରେ ବିଜେପି ସରକାର ଥିବାବେଳେ କେନ୍ଦ୍ରରେ ମଧ ବିଜେପି ସରକାର ରହିଛନ୍ତି। ଏହାରି ଭିତରେ କୋଟିଆ ରଥଯାତ୍ରାରେ ପାଞ୍ଚ ଜଣ ମନ୍ତ୍ରୀ ସାମିଲ ହେବାକୁ ନେଇ କୋଟିଆ ସମସ୍ୟାର ସମାଧାନ ହେବା ନେଇ ସ୍ଥାନୀୟ ବାସିନ୍ଦା ଆଶା ରଖିଛନ୍ତି। କୋଟିଆରେ ଶାନ୍ତି ଶୃଙ୍ଖଳା ସହକାରେ ରଥଯାତ୍ରା ସମାପନ ହୋଇଥିବାରୁ କୋଟିଆବାସୀ ଜିଲ୍ଲା ପ୍ରଶାସନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦଳଗତ ନିର୍ବିଶେଷରେ କୋଟିଆ ରଥଯାତ୍ରାରେ ଏକାଠି ହେଲେ ସବୁ ଦଳର ମନ୍ତ୍ରୀ ସାଂସଦ ଓ ବିଧାୟକ। କୋଟିଆ ଓଡିଶାର ଓଡ଼ିଶାରେ ରହିଛି ଆଉ ଓଡ଼ିଶାରେ ରହିବ ବୋଲି ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗକୁ କୋଟିଆ ସମସ୍ୟାର ସମାଧାନ ହେବା ନେଇ ଆଶା କରାଯାଉଛି।

# ଏସବିଆଇ ଓ ରାମକି ଫାଉଣ୍ଡେସନ ପକ୍ଷରୁ ସ୍ୱଚ୍ଛତା ଉପକରଣ ବଣ୍ଟନ ଓ ସଚେତନତା



ଧର୍ମଗଡ, (ଡିକେ ନ୍ୟୁଜ): ଏସବିଆଇ ଓ ରାମକି ଫାଉଣ୍ଡେସନ ତରଫରୁ ପରିବେଶକୁ ସଫା ସୁତୁରା ରଖିବା ପାଇଁ ନିରନ୍ତର ଉଦ୍ୟମ କଳାହାଣ୍ଡି ଜିଲ୍ଲାରେ ଜାରି ରଖିଛି। ଏହି ସଂସ୍ଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଉପରେ ସଚେତନତା କରି ଆସୁଛି। କେସିଙ୍ଗା ନଗରପାଳିକା ଅଧିନସ୍ଥ ୱାର୍ଡ ନମ୍ବର ୮ର ସ୍ମାର୍ଟ କଲୋନୀରେ ନାହାରପାଳିକାର ସ୍ୱଚ୍ଛତା ନିରୀକ୍ଷକ ଆକୁଳ ନାୟକଙ୍କ ଦ୍ୱାରା ନଗରପାଳିକାର ସଫେଇ କର୍ମଚାରୀଙ୍କୁ ବର୍ଷାକୁ ଦୃଷ୍ଟିରେ ରଖି ରେନକୋଟ ସେଫ୍ଟି ଜୋତା ଓ ହେଣ୍ଡଗ୍ଲୋବ ଆଦି ଉପକରଣ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ରାମକୀ ଫାଉଣ୍ଡେସନ ଦ୍ୱାରା ବଣ୍ଟନ କରାଯାଇଛି। ମୁନିସିପାଲଟିର ଅନ୍ୟାନ୍ୟ କର୍ମଚାରୀଙ୍କ ସହିତ ରାମକି ଫାଉଣ୍ଡେସନର ପିସି ଡାକ୍ତର ବିମଳ ଚରଣ ଷଡଙ୍ଗୀ, ଭେଷଜ ବିତରକ ଜ୍ୟୋତ୍ସାମୟୀ ବେହେରା, ଷ୍ଟାଫ ନର୍ସ ପଙ୍କଜିନି ରଣା ଏଲଟି ନିତୁ ନାୟକ ପାଇଲଟ ନିରଞ୍ଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ଏହି ସଂସ୍ଥା ଦ୍ୱାରା ସେହି ଅଞ୍ଚଳ ଲାଗି ବିଭିନ୍ନ କାର୍ଯ୍ୟକ୍ରମମାନେ ନଗରପାଳିକା ପାଇଁ କରାଯିବ ବୋଲି ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମ ପରିଶେଷରେ ନଗରପାଳିକାର ସ୍ୱଚ୍ଛତା ନିରୀକ୍ଷକ ଶ୍ରୀ ନାୟକ ଏସବିଆଇ ଏବଂ ରାମକି ଫାଉଣ୍ଡେସନକୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାରହା ଯୋଗୁ ବ୍ୟାପକ ଫସଲ ନଷ୍ଟ

ଯାଜପୁର, (ଡିକେ ନ୍ୟୁଜ୍): ବରୀ ବ୍ଲକ ଅନ୍ତର୍ଗତ ବାଇଁଶିଆ ପଂଚାୟତ ଇଛାପୁର ପାଟରେ ବହୁ ଋଷୀ ଧାନ, ଆଖୁ ଓ ପନିପରିବା ଋଷ କରିଛନ୍ତି। ଏବେ ଧାନ, ଆଖୁ ବୃଦ୍ଧି ହେବା ସମୟ ଓ ପନିପରିବା ବି ଫଳିବା ସମୟ ହେଲେ କିଛି ବାରହାମାନଙ୍କ ପାଇଁ ଏକର ଏକର ଧାନ ଫସଲ, ଆଖୁ ନଷ୍ଟ ହେବାକୁ ବସିଲାଣି। ଏନେଇ ଋଷୀ ଚିନ୍ତାରେ, ବନ ବିଭାଗ ଏପ୍ରତି ଦୃଷ୍ଟି ଦେବା ସହ କୃଷି ବିଭାଗ ସହାୟତା ପ୍ରଦାନ କରନ୍ତୁ ବୋଲି ଯୁବ ଋଷୀ ଦେବ୍ରତ ପରିଡା, ଅବିନାଶ ଦାଶ, ହୃଷିକେଶ ପାଢୀ, ରମେଶ ପଣ୍ଡା, ସୁଶାନ୍ତ କର, ଧନେଶ୍ୱର ଜେନା, ସୁକୁଟି ମଲିକ, ଦେବାଶିଷ ପଣ୍ଡାଙ୍କ ସମେତ ବହୁ ଆଗ ଧାଡ଼ିର ଋଷୀ ନିବେଦନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଭାରତ ବିଶ୍ୱର ସର୍ବପ୍ରାଚୀନ...

ଅନୁଭବ କରିବାର ଏବଂ ସମୟ ସମୟରେ ତାଙ୍କ ମାର୍ଗଦର୍ଶନ ଏବଂ ଆଶୀର୍ବାଦ ପାଇବାର ସୁଯୋଗ ମିଳିଥିଲା। ସେ କହିଥିଲେ ଯେ ଏହି ଶତାବ୍ଦୀ ସମାରୋହରେ ମଧ୍ୟ ସେ ପୂଜ୍ୟ ଆର୍ଚ୍ଚ୍ୟଙ୍କ ପ୍ରତି ସମାନ ସ୍ନେହ ଏବଂ ସମ୍ପର୍କ ଅନୁଭବ କରିଥିଲେ। ଶ୍ରୀ ମୋଦି କହିଥିଲେ, ଭାରତ ବିଶ୍ୱର ସବୁଠାରୁ ପ୍ରାଚୀନ ଜୀବନ୍ତ ସଭ୍ୟତା, ଆମର ଦେଶ ହଜାର ହଜାର ବର୍ଷ ଧରି ତିଷ୍ଠିରହିଛି, କାରଣ ଏହାର ଚିନ୍ତାଧାରା, ଦର୍ଶନ ଏବଂ ବିଶ୍ୱଦୃଷ୍ଟିକୋଣ କାଳଜୟୀ। ସେ କହିଥିଲେ ଯେ ଏହି କଳଜୟୀ ଦୃଷ୍ଟିକୋଣ ଋଷି, ମୁନି, ସନ୍ଥ ଏବଂ ଆର୍ଚ୍ଚ୍ୟଙ୍କ ଜ୍ଞାନରେ ମୂଳ। ସେ ଆଲୋକିତ କରିଥିଲେ ଯେ ଆର୍ଚ୍ଚ୍ୟ ଶ୍ରୀ ବିଦ୍ୟାନନ୍ଦଜୀ ମୁନିରାଜ ଏହି କାଳଜୟୀ ପରମ୍ପରାର ଏକ ଆଧୁନିକ ଆଲୋକପଥ ଭାବରେ ଠିଆ ହୋଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆର୍ଚ୍ଚ୍ୟଙ୍କର ଅନେକ ବିଷୟରେ ଗଭୀର ଜ୍ଞାନ ଥିଲା ଏବଂ ସେ ଅନେକ କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିଲେ। ସେ ଆର୍ଚ୍ଚ୍ୟଙ୍କ ଆଧ୍ୟାତ୍ମିକ ଗଭୀରତା, ବିଶାଳ ଜ୍ଞାନ ଏବଂ କନ୍ନଡ, ମରାଠୀ, ସଂସ୍କୃତ ଏବଂ ପ୍ରାକୃତ ଭଳି ଭାଷା ଉପରେ ନିୟନ୍ତ୍ରଣର ପ୍ରଶଂସା କରିଥିଲେ। ସାହିତ୍ୟ ଏବଂ ଧର୍ମ ପ୍ରତି ଆର୍ଚ୍ଚ୍ୟଙ୍କ ଅବଦାନ, ଶାସ୍ତ୍ରୀୟ ସଙ୍ଗୀତ ପ୍ରତି ତାଙ୍କର ସମର୍ପଣ ଏବଂ ଜାତୀୟ ସେବା ପ୍ରତି ତାଙ୍କର ଅଟଳ ପ୍ରତିବଦ୍ଧତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜୀବନର ଏପରି କୌଣସି ଦିଗ ନାହିଁ ଯେଉଁଥିରେ ଆର୍ଚ୍ଚ୍ୟ ଆଦର୍ଶ ମାନଦଣ୍ଡ ସ୍ଥାପନ କରି ନାହାଁନ୍ତି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଆର୍ଚ୍ଚ୍ୟ ବିଦ୍ୟାନନ୍ଦ ଜୀ କେବଳ ଜଣେ ମହାନ ସଂଗୀତଜ୍ଞ ନଥିଲେ ବରଂ ଜଣେ ପ୍ରଚଣ୍ଡ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ ଏବଂ ସମ୍ପୂର୍ଣ୍ଣ ତ୍ୟାଗର ପ୍ରତିମୂର୍ତ୍ତି ଥିବା ଜଣେ ଦୃଢ଼ ଦିଗମ୍ବର ମୁନି ଥିଲେ। ସେ ତାଙ୍କୁ ଜ୍ଞାନର ଭଣ୍ଡାର ଏବଂ ଆଧ୍ୟାତ୍ମିକ ଆନନ୍ଦର ଉତ୍ସ ଭାବରେ ବର୍ଣ୍ଣନା କରିଥିଲେ। ଶ୍ରୀ ମୋଦି ଗୁରୁତ୍ୱାରୋପ କରିଥିଲେ ଯେ ସୁରେନ୍ଦ୍ର ଉପାଧ୍ୟାୟଙ୍କଠାରୁ ଆର୍ଚ୍ଚ୍ୟ ଶ୍ରୀ ବିଦ୍ୟାନନ୍ଦ ଜୀ ମୁନିରାଜ ପର୍ଯ୍ୟନ୍ତ ଯାତ୍ରା ଜଣେ ସାଧାରଣ ମଣିଷରୁ ଏକ ଦିବ୍ୟ ଆତ୍ମାକୁ ପରିବର୍ତ୍ତନକୁ ପ୍ରତିଫଳିତ କରେ। ସେ ଏହାକୁ ଏକ ପ୍ରେରଣା ବୋଲି କହିଥିଲେ ଯେ ଭବିଷ୍ୟତ ବର୍ତ୍ତମାନର ଜୀବନର। ସୀମାବଦ୍ଧତା ଦ୍ୱାରା ଆବଦ୍ଧ ନୁହେଁ ବରଂ ବ୍ୟକ୍ତିର ଦିଗ, ଉଦ୍ଦେଶ୍ୟ ଏବଂ ସଂକଳ୍ପ ଦ୍ୱାରା ଆକୃତିପ୍ରାପ୍ତ ହୋଇଥାଏ। ଆର୍ଚ୍ଚ୍ୟ ଶ୍ରୀ ବିଦ୍ୟାନନ୍ଦଜୀ ମୁନିରାଜ କେବଳ ଆଧ୍ୟାତ୍ମିକ ସାଧନା ପର୍ଯ୍ୟନ୍ତ ତାଙ୍କ ଜୀବନକୁ ସୀମିତ ରଖି ନଥିଲେ ବରଂ ସାମାଜିକ ଏବଂ ସାଂସ୍କୃତିକ ପୁନଃନିର୍ମାଣ ପାଇଁ ତାଙ୍କ ଜୀବନକୁ ଏକ ମାଧ୍ୟମରେ ପରିଣତ କରିଥିଲେ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରାକୃତ ଭବନ ଏବଂ ଅନେକ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା କରି ଆର୍ଚ୍ଚ୍ୟ ନୂତନ ପିଢ଼ିକୁ ଜ୍ଞାନର ଜ୍ୱାଳା ବହନ କରିଥିଲେ। ସେ କହିଥିଲେ ଯେ ଆର୍ଚ୍ଚ୍ୟ ଜୈନ ଇତିହାସକୁ ମଧ୍ୟ ପ୍ରକୃତ ସ୍ୱୀକୃତି ଦେଇଥିଲେ। 'ଜୈନ ଦର୍ଶନ' ଏବଂ 'ଅନେକାନ୍ତବାଦ' ଭଳି ମୂଳ ଗ୍ରନ୍ଥ ଲେଖି ସେ ଦାର୍ଶନିକ ଚିନ୍ତାଧାରାକୁ ଗଭୀର କରିଥିଲେ ଏବଂ ବୁଝାମଣାର ଅନ୍ତର୍ଭୁକ୍ତି ଏବଂ ବ୍ୟାପକତାକୁ ପ୍ରୋତ୍ସାହିତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ମନ୍ଦିର ପୁନରୁଦ୍ଧାର ଠାରୁ ଆରମ୍ଭ କରି ଅବହେଳିତ ପିଲାମାନଙ୍କ ଶିକ୍ଷା ଏବଂ ବ୍ୟାପକ ସାମାଜିକ କଲ୍ୟାଣ ପର୍ଯ୍ୟନ୍ତ ଆର୍ଚ୍ଚ୍ୟଙ୍କ ପ୍ରତ୍ୟେକ ପ୍ରୟାସ ଆତ୍ମ-ଉପଲବ୍ଧି ଏବଂ ଜନ କଲ୍ୟାଣର ମିଶ୍ରଣକୁ ପ୍ରତିଫଳିତ କରେ। ଆର୍ଚ୍ଚ୍ୟ ବିଦ୍ୟାନନ୍ଦଜୀ ମହାରାଜ ଥରେ କହିଥିଲେ ଯେ ଜୀବନ ପ୍ରକୃତରେ ଆଧ୍ୟାତ୍ମିକ ହୋଇଯାଏ ଯେତେବେଳେ ଏହା ନିଃସ୍ୱାର୍ଥପର ସେବାର ମାଧ୍ୟମ ହୋଇଯାଏ, ଶ୍ରୀ ମୋଦି କହିଥିଲେ ଯେ ଏହି ଚିନ୍ତାଧାରା ଜୈନ ଦର୍ଶନର ସାରାଂଶରେ ଗଭୀର ଭାବରେ ନିହିତ ଏବଂ ଭାରତର ଆତ୍ମା ସହିତ ଆନ୍ତରିକ ଭାବରେ ଜଡ଼ିତ। ଭାରତ ହେଉଛି ସେବା ଦ୍ୱାରା ପରିଭାଷିତ ଏବଂ ମାନବତା ଦ୍ୱାରା ପରିଚାଳିତ ଏକ ରାଷ୍ଟ୍ର, ପ୍ରଧାନମନ୍ତ୍ରୀ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ବିଶ୍ୱ ଶତାବ୍ଦୀ ଧରି ହିଂସା ଦ୍ୱାରା ହିଂସାର ଅନ୍ତ କରିବାକୁ ଚେଷ୍ଟା କରିଥିବାବେଳେ, ଭାରତ ବିଶ୍ୱକୁ ଅହିଂସାର ଶକ୍ତି ସହିତ ପରିଚିତ କରାଥିଲା। ସେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତୀୟ ନୀତି ସର୍ବଦା ମାନବତା-ସେବା ଭାବନାକୁ ସର୍ବୋପରି ସ୍ଥାନ ଦେଇଛି। ଭାରତର ସେବା ଭାବନା ନିରନ୍ତର - ସ୍ୱାର୍ଥଠାରୁ ଉର୍ଦ୍ଧ୍ୱ ଏବଂ ନିସ୍ୱାର୍ଥପରତା ଭାବନା ଦ୍ୱାରା ପରିଚାଳିତ ବୋଲି ପ୍ରକାଶ କରି ଶ୍ରୀ ମୋଦି କହିଥିଲେ ଯେ ଏହି ନୀତି ଆଜି ଦେଶର ଶାସନକୁ ମାର୍ଗଦର୍ଶନ କରେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ, ଆୟୁଷ୍ମାନ ଭାରତ ଯୋଜନା ଏବଂ ଅବହେଳିତ ଲୋକଙ୍କ ପାଇଁ ମାଗଣା ଖାଦ୍ୟଶସ୍ୟ ବଣ୍ଟନ ଭଳି ପଦକ୍ଷେପଗୁଡ଼ିକୁ ଉଲ୍ଲେଖ କରି ସେ କହିଥିଲେ ଯେ ଏହି ପଦକ୍ଷେପଗୁଡ଼ିକ ଏହି ନୀତିର ପ୍ରତିଫଳନ, ଯାହା ସମାଜର ତଳ ଭାଗରେ ରହୁଥିବା ଲୋକଙ୍କୁ ଉତ୍ଥାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେ ଆଲୋକପାତ କରିଥିଲେ ଯେ ସରକାର ସମସ୍ତ ଯୋଜନାରେ ସିଦ୍ଧତା ହାସଲ କରିବାକୁ ପ୍ରତିବଦ୍ଧ, ଏହା ନିଶ୍ଚିତ କରୁଛି ଯେ କେହି ପଛରେ ନ ପଡ଼ନ୍ତୁ ଏବଂ ପ୍ରଗତି ପ୍ରକୃତରେ ଅନ୍ତର୍ଭୁକ୍ତ। ପ୍ରଧାନମନ୍ତ୍ରୀ ପୁନଃ ଦୃଢ଼ୋକ୍ତି କରିଥିଲେ ଯେ ଏହି ସଂକଳ୍ପ ଆର୍ଚ୍ଚ୍ୟ ଶ୍ରୀ ବିଦ୍ୟାନନ୍ଦଜୀ ମୁନିରାଜଙ୍କ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ଏବଂ ଏକ ସହଭାଗୀ ଜାତୀୟ ପ୍ରତିବଦ୍ଧତା। ପ୍ରଧାନମନ୍ତ୍ରୀ କହିଥିଲେ, ତୀର୍ଥଙ୍କର, ସାଧୁ ଏବଂ ଆର୍ଚ୍ଚ୍ୟଙ୍କ ଶିକ୍ଷା ଏବଂ ବାଣୀ ପ୍ରତ୍ୟେକ ଯୁଗ ପାଇଁ କାଳଜୟୀ ଏବଂ ପ୍ରାସଙ୍ଗିକ। ଆଜି, ଜୈନ ଧର୍ମର ନୀତି - ଯେପରିକି ପାଞ୍ଚ ମହାବ୍ରତ, ଅଣୁବ୍ରତ, ତ୍ରିରତ୍ନ ଏବଂ ଛଅଟି ଅତ୍ୟାବଶ୍ୟକୀୟ- ପୂର୍ବ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ସେ କହିଥିଲେ ଯେ ସମୟର ଆବଶ୍ୟକତା ଅନୁଯାୟୀ ସାଧାରଣ ଲୋକଙ୍କ ନିକଟରେ ଚିରନ୍ତନ ଶିକ୍ଷା ପହଞ୍ଚାଇବା ଆବଶ୍ୟକ। ଶ୍ରୀ ମୋଦି ଆଲୋକପାତ କରିଥିଲେ ଯେ ଆର୍ଚ୍ଚ୍ୟ ଶ୍ରୀ ବିଦ୍ୟାନନ୍ଦ ଜୀ ମୁନିରାଜ ଏହି ଉଦ୍ଦେଶ୍ୟରେ ତାଙ୍କର ଜୀବନ ଏବଂ କାର୍ଯ୍ୟକୁ ଉତ୍ସର୍ଗ କରିଥିଲେ। ଶ୍ରୀ ମୋଦି କହିଛନ୍ତି, ଆର୍ଚ୍ଚ୍ୟ ଜୀ ଜୈନ ଶାସ୍ତ୍ରଗୁଡ଼ିକୁ କଥିତ ଭାଷାରେ ଉପସ୍ଥାପନ କରିବା ପାଇଁ 'ବଚନାମୃତ' ଅଭିଯାନ ଆରମ୍ଭ କରିଥିଲେ, ସେ ସାଧାରଣ ଲୋକଙ୍କ ନିକଟରେ ଆଧ୍ୟାତ୍ମିକ ଧାରଣାଗୁଡ଼ିକୁ ସରଳ ଏବଂ ସୁଗମ ଉପାୟରେ ପହଞ୍ଚାଇବା ପାଇଁ ଭକ୍ତି ସଙ୍ଗୀତର ମଧ୍ୟ ବ୍ୟବହାର କରିଥିଲେ। ଆର୍ଚ୍ଚ୍ୟଙ୍କ ଏକ ସ୍ତୋତ୍ରକୁ ଉଦ୍ଧୃତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏପରି ରଚନାଗୁଡ଼ିକ ଜ୍ଞାନର ମୁକ୍ତାରେ ନିର୍ମିତ ଆଧ୍ୟାତ୍ମିକ ମାଳା। ସେ କହିଛନ୍ତି ଯେ ଅମରତ୍ୱରେ ଏହି ସହଜାତ ବିଶ୍ୱାସ ଏବଂ ଅନନ୍ତ ଆଡକୁ ଦେଖିବାର ସାହସ ଭାରତୀୟ ଆଧ୍ୟାତ୍ମିକତା ଏବଂ ସଂସ୍କୃତିକୁ ପ୍ରକୃତରେ ଅସାଧାରଣ କରିଥାଏ। ଶ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ ଆର୍ଚ୍ଚ୍ୟ ଶ୍ରୀ ବିଦ୍ୟାନନ୍ଦ ଜୀ ମୁନିରାଜଙ୍କ ଶତବାର୍ଷିକୀ ବର୍ଷ ନିରନ୍ତର ପ୍ରେରଣାର ବର୍ଷ। ସେ କେବଳ ବ୍ୟକ୍ତିଗତ ଜୀବନରେ ଆର୍ଚ୍ଚ୍ୟଙ୍କ ଆଧ୍ୟାତ୍ମିକ ଶିକ୍ଷାକୁ ଗ୍ରହଣ କରିବା ନୁହେଁ ବରଂ ସମାଜ ଏବଂ ରାଷ୍ଟ୍ରର କଲ୍ୟାଣ ପାଇଁ ତାଙ୍କ କାର୍ଯ୍ୟକୁ ଆଗକୁ ବଢ଼ାଇବା ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ମୋଦି ସାହିତ୍ୟିକ କୃତି ଏବଂ ଭକ୍ତି ରଚନା ମାଧ୍ୟମରେ ପ୍ରାଚୀନ ପ୍ରାକୃତ ଭାଷାକୁ ପୁନର୍ଜୀବିତ କରିବାରେ ଆର୍ଚ୍ଚ୍ୟ ବିଦ୍ୟାନନ୍ଦ ଜୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ପ୍ରାକୃତ ହେଉଛି ଭାରତର ସର୍ବପୁରାତନ ଭାଷା ମଧ୍ୟରୁ ଗୋଟିଏ ଏବଂ ଜୈନ ଆଗମ ରଚିତ ଭଗବାନ ମହାବୀରଙ୍କ ଶିକ୍ଷାର ମୂଳ ମାଧ୍ୟମ। ସେ କହିଥିଲେ ଯେ ସାଂସ୍କୃତିକ ଅବହେଳା ଯୋଗୁଁ ଏହି ଭାଷା ସାଧାରଣ ବ୍ୟବହାରରୁ ଲୋପ ପାଇବା ଆରମ୍ଭ କରିଥିଲା। ଶ୍ରୀ ମୋଦି ଆହୁରି କହିଥିଲେ ଯେ ଆର୍ଚ୍ଚ୍ୟ ବିଦ୍ୟାନନ୍ଦ ଜୀଙ୍କ ପରି ସନ୍ଥଙ୍କ ପ୍ରୟାସ ଏବେ ଏକ ଜାତୀୟ ପ୍ରୟାସରେ ପରିଣତ ହୋଇଛି। ସେ ମନେ ପକାଇଥିଲେ ଯେ ଅକ୍ଟୋବର ୨୦୨୪ରେ ସରକାର ପ୍ରାକୃତକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ପ୍ରଦାନ କରିଥିଲେ। ସେ ଭାରତର ପ୍ରାଚୀନ ପାଣ୍ଡୁଲିପିକୁ ସଂରକ୍ଷଣ କରିବା ପାଇଁ ଆରମ୍ଭ ହୋଇଥିବା ଡିଜିଟାଇଜେସନ୍ ଅଭିଯାନ ବିଷୟରେ ଉଲ୍ଲେଖ କରିଥିଲେ, ଯେଉଁଥିରେ ଆର୍ଚ୍ଚ୍ୟଙ୍କ ସହିତ ଜଡିତ ବହୁ ସଂଖ୍ୟକ ଜୈନ ଶାସ୍ତ୍ର ଏବଂ ପାଠ ଅନ୍ତର୍ଭୁକ୍ତ ଥିଲା। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ସରକାର ଉଚ୍ଚଶିକ୍ଷାରେ ମାତୃଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି। ଲାଲକିଲ୍ଲାରୁ ତାଙ୍କ ଅଭିଭାଷଣକୁ ନିଶ୍ଚିତ କରି, ସେ ଦେଶକୁ ଉପନିବେଶବାଦର ମାନସିକତାରୁ ମୁକ୍ତ କରିବା ଏବଂ ବିକାଶ ଏବଂ ଐତିହ୍ୟ ଉଭୟକୁ ଏକାଠି ଅନୁସରଣ କରିବା ପାଇଁ ତାଙ୍କର ସଂକଳ୍ପକୁ ପୁନର୍ବାର ଦୋହରାଇଲେ। ଏହି ପ୍ରତିବଦ୍ଧତା ଭାରତର ସାଂସ୍କୃତିକ ଏବଂ ତୀର୍ଥସ୍ଥଳର ବିକାଶକୁ ମାର୍ଗଦର୍ଶନ କରେ, ଶ୍ରୀ ମୋଦି କହିଥିଲେ। ସେ ମନେ ପକାଇଲେ ଯେ ୨୦୨୪ ମସିହାରେ, ସରକାର ଆର୍ଚ୍ଚ୍ୟ ବିଦ୍ୟାନନ୍ଦଜୀ ମୁନିରାଜଙ୍କ ଦ୍ୱାରା ଅନୁପ୍ରାଣିତ ଏବଂ ଆର୍ଚ୍ଚ୍ୟ ଶ୍ରୀ ପ୍ରଜ୍ଞା ସାଗରଜୀଙ୍କ ପରି ସନ୍ଥଙ୍କ ଆଶୀର୍ବାଦରେ ଭଗବାନ ମହାବୀରଙ୍କ ୨୫୫୦ତମ ନିର୍ବାଣ ମହୋତ୍ସବ ପାଳନ ପାଇଁ ବଡ଼ ଧରଣର ଉତ୍ସବ ଆୟୋଜନ କରିଥିଲେ। ଆଗାମୀ ସମୟରେ, ଦେଶକୁ ଏହାର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିବା ପାଇଁ ଏପରି ବଡ଼ ଧରଣର ପ୍ରୟାସ କରିବାକୁ ପଡିବ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ବର୍ତ୍ତମାନର କାର୍ଯ୍ୟକ୍ରମ ପରି, ଏହିପରି ସମସ୍ତ ପଦକ୍ଷେପ ସବକା ସାଥ, ସବକା ବିକାଶ, ସବକା ପ୍ରୟାସ ମନ୍ତ୍ର ସହିତ ଜନଭାଗୀଦାରୀର ଆତ୍ମା ଦ୍ୱାରା ପରିଚାଳିତ ହେବ। ଏହି ଅବସରରେ କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ, ପୂଜ୍ୟ ସନ୍ଥ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଜୁଲାଇ ୨ରୁ ପ୍ରଧାନମନ୍ତ୍ରୀଙ୍କ...

ରାଷ୍ଟ୍ର ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି,ମହାକାଶ, ପ୍ରଯୁକ୍ତି ବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଏବଂ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ଆଦି କ୍ଷେତ୍ରରେ ରଣନୀତିକ ସହଭାଗିତାକୁ ବିସ୍ତାର କରିବା ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇବ। ଗସ୍ତର ଶେଷ ପର୍ଯ୍ୟାୟରେ ନାମିବିୟା ରିପବ୍ଲିକର ରାଷ୍ଟ୍ରପତି ମହାମହିମ ଡ.ନେତୁମ୍ବୋ ନନ୍ଦି-ଦାୟିତ୍ୱାହଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ଜୁଲାଇ ୫, ୨୦୨୫ରେ ନାମିବିୟାକୁ ସରକାରୀ ଗସ୍ତରେ ଯିବେ। ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ନାବିମିୟା ଗସ୍ତ ଏବଂ ଭାରତର ପ୍ରଧାନମନ୍ତ୍ରୀସ୍ତରୀୟ ତୃତୀୟ ଗସ୍ତ। ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନାମିବିୟା ରାଷ୍ଟ୍ରପତି ନନ୍ଦି- ଦାୟିତ୍ୱାହଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ପ୍ରଧାନମନ୍ତ୍ରୀ ମଧ୍ୟ ନାମିବିୟାର ପ୍ରତିଷ୍ଠାତା ଜନକ ତଥା ପ୍ରଥମ ରାଷ୍ଟ୍ରପତି ସ୍ୱର୍ଗତ ଡ.ସାମ ନୁଜୋମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ନାମିବିୟା ସଂସଦକୁ ମଧ ସେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ନାମିବିୟା ସହ ଭାରତର ଥିବା ଗଭୀର ଓ ଐତିହାସିକ ସମ୍ପର୍କକୁ ଦୋହରାଇବ।

### ପାକିସ୍ତାନରେ ଆତ୍ମଘାତୀ...

ତେବେ ଆଫଗାନିସ୍ତାନର ତାଲିବାନ ସରକାର ଏହାକୁ ଖଣ୍ଡନ କରି ଆସୁଛନ୍ତି। ନ୍ୟୁଜ୍ ଏଜେନ୍ସି ଏଏଫପିର ଏକ ତଥ୍ୟ ଅନୁସାରେ ଚଳିତ ବର୍ଷ ପ୍ରାରମ୍ଭରୁ ଏଯାବତ ଖାଇବର ପାଖତୁନଖ୍ୱା ପ୍ରଦେଶରେ ପାକିସ୍ତାନ ସରକାରଙ୍କ ବିରୋଧରେ ବିଦ୍ରୋହ କରୁଥିବା ସଶସ୍ତ୍ର ଗୋଷ୍ଠୀଙ୍କ ଆକ୍ରମଣରେ ୨୯୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ପାକିସ୍ତାନୀ ସେନାର ଯବାନ। ଗତ ମାର୍ଚ୍ଚ ମାସରେ ତେହରିକ ଇ ତାଲିବାନ ପାକିସ୍ତାନ ସହିତ ଜଡ଼ିତ ୧୦ ଆତଙ୍କବାଦୀଙ୍କୁ ମାରିଥିବା ନେଇ ପାକିସ୍ତାନୀ ସେନା ଦାବି କରିଥିଲା। ଦକ୍ଷିଣ ୱାଜିରିସ୍ତାନରେ ପାକିସ୍ତାନର ଅର୍ଦ୍ଧସାମରିକ ବଳ 'ଫ୍ରଣ୍ଟିୟର କର୍ପସ'ର ଏକ ଶିବିର ଉପରେ ଆତ୍ମଘାତୀ ଆକ୍ରମଣ ପରେ ସେନା ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେହି ମାସରେ ବଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ)ର ଏକ ଟିମ୍ ଜାଫର ଏକ୍ସପେସ ଟ୍ରେନରେ ଆକ୍ରମଣ କରିଥିଲେ। ସେଥିରେ ୨୧ ଜଣ ଯାତ୍ରୀ ଓ ଅର୍ଦ୍ଧସାମରିକ ବଳର ୪ ଜଣ ଯବାନ ନିହତ ହୋଇଥିଲେ। ପାକିସ୍ତାନରେ ଆତଙ୍କୀ କାର୍ଯ୍ୟକଳାପ ବଢିଛି। ଗ୍ଲୋବାଲ ଟେରୋରିଜିମ ଇଣ୍ଡେକ୍ସ ବା ବିଶ୍ୱ ଆତଙ୍କବାଦ ସୂଚକାଙ୍କ ୨୦୨୫ ଅନୁଯାୟୀ, ଆତଙ୍କୀ କାର୍ଯ୍ୟକଳାପ ଯୋଗୁ ପାକିସ୍ତାନରେ ମୃତ୍ୟୁ ସଂଖ୍ୟା ୨୦୨୩ ଅପେକ୍ଷା ୨୦୨୪ରେ ୪୫% ବୃଦ୍ଧି ପାଇଥିଲା। ୨୦୨୩ରେ ସେଠାରେ ଆତଙ୍କୀ ହମ୍ଲାରେ ୭୪୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୨୪ରେ ଏହି ସଂଖ୍ୟା ୧୦୮୧ ରହିଥିଲା। ଫଳରେ ପାକିସ୍ତାନ ସାରା ବିଶ୍ୱରେ ଆତଙ୍କବାଦୀଙ୍କ ହିଂସା ଦ୍ୱାରା ଦ୍ୱିତୀୟ ସର୍ବାଧିକ ପ୍ରଭାବିତ ଦେଶ ପାଲଟିଯାଇଥିଲା।

# ଅଟୋ ଓଲଟି ଜଣେ ମୃତ, ୧୦ ଗୁରୁତର

ବ୍ରହ୍ମପୁର, (ଡିକେ ନ୍ୟୁଜ): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଡଉଗାଁ ନିକଟରେ ଦୁର୍ଘଟଣା। ଅଟୋ ଓଲଟି ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଗୁରୁତର ହୋଇଛନ୍ତି। ମୃତକ ହେଲେ ଲକ୍ଷ୍ମୀପୁର ଗ୍ରାମର ୫୨ ବର୍ଷୀୟ ମାଲୁଣି ଦାସ। ଗୁରୁତରମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଶନିବାର ଏକ ଅଟୋ ଲକ୍ଷ୍ମୀପୁରରୁ ୧୨ଜଣ ଶ୍ରମିକଙ୍କୁ ଧରି ବାହାଡ଼ାଗୁଡା କେନାଲ କାମକୁ ଯାଉଥିଲା। ହେଲେ ହଠାତ ଦାନ ଗାଁ ନିକଟରେ ଜଣେ ଅଟୋରୁ ଖସି ପଡିବାରୁ ତାକୁ ଧରିବା ପାଇଁ ଅଟୋ ଋଳକ ଉଦ୍ୟମ କରିଥିଲେ। ଯାହା ଫଳରେ ଅଟୋଟି ଓଲଟି ପଡିଥିଲା। ଫଳରେ ଘଟଣାସ୍ଥଳରେ ହିଁ ଜଣକ ମୃତ୍ୟୁ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ସହ ଅଟୋକୁ ଜବତ କରି ତଦନ୍ତ ଚଳାଇଛି।

# ଟେମରା କରଲାଗୁଡା ରାସ୍ତାରେ ଆଣ୍ଠୁଏ କାଦୁଅ



ଧର୍ମଗଡ, (ଡିକେ ନ୍ୟୁଜ୍): ଚିତ୍ରରେ ଦେଖୁଥିବା ରାସ୍ତା କୌଣସି ଉପାନ୍ତ ଅଞ୍ଚଳର ନୁହେଁ। କୋକସରା ବ୍ଲକ ଟେମରା ପଞ୍ଚାୟତରୁ କରଲଗୁଡାକୁ ସଂଯୋଗ କରୁଥିବା ରାସ୍ତା। ବର୍ଷ ପରେ ବର୍ଷ ବିତୁଛି ନିର୍ବାଚନ ଆସୁଛି। ନିର୍ବାଚନ ଯାଉଛି। ନେତା ମନ୍ତ୍ରୀ ଆସୁଛନ୍ତି, ଯାଉଛନ୍ତି, ରାସ୍ତା, ଗାଁବିକାଶର ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ନିର୍ବାଚନ ପରେ ସବୁ ପ୍ରତିଶ୍ରୁତି ସତ୍ତ୍ୱେ ଯେମିତି ପାଣିର ଗାର ପାଲଟିଯାଉଛି। ଦୀର୍ଘ ଦଶନ୍ଧି ପରେ ମଧ ବଦଳି ପାରିଲା ନାହିଁ ଏହି ଗାଁକୁ ସଂଯୋଗ କରୁଥିବା ରାସ୍ତାର ଚିତ୍ର। ଟେମରା ପଞ୍ଚାୟତ ଅଧୀନରେ ରହିଛି କରଲଗୁଡା ଗାଁ, ଗ୍ରାମର ଜନସଂଖ୍ୟା ୧୦୦୦ରୁ ଉର୍ଦ୍ଧ୍ୱ ହେବ। ପଞ୍ଚାୟତ ଠାରୁ ମାତ୍ର ୨କିମି ହେବ। ପ୍ରତିବର୍ଷ ପଞ୍ଚାୟତ ଅନୁଦାନରୁ ଠିକାଦାର ପୋଷା ନିତିରେ ଏହି ରାସ୍ତାରେ ମାଟି ମୁରୁମ ପଡେ। ହେଲେ ବର୍ଷା ଦିନ ଆସିଲେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା ହୋଇପଡେ। ଗ୍ରାମର ଛାତ୍ରଛାତ୍ରୀ ସ୍କୁଲ କଲେଜ ଯିବା, ମେଡ଼ିକାଲକୁ ରୋଗୀ ଯିବା, ପିଡ଼ିଏସ ସାମଗ୍ରୀ ଆଣିବା ପାଇଁ ପଞ୍ଚାୟତକୁ ଯିବା, ବ୍ଲକ ସଦରକୁ ବିଭିନ୍ନ କାର୍ଯ୍ୟ ନେଇ ଯିବା ପାଇଁ ବର୍ଷା ଦିନେ ଆଣ୍ଠୁଏ କାଦୁଅ ରାସ୍ତା ଦେଇ ଯମ ଯନ୍ତଣା ଭୋଗି ଗ୍ରାମବାସୀଙ୍କୁ ଯିବାକୁ ପଡେ। କରଲାଗୁଡା ଗ୍ରାମବାସୀ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଟେମରା ଠାରୁ ଡେଙ୍ଗାଗୁଡାକୁ ସାମିଲ କରିବାକୁ ଦୀର୍ଘ ବର୍ଷ ହେବ ପ୍ରଶାସନ ଓ ନେତା ମନ୍ତ୍ରୀଙ୍କ ନିକଟରେ ଦାବି କରି ଆସୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। କୋକସରା ବ୍ଲକ ପ୍ରଶାସନ ପକ୍ଷରୁ ଗତ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ରାସ୍ତାକୁ ସଡକ ଯୋଜନାରେ ସାମିଲ କରିବାକୁ କୈଳାସ ଚଳାନ, ଦେବରାଜ ପଟେଲ, କୌଶିକ ଛାତ୍ରୀଆ, ମହେଶ୍ୱର ଦଳପତି, ଅଶୋକ ଦିଶାରୀ, ଶକ୍ତି ପୁଝାରି, ଈଶ୍ୱର ପୋଡ଼, ଗୌରାଙ୍ଗ ନାଏକ, ଧର୍ମୁ ପଟେଲ ପ୍ରମୁଖ ଗ୍ରାମବାସୀମାନେ ଲିଖିତ ଅଭିଯୋଗ କରିଛନ୍ତି। ଆଶା ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ଗ୍ରାମବାସୀଙ୍କ ରାସ୍ତା ସମସ୍ୟା ଦିଗରେ ଯତ୍ନବାନ ହୋଇ ରାସ୍ତା କଡରେ ପାଇଁ ବାଟ ଫିଟାଇବେ।







# ମାଷ୍ଟର୍ସ କପ୍ ହକି: ଓଡ଼ିଶା ମହିଳା ବିଜେତା




ଭୁବନେଶ୍ୱର, ୨୮।୬ (ହି.ସ): ଚେନ୍ନାଇରେ ଆୟୋଜିତ ମାଷ୍ଟର୍ସ କପ୍ ହକିରେ ଓଡ଼ିଶା ମହିଳା ଦଳ ବିଜେତା ହୋଇଥିଲା ବେଳେ ପୁରୁଷ ଦଳ ଚତୁର୍ଥ ସ୍ଥାନରେ ପଦକରୁ ବଞ୍ଚିତ ହୋଇଛି। ମହିଳା ଫାଇନାଲରେ ଓଡ଼ିଶା ୧-୦ ଗୋଲରେ ପଞ୍ଜାବକୁ ହରାଇଛି। କଡ଼ାସଂଘର୍ଷ ପୂର୍ଣ୍ଣ ଫାଇନାଲର ପ୍ରଥମ ଦୁଇ କ୍ୱାର୍ଟର ଗୋଲ୍ ଶୂନ୍ୟରେ ଶେଷ ହୋଇଥିଲା। ୩୪ତମ ମିନିଟରେ ଓଡ଼ିଶାକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ରଞ୍ଜିତା ବେକ୍ ଗୋଲରେ ପରିଣତ କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ ଦଳ ରକ୍ଷଣାତ୍ମକ ଖେଳି ବିପକ୍ଷ ଦଳକୁ ସୁଯୋଗ ଦେଇ ନଥିଲା। ଶେଷ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହେବାରୁ ଓଡ଼ିଶା ଏହି ପ୍ରତିଯୋଗିତାର ପ୍ରଥମ ସଂସ୍କରଣରେ ବିଜେତା ହେବାର ଗୌରବ ଅର୍ଜନ କରିଥିଲା। ତୃତୀୟ ସ୍ଥାନ ମୁକାବିଲାରେ ହରିୟାଣା ୪-୩ ଗୋଲରେ ତାମିଲନାଡୁକୁ ହରାଇ କାଂସ୍ୟ ଜିତିଥିଲା। ପୁରୁଷରେ ତାମିଲନାଡୁ ବିଜେତା ହୋଇଥିଲା ବେଳେ ଓଡ଼ିଶା ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି। ଶୁକ୍ରବାର ଫାଇନାଲରେ ତାମିଲନାଡୁ ୫-୦ ଗୋଲରେ ମହାରାଷ୍ଟ୍ରକୁ ମାତ ଦେଇଥିଲା। ତାମିଲନାଡୁର ଡି ମୁଥୁସେଲଭାନ (୩୦ ମିନିଟ୍), ଏସ୍ ସୁଦର୍ଶନ (୩୪ ମିନିଟ୍), ଗୋଥାମନ (୩୬ ମିନିଟ୍), ଥମରାଇକାନନ (୪୦ ମିନିଟ୍) ଓ ଭି ରାମଦଦୋସ (୫୨ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଏହା ପୂର୍ବରୁ ଖେଳାଯାଇଥିବା କାଂସ୍ୟ ମୁକାବିଲାରେ ଲାଜରୁସ ବାର୍ଲାଙ୍କ ନେତୃତ୍ୱାଧୀନ ଓଡ଼ିଶା ୧-୨ ଗୋଲରେ ଚଣ୍ଡିଗଡ଼ଠୁ ହାରି ପଦକ ହାତଛଡ଼ା କରିଛି। ପ୍ରଥମ କ୍ୱାର୍ଟର ଗୋଲ୍‌ଶୂନ୍ୟରେ ଶେଷ ହେବା ପରେ ଦ୍ୱିତୀୟ କ୍ୱାର୍ଟରରେ ରବୀନ୍ଦର ସିଂହ (୨୬ ମିନିଟ୍)ଙ୍କ ଫିଲ୍ଡ ଗୋଲରେ ଚଣ୍ଡିଗଡ଼ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ୪୪ତମ ମିନିଟରେ ଲାଧୁ ଏକ୍କା (୪୪ ମିନିଟ୍) ଗୋଲ୍ଟି ଶୁଝି ଓଡ଼ିଶା ପାଇଁ ଆଶା ସଞ୍ଚାର କରିଥିଲେ। ୫୨ତମ ମିନିଟରେ ଚଣ୍ଡିଗଡ଼କୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ହରବିନ୍ଦର ସିଂହ ଗୋଲରେ ପରିଣତ କରି ଚଣ୍ଡିଗଡ଼କୁ ବିଜୟ ଦିଗରେ ନେଇଥିଲେ। ଗୋଲ୍ ଶୁଝିବାକୁ ଓଡ଼ିଶା ଖେଳାଳି ବହୁ ଚେଷ୍ଟା କରିବା ସତ୍ତ୍ୱେ ବିଫଳ ହୋଇଥିଲା।

# ଏଜବାଷ୍ଟନ୍ ଟେଷ୍ଟ୍ ପ୍ରସ୍ତୁତି: ବୁମ୍ରା ଓ ବୋଲିଂ ୟୁନିଟ୍ ଚିନ୍ତା



ବର୍ମିଂହାମ୍, ୨୮।୬ (ହି.ସ): ଜୁଲାଇ ୨ ତାରିଖରୁ ଭାରତ-ଇଂଲଣ୍ଡ ଦ୍ୱିତୀୟ ଟେଷ୍ଟ୍ ଖେଳାଯିବ। ଏଥିପାଇଁ ଯଶପ୍ରୀତ ବୁମ୍ରାଙ୍କ ବୋଲିଂ ଅଭ୍ୟାସ ସହ ଭାରତୀୟ ଦଳ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ପ୍ରଥମ ଟେଷ୍ଟରେ ଭଲ ବ୍ୟାଟିଂ କରିବା ସତ୍ତ୍ୱେ ଦ୍ୱିତୀୟ ପାଳିରେ ପ୍ରଭାବୀ ବୋଲିଂ କରିପାରି ନଥିବା ଭାରତ ଏବେ ସଙ୍କଟରେ ପଡ଼ିଛି। ବିଶେଷ କରି ଭାରତର ଅଗ୍ରଣୀ ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ ବୁମ୍ରାଙ୍କ କାର୍ଯ୍ୟଭାର ପରିଚାଳନା ପାଇଁ ସେ ଏହି ଟେଷ୍ଟ୍ ଖେଳିବା ନେଇ ସ୍ପଷ୍ଟ ଚିତ୍ର ମିଳି ନଥିବାରୁ ବୋଲିଂ ୟୁନିଟ୍ ଉପରେ ସନ୍ଦେହ ଜାତ ହୋଇଛି। ଭାରତ ପ୍ରଥମ ଟେଷ୍ଟ୍ ହାରିସାରିଛି। ଶୃଙ୍ଖଳାକୁ ବରାବର ସ୍ତରକୁ ଆଣିବାକୁ ହେଲେ ଏଜବାଷ୍ଟନରେ ବିଜୟ ଆବଶ୍ୟକ ଥିବାରୁ ବୁମରାଙ୍କ ବସାଇବା ନିଷ୍ପତ୍ତି ବି ଅଡୁଆ ହେବ। ପ୍ରଥମ ଟେଷ୍ଟର ଅନ୍ତିମ ଦିବସରେ ବୁମ୍ରା ଶେଷ ଭାଗରେ ବୋଲିଂ କରିପାରି ନଥିଲେ। ୩୭୧ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ୨୮୬/୪ରେ ଥିବାବେଳେ ବୁମ୍ରା ୧୯-୩-୫୭-୦ ଚିତ୍ରରେ ଥାଇ ଆଉ ବୋଲିଂ ଆକ୍ରମଣରେ ଲାଗିପାରି ନଥିଲେ। ବିଜୟ ପାଇଁ ଆହୁରି ୮୫ ରନ୍ ଆବଶ୍ୟକ ଥିବାରୁ ଗୋଟିଏ ଦୁଇଟି ୱିକେଟ୍ ମ୍ୟାଚକୁ ରୋମାଞ୍ଚକ କରିପାରିଥାନ୍ତା। ଦ୍ୱିତୀୟ ନୂଆ ବଲ୍ ପାଇଁ ତାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଇଂଲଣ୍ଡ କିନ୍ତୁ ପରବର୍ତ୍ତୀ ୧୫ ଓଭରରେ ୪ରୁ ଊର୍ଦ୍ଧ୍ୱ ହାରରେ ୬୩ ରନ୍ ସଂଗ୍ରହ କରିନେଇଥିଲା। ନୂଆ ବଲ୍ ଆସିବା ବେଳକୁ ଆଉ ସମ୍ଭାବନା ନଥିବାରୁ ବୁମ୍ରାଙ୍କ ଆବଶ୍ୟକତା ପଡ଼ିନଥିଲା। ଏବେ ଏଜବାଷ୍ଟନରେ ୩୧ ବର୍ଷୀୟ ବୁମ୍ରାଙ୍କ ଖେଳିବା ଜରୁରି ରହିଛି। ପ୍ରଥମ ଟେଷ୍ଟର ଦ୍ୱିତୀୟ ପାଳିରେ ମହମ୍ମଦ ସିରାଜ ହତଭାଗ୍ୟ ଥିଲେ, ଭଲ ଲାଇନରେ ବୋଲିଂ କରିଥିଲେ ମଧ୍ୟ। ପ୍ରଥମ ପାଳି ବିଫଳତାକୁ ଦୂର କରିଥିଲେ ମଧ୍ୟ ସିରାଜ ସେତେ ସଫଳ ହୋଇ ନଥିଲେ। ତୃତୀୟ ଓ ଚତୁର୍ଥ ପେସ୍ ବୋଲର୍ ପ୍ରସିଦ୍ଧ କୃଷ୍ଣ ଓ ଶାର୍ଦ୍ଦୁଳ ଠାକୁର ବି ଅସରଦାର ରହିଥିଲେ। ଏହି ଦୁଇ ଜଣ ବି ମିଳିତ ଭାବେ ୧୬ ଟେଷ୍ଟ୍ ଖେଳି ଅପେକ୍ଷାକୃତ ଅନଭିଜ୍ଞ ରହିଛନ୍ତି। ଉଭୟ ମଧ୍ୟ ଓଭର ପିଛା ୫/୬ ରନ୍ ଉପରେ ରନ୍ ବ୍ୟୟ କରିଛନ୍ତି ଲିଡ୍ସରେ। ପ୍ରସିଦ୍ଧଙ୍କ ଉପରେ କିନ୍ତୁ ଭରସା ରଖିଛନ୍ତି ପୂର୍ବତନ ପେସ୍ ବୋଲର ଡୋଡା ଗଣେଶ। ଶାର୍ଦ୍ଦୁଳ ଠାକୁରଙ୍କ ବଦଳରେ କୁଲଦୀପ ଯାଦବଙ୍କୁ ଖେଳାଇବା ଦାବି ବି ଉଠିଛି। ରବୀନ୍ଦ୍ର ଜାଡ଼େଜା ମିତବ୍ୟୟୀ ବୋଲିଂ କରିଥିଲେ। ଲିଡ୍ସରେ ମୋଟ ୨୭.୪ ଓଭରରେ ୧୦୦ ରନ୍ ବିନିୟମରେ ୩ ୱିକେଟ୍ ନେଇଥିଲେ। ଦ୍ୱିତୀୟ ଟେଷ୍ଟ୍ ପାଇଁ ବି ୱାସିଂଟନ୍ ସୁନ୍ଦରଙ୍କ ନାମ ବିଚାରକୁ ନିଆଯାଉଛି। ସ୍ପିନ୍ ବୋଲିଂ ସହ ବ୍ୟାଟିଂ କ୍ଷମତା ବି ରଖିଛନ୍ତି। ଶୁକ୍ରବାର ଅଭ୍ୟାସ ଶିବିରରେ ଭାରତୀୟ ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମହମ୍ମଦ ସିରାଜ ନିଜ ବ୍ୟାଟିଂ ଉପରେ ବି ଢେର୍ ଫୋକସ କରିଥିଲେ। ଶୁବମନ ଗିଲ୍ ଓ ଋଷଭ ପନ୍ତ୍ ନେଟ୍ସରେ ଅଭ୍ୟାସ କରିଥିଲେ। ପୂର୍ବଦିନ ଭାରତୀୟ ଖେଳାଳିମାନେ ସତେଜ ହେବାକୁ ବର୍ମିଂହାମରେ ଆଡଭେଞ୍ଚର୍ ପାର୍କ ବୁଲିଥିଲେ। ବୁମ୍ରା ପ୍ରଥମ ଟେଷ୍ଟରେ ୪୪ ଓଭର ବୋଲିଂ କରିଥିବାରୁ ବର୍ମିଂହାମରେ ବିଶ୍ରାମ ନେବାର ଆବଶ୍ୟକତା ପଡୁଛି। କାରଣ ଏଜବାଷ୍ଟନ୍ ଟେଷ୍ଟର ୪ ଦିନ ପରେ ତୃତୀୟ ଟେଷ୍ଟ୍ ରହିଛି। ବ୍ୟାଟ୍ ଓ ବଲରେ ଭଲ କରିବା ସତ୍ତ୍ୱେ ଲିଡ୍ସ ଟେଷ୍ଟ୍ ହାରିବା କିନ୍ତୁ ଭାରତକୁ ଅଧିକ ଶୃଙ୍ଖଳିତ ପ୍ରଦର୍ଶନ ପାଇଁ ସଙ୍କଳ୍ପବଦ୍ଧ କରାଇବ ବୋଲି ବିଶ୍ୱାସ ହେଉଛି।

# ‘ଇଂଲଣ୍ଡରେ ଜିତିବାକୁ ହେଲେ କୁଲଦୀପଙ୍କୁ ଖେଳାଇବାକୁ ହେବ’




ନୂଆଦିଲ୍ଲୀ, ୨୮।୬ (ହି.ସ): ‘ଇଂଲଣ୍ଡରେ ବିଜୟୀ ହେବାକୁ ହେଲେ କୁଲଦୀପ ଯାଦବଙ୍କୁ ଖେଳାଳିବାକୁ ହେବ।’ ଏ କଥା କହିଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ମାଇକେଲ କ୍ଲାର୍କ। ପ୍ରଥମ ଟେଷ୍ଟରେ କେବଳ ଯଶପ୍ରୀତ ବୁମରା ହିଁ ଭଲ ବୋଲିଂ କରିଥିଲେ। ମାତ୍ର ଅନ୍ୟମାନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଲା। ତେଣୁ ଦଳ ମ୍ୟାଚ୍ ଜିତିବାରେ ସଫଳ ହୋଇ ନଥିଲା। କ୍ଲାର୍କ କହିଛନ୍ତି, ‘କୌଣସି ବ୍ୟକ୍ତିଙ୍କୁ କଠୋର ସମାଲୋଚନା କରିବାକୁ ଚାହେଁ ନାହିଁ। ମୋ ମତରେ କୁଲଦୀପଙ୍କୁ ଖେଳାଇବା ଉଚିତ। ସେ ଜଣେ ୱିକେଟ୍ ହାସଲକାରୀ ବୋଲର। ଭାରତ ବ୍ୟାଟିଂକୁ ଅଧିକ ଅଗ୍ରାଧିକାର ଦେଇ ଜଣେ ସ୍ପେଶାଲିଷ୍ଟ ସ୍ପିନରଙ୍କୁ ଖେଳାଇ ନଥିଲା। ଇଂଲଣ୍ଡରେ ଜିତିବାକୁ ହେଲେ ତୁମକୁ ୨୦ ୱିକେଟ୍ ନେବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।’

# ୨୦୨୯ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଆୟୋଜକ ଦେଶ ଭାବେ ଭାରତ ମନୋନୀତ




ନୂଆଦିଲ୍ଲୀ, ୨୮।୬ (ହି.ସ): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ୨୦୨୯ ମସିହାର ସମ୍ମାନଜନକ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଆୟୋଜକ ଦେଶ ଭାବେ ଭାରତ ମନୋନୀତ ହୋଇଥିବାରୁ ଖୁସି ବ୍ୟକ୍ତ କରି ଏହାକୁ ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି କହିଛନ୍ତି। ଏକ୍ସ ପ୍ଲାଟଫର୍ମରେ ଏକ ପୋଷ୍ଟରେ କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଏହା ପ୍ରତ୍ୟେକ ନାଗରିକଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ, କାରଣ ଭାରତକୁ ସମ୍ମାନଜନକ ୨୦୨୯ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଆୟୋଜକ ଦେଶ ଭାବରେ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ସମ୍ମାନଜନକ ନିଲାମ ଡାକ ଭାରତ ଜିତିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ନେତୃତ୍ୱରେ ନିର୍ମିତ ଆମର ବିଶାଳ କ୍ରୀଡ଼ା ଭିତ୍ତିଭୂମିର ଏକ ବିଶ୍ୱସ୍ତରୀୟ ସ୍ୱୀକୃତି। ୫୦ରୁ ଅଧିକ କ୍ରୀଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପୋଲିସ୍, ଅଗ୍ନିଶମ ଏବଂ ବିପର୍ଯ୍ୟୟ ମୁକାବିଲା ସେବାକୁ ଏକତ୍ର କରୁଥିବା କାର୍ଯ୍ୟକ୍ରମର ସ୍ଥାନ ଭାବରେ ଅହମ୍ମଦାବାଦ ଚୟନ ହେବା ଏକ କ୍ରୀଡା ଗନ୍ତବ୍ୟସ୍ଥଳ ଭାବରେ ବୃଦ୍ଧି ପାଉଥିବା ଭିତ୍ତିଭୂମିର ପ୍ରମାଣ। ୧୯୮୫ ମସିହାରୁ ପ୍ରତି ଦୁଇ ବର୍ଷରେ ଥରେ ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡ଼ାର ଆୟୋଜନ କରାଯାଉଛି। ଖେଳ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ଏହାର ୨୦ଟି ସଂସ୍କରଣ ଅନୁଷ୍ଠିତ ହୋଇଛି (ଆମେରିକା-୮ ଥର, କାନାଡା-୫ ଥର, ୟୁରୋପ-୪ ଥର, ବ୍ରିଟେନ-୨ ଥର ଏବଂ ଚୀନ୍-ଥରେ)। ଏହି ଖେଳଗୁଡିକ ପୋଲିସ୍/ଅଗ୍ନିଶମ/ଚିକିତ୍ସା/ଜରୁରୀକାଳୀନ/ବିପର୍ଯ୍ୟୟ ସେବାର କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ କର୍ମଚାରୀ ଏବଂ ପ୍ରଥମ ପ୍ରତିକ୍ରିୟାଶୀଳଙ୍କ ପାଇଁ ଉନ୍ମୁକ୍ତ। ଭାରତୀୟ ପୋଲିସ୍ ଦଳ ପ୍ରଥମେ ୨୦୦୭ରେ ଆଡିଲେଡ୍ ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡାରେ ଏହି ଖେଳରେ ଅଂଶଗ୍ରହଣ କରିଥିଲେ। ଶେଷ (୨୦ ତମ ସଂସ୍କରଣ) ବିଶ୍ୱ ପୋଲିସ ଏବଂ ଅଗ୍ନିଶମ କ୍ରୀଡା ଜୁଲାଇ ୨୬ରୁ ଅଗଷ୍ଟ ୬, ୨୦୨୩ ମଧ୍ୟରେ କାନାଡାର ୱିନିପେଗରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ୧୩୩ ଜଣ ଭାରତୀୟ ପୋଲିସ କ୍ରୀଡ଼ାବିତ ରେକର୍ଡ ୩୪୩ ପଦକ (ସ୍ୱର୍ଣ୍ଣ-୨୨୪, ରୌପ୍ୟ-୮୨, ବ୍ରୋଞ୍ଜ-୩୭) ଜିତିଥିଲେ। ୨୦୦୭ରେ ଅଂଶଗ୍ରହଣ କରିବା ପରଠାରୁ, ଭାରତୀୟ ପୋଲିସ ଦଳ ଖେଳର ୮ଟି ସଂସ୍କରଣରେ ୧୪୦୦ରୁ ଅଧିକ ପଦକ ଜିତିଛନ୍ତି। ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡା ପାଇଁ ଭାରତୀୟ ଦଳ ସେହି ବର୍ଷ ଅନୁଷ୍ଠିତ ବାର୍ଷିକ ଅଖିଳ ଭାରତୀୟ ପୋଲିସ୍ କ୍ରୀଡାରେ ଖେଳାଳିଙ୍କ ପ୍ରଦର୍ଶନ ଆଧାରରେ ଚୟନ କରାଯାଏ। ଦେଶରେ ପୋଲିସ୍ କ୍ରୀଡ଼ାର ଆୟୋଜନ ପାଇଁ ପରିଚାଳନା ସଂସ୍ଥା ଅଖିଳ ଭାରତୀୟ ପୋଲିସ୍ କ୍ରୀଡା ନିୟନ୍ତ୍ରଣ ବୋର୍ଡ, ଯେଉଁଥିରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ (ସିଏପିଏଫ), ରାଜ୍ୟ ପୋଲିସ୍ ବାହିନୀ ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିଗୁଡ଼ିକର ୫୩ଜଣ ସଦସ୍ୟ ସଂଗଠନ ଅଛନ୍ତି, ପ୍ରତିବର୍ଷ ୪୦ଟି ବାର୍ଷିକ ପୋଲିସ୍ କ୍ରୀଡା ଆୟୋଜନ କରନ୍ତି। ସେହି ବର୍ଷ ସର୍ବଭାରତୀୟ ପୋଲିସ୍ କ୍ରୀଡା ସମୟରେ ବିଭିନ୍ନ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ବିଶ୍ୱ ପୋଲିସ୍ ଏବଂ ଅଗ୍ନିଶମ କ୍ରୀଡା ଲାଗି ଭାରତୀୟ ଦଳ ପାଇଁ ମନୋନୀତ କରାଯାଏ।

# ‘କାଣ୍ଟା ଲଗା’ ଗାର୍ଲ ଶେଫାଳି ଜରିୱାଲାଙ୍କ ବିୟୋଗ



ମୁମ୍ବାଇ, ୨୮।୬ (ହି.ସ): ଅଭିନେତ୍ରୀ ତଥା ମଡେଲ ଶେଫାଳି ଜରିୱାଲ ଆଉ ନାହାନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ହଠାତ ସେ ସମସ୍ତଙ୍କୁ ଛାଡ଼ି ପରପାରିକୁ ଚାଲି ଯାଇଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୨ ବର୍ଷ ବୟସ ହୋଇଥିଲା। ତେବେ ସେ ହଠାତ କେମିତି ପ୍ରାଣ ହରାଇଲେ? ପ୍ରଥମେ ଏ ଖବର କିଏ ଦେଇଥିଲେ? ସେସବୁ କଥା ଶେଫାଳି ରହୁଥିବା ଆବାସିକ ସୋସାଇଟିର ୱାଚମ୍ୟାନ ଶତ୍ରୁଘ୍ନ ସମସ୍ତଙ୍କୁ ଜଣାଇଛନ୍ତି। ଶୁକ୍ରବାର ରାତିରେ ଶେଫାଳି ହୃଦଘାତର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶେଫାଳିଙ୍କୁ ହସ୍ପିଟାଲ ନିଆଯିବା ବେଳେ ଡ୍ୟୁଟିରେ ଥିଲେ ଶତ୍ରୁଘ୍ନ। ସେ ଘଟଣା ସମ୍ପର୍କରେ ମନେ ପକାଇ କହିଛନ୍ତି, ରାତି ପ୍ରାୟ ୧୦.୩୦ ହେବ। ଶେଫାଳି ଜୀଙ୍କୁ ହସ୍ପିଟାଲ ନିଆଯାଇଥିଲା। ଏହା ପୂର୍ବରୁ ରାତି ପ୍ରାୟ ୯ଟା ବେଳେ ତାଙ୍କ ସ୍ୱାମୀ ପରାଗ ତ୍ୟାଗୀ ବାଇକ ଯୋଗେ ଏଠାକୁ ଆସିଥିଲେ। ମୁଁ ହିଁ ତାଙ୍କ ପାଇଁ ଗେଟ ଖୋଲି ଥିଲି। ଚଳିତ ସପ୍ତାହ ଶେଫାଳି ଓ ପରାଗଙ୍କୁ ସେ ଦେଖିଥିବା ମଧ୍ୟ କହିଛନ୍ତି। ଶତ୍ରୁଘ୍ନ କହିଛନ୍ତି, ପ୍ରାୟ ୨ ଦିନ ତଳେ ଗୋଟିଏ ସନ୍ଧ୍ୟା ବେଳେ ଶେଫାଳି ଓ ପରାଗ ନିଜର କୁକୁରକୁ ଧରି ସୋସାଇଟି ପରିସରରେ ବୁଲୁ ଥିଲେ। ଶେଫାଳିଙ୍କୁ ହସ୍ପିଟାଲକୁ ନିଆଯିବାର କିଛି ସମୟ ପରେ ପୋଲିସ୍ ଓ ଫରେନ୍ସିକ ଟିମ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଶତ୍ରୁଘ୍ନ କହିଛନ୍ତି, ଶୁକ୍ରବାର ରାତିରୁ ପୋଲିସ୍ ଘର ଭିତରେ ରହିଛି। ଦୁଇଟି ଫରେନ୍ସିକ ଗାଡ଼ି ଆସିଥିଲା। ଗୋଟିଏ ଚାଲି ଯାଇଥିବା ବେଳେ ଆଉ ଗୋଟିଏ ଏବେ ବି ଏଠାରେ ରହିଛି। ଶେଫାଳିଙ୍କ ମୃତ୍ୟୁ ଖବର ମିଳିବାର ମୁହୂର୍ତ୍ତ କେମିତି ଥିଲା ବୋଲି ପ୍ରଶ୍ନରେ ଶତ୍ରୁଘ୍ନ କହିଛନ୍ତି, ତାଙ୍କୁ ହସ୍ପିଟାଲ ନିଆଯିବା ପରେ ଜଣେ ବ୍ୟକ୍ତି ବାଇକ ଧରି ଆସିଥିଲେ। ସେ ଶେଫାଳି ଜୀଙ୍କ ବନ୍ଧୁ ଥିଲେ। ସେ ଆମକୁ ଶେଫାଳି ଆଉ ନଥିବା କହିଥିଲେ। ଆମେ ଏକଥାକୁ ଶୁଣି ଆଦୌ ବିଶ୍ୱାସ କରି ପାରି ନଥିଲୁ। କାରଣ ମ୍ୟାଡାମଙ୍କୁ ଆମେ ଦୁଇ ଦିନ ତଳେ ଦେଖିଥିଲୁ ଓ ଏବେ ସେ ଆଉ ନାହାନ୍ତି ବୋଲି ଖବରକୁ ଆମେ ସହଜରେ ଗ୍ରହଣ କରିପାରି ନଥିଲୁ। ଶୁକ୍ରବାର ରାତିରେ ଶେଫାଳି ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ୱାମୀ ପରାଗ ତୁରନ୍ତ ବେଲ୍ଲେଭ୍ୟୁ ମଲଟିସ୍ପେଶାଲିଟୀ ହସ୍ପିଟାଲକୁ ନେଇ ଯାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କିପର ହସ୍ପିଟାଲକୁ ପଠାଯାଇଛି। ଶେଫାଳି ୨୦୦୨ ମସିହାର କାଣ୍ଟା ଲାଗ ଭଳି ସୁପର ହିଟ ଗୀତ ଓ ଆଉ କିଛି ଫିଲ୍ମରେ ନଜର ଆସିଥିଲେ। ବିଗ ବସ୍ ୧୩ରେ ଭାଗ ନେଇ ଶେଫାଳି ବେଶ ଚର୍ଚ୍ଚା ସାଉଁଟି ଥିଲେ।

# କମଲ ହାସନ, ଆୟୁଷ୍ମାନ ଖୁରାନାଙ୍କୁ ଓସ୍କାର ସଦସ୍ୟତା ଲାଗି ନିମନ୍ତ୍ରଣ



ମୁମ୍ବାଇ, ୨୮।୬ (ହି.ସ): ଓସ୍କାର ଏକାଡେମୀର ସଦସ୍ୟ ହେବେ ଦେଶର ଅନ୍ୟତମ ଲୋକପ୍ରିୟ ଅଭିନେତା କମଲ ହାସନ ଓ ଆୟୁଷ୍ମାନ ଖୁରାନା। ଓସ୍କାର ଏକାଡେମୀ ଏହି ଦୁଇ ଅଭିନେତାଙ୍କୁ ସଦସ୍ୟତା ପାଇଁ ନିମନ୍ତ୍ରଣ ପଠାଇଛି। ଉଭୟଙ୍କୁ ଏକାଡେମୀ ନିଜର କଳାକାର ଶାଖାରେ ସଦସ୍ୟତା ପାଇଁ ନିମନ୍ତ୍ରଣ ପଠାଇଛି। ସେହିପରି, ଫିଲ୍ମ ନିର୍ମାତା ପାୟଲ କପାଡ଼ିଆଙ୍କୁ ଲେଖକ ଶାଖାରେ ସଦସ୍ୟତା ପାଇଁ ନିମନ୍ତ୍ରଣ ଦେଇଛି ଏକାଡେମୀ। ଏହା ପୂର୍ବରୁ ଅନୁରାଗ କଶ୍ୟପ, ଅନୁପମ ଖେର, ବିଦ୍ୟା ବାଲନ, ଜୋୟା ଅଖତର, ତାମିଲ ଅଭିନେତା ସୂର୍ଯ୍ୟାଙ୍କ ଭଳି ସେଲିବ୍ରିଟିଙ୍କୁ ଏକାଡେମୀର ସଦସ୍ୟତା ନିମନ୍ତେ ନିମନ୍ତ୍ରଣ ମିଳିଥିଲା। ସିନେମା ଜଗତରେ ଏହି ସଦସ୍ୟତାକୁ ଖୁବ୍ ସମ୍ମାନଜନକ ଭାବେ ବିବେଚନା କରାଯାଏ। ଓସ୍କାର ପୁରସ୍କାର ବିଶ୍ୱର ସବୁଠୁ ପ୍ରତିଷ୍ଠିତ ସିନେମା ସମ୍ମାନ ଭାବେ ବିବେଚିତ। ଏକାଡେମୀ ଅଫ୍ ମୋସନ ପିକ୍ଚର ଆର୍ଟସ୍ ଆଣ୍ଡ ସାଇନ୍ସେଜ୍ ଏହି ସମ୍ମାନ ପ୍ରଦାନ କରେ। ଏହି ପୁରସ୍କାର ଏକାଡେମୀ ଆୱାର୍ଡ ନାମରେ ସର୍ବବିଦିତ। ଏଥିରେ ଫିଲ୍ମ ନିର୍ମାଣ ଜଗତର ଭିନ୍ନ ଭିନ୍ନ ମୋଟ୍ ୧୯ଟି ଶାଖା ଅଛି। ଅଭିନୟ, ନିର୍ଦ୍ଦେଶନା, ସଙ୍ଗୀତ ଓ ସିନେମାଟୋଗ୍ରାଫି ଭଳି ବିଭାଗରେ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଏ। ବିଶ୍ୱରେ ସିନେମା ସହ ସଂଶ୍ଳିଷ୍ଟ ଲୋକ ଏକାଡେମୀର ଅଲଗା ଅଲଗା ବ୍ରାଞ୍ଚର ସଦସ୍ୟ ଅଛନ୍ତି ଏବଂ ନିଜ ବ୍ରାଞ୍ଚରେ ଓସ୍କାର ନୋମିନେସନ୍ ପାଇଁ ଭୋଟ୍ କରନ୍ତି। ଏହା ଜରିଆରେ ବିଭିନ୍ନ ବିଭାଗ ପାଇଁ ବିଜେତାଙ୍କୁ ଚୟନ କରାଯାଏ। ଏହି ପ୍ରକ୍ରିୟା ଯୋଗୁ ଓସ୍କାରକୁ ଅନ୍ୟ ଫିଲ୍ମ ପୁରସ୍କାର ତୁଳନାରେ ଅଧିକ ସମ୍ମାନ ପ୍ରଦାନ କରାଯାଏ। ଏକାଡେମୀର ସଦସ୍ୟଙ୍କ ମୁଖ୍ୟ କାମ ହେଉଛି ସେମାନେ ନିଜ ବ୍ରାଞ୍ଚରେ ଓସ୍କାର ନୋମିନେସନ୍ ପାଇଥିବା ଫିଲ୍ମ ପାଇଁ ଭୋଟ୍ କରନ୍ତି ଏବଂ ଚୂଡ଼ାନ୍ତ ବିଜେତା ଚୟନ କରନ୍ତି। ଅର୍ଥାତ ଏ ବର୍ଷ ଅଭିନେତା ଶାଖାରେ ଏକାଡେମୀର ସଦସ୍ୟତା ପାଇଥିବା କମଲ ହାସନ ଓ ଆୟୁଷ୍ମାନ ଖୁରାନା ଶ୍ରେଷ୍ଠ ଅଭିନେତା ବିଭାଗରେ ଓସ୍କାର ପୁରସ୍କାର ପାଇଁ ନୋମିନେଟ୍ ହୋଇଥିବା ଅଭିନେତାଙ୍କ ପାଇଁ ଭୋଟ୍ କରିବେ। ଅନ୍ୟକୁ ଜଜ୍ କରିବା ପାଇଁ ସିନେମାରେ ନିଜ ନିଜ କ୍ଷେତ୍ରରେ ପର୍ଯ୍ୟାପ୍ତ ଅନୁଭବ ଓ ଜ୍ଞାନ ଥିବା ବ୍ୟକ୍ତିଙ୍କୁ ହିଁ ସଦସ୍ୟତା ପାଇଁ ଏକାଡେମୀ ଚୟନ କରେ।

# ଜେଲରୁ ଜ୍ୟାକଲିନଙ୍କୁ ଚିଠି ଲେଖିଲା ଠକ ସୁକେଶ

ମୁମ୍ବାଇ, ୨୮।୬ (ହି.ସ): ଠକେଇ ଅଭିଯୋଗରେ ୨୦୧୫ରୁ ଗିରଫ ହୋଇଥିବା ସୁକେଶ ଚନ୍ଦ୍ରଶେଖର ଜେଲରେ ଥିବା ସମୟରେ ମଧ୍ୟ ଖବରର ଶିରୋନାମାରେ ରହିଛି। ସୁକେଶ ପ୍ରାୟତଃ ଜେଲରୁ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜଙ୍କୁ ଚିଠି ଲେଖୁଛି ଏବଂ ଉପହାର ପଠାଉଛି। ଆଉ ଏଥିପାଇଁ ଜ୍ୟାକଲିନ୍ ମଧ୍ୟ ଚର୍ଚ୍ଚାରେ ରହିଛନ୍ତି। ଏଥର ସୁକେଶ ଜ୍ୟାକଲିନଙ୍କୁ ଉପହାର ଦେବାକୁ ପ୍ରସ୍ତାବ ଦେଇଛି। କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ଅଭିଯୁକ୍ତ ସୁକେଶ ଜେଲରୁ ଜ୍ୟାକଲିନଙ୍କ ପାଇଁ ଏକ ଚିଠି ଲେଖିଛି। ସୁକେଶ ବର୍ତ୍ତମାନ ଦିଲ୍ଲୀର ମଣ୍ଡୋଲି ଜେଲରେ ରହିଛି। ଚିଠିରେ ସେ ଜ୍ୟାକଲିନଙ୍କୁ ବେବି ଗର୍ଲ ଏବଂ ଲାଲ ପରୀ ଭାବରେ ମନେ ପକାଇଛି। ସେ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ଜ୍ୟାକଲିନଙ୍କ ଉପସ୍ଥିତିକୁ ମଧ୍ୟ ପ୍ରଶଂସା କରିଛି। ସୁକେଶ ତାଙ୍କ ଚିଠିରେ ଜ୍ୟାକଲିନଙ୍କ ସଦ୍ୟ ମୁକ୍ତିଲାଭ କରିଥିବା ଫିଲ୍ମ ‘ହାଉସଫୁଲ-୫’କୁ ମଧ୍ୟ ପ୍ରଶଂସା କରିଛି। ସୁକେଶ ଜ୍ୟାକଲିନଙ୍କୁ ସରପ୍ରାଇଜ ଦେବାକୁ ଯୋଜନା କରିଛନ୍ତି। ଜ୍ୟାକଲିନଙ୍କ ପାଇଁ ସୁକେଶ ଏକ କଷ୍ଟମାଇଜଡ୍ ଟେସଲା ସାଇବର ଟ୍ରକ୍ କିଣିଥିବା ଜଣାପଡ଼ିଛି। ସୁକେଶ ତାର ଚିଠିରେ ଲେଖିଛି ଯେ, ଏହି ଉପହାର ଜ୍ୟାକଲିନଙ୍କ ଜନ୍ମଦିନ ପୂର୍ବରୁ ଭାରତରେ ପହଞ୍ଚିବ। ଏହି ଟ୍ରକ୍ ଜ୍ୟାକଲିନଙ୍କ ସଫଳତା ପାଇଁ। ଜ୍ୟାକଲିନଙ୍କ ପାଖରେ ଏହି କାର ରହୁ ବୋଲି ସେ ଚିଠି ମାଧ୍ୟମରେ ନିଜର ଆଶା ବ୍ୟକ୍ତ କରିଛି। ସୁକେଶ ଆହୁରି ଲେଖିଛି, ‘ହୁଏତ ମୋ ପ୍ରେମକୁ କେହି ବୁଝିପାରିବେ ନାହିଁ। କିନ୍ତୁ ମୋ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ନୁହେଁ, କାରଣ କେବଳ ତୁମେ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ। ମୁଁ ତୁମକୁ ସ୍ୱତନ୍ତ୍ର ଅନୁଭବ କରାଇବାକୁ ଚାହୁଁଛି। ମୁଁ ତୁମକୁ ଭଲପାଏ ବେବି ଗର୍ଲ, ମୋର ଲାଲ ପରୀ। ଯେଉଁମାନେ ଆମର ପ୍ରେମ କାହାଣୀର ମଜା ଉଡ଼ାଉଛନ୍ତି, ସେମାନେ ଆମର କାହାଣୀକୁ ଇତିହାସ ସୃଷ୍ଟି କରୁଥିବାର ଦେଖିବେ।’


କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik